ନଗର ମନ୍ଥନ

ଓ. ପି. ଶର୍ମା 'ସାରଥି'

Digitized by PPRACHIN, SOA

Digitized by PPRACHIN, SOA

ନଗର-ମନ୍ଥନ

Digitized by PPRACHIN, SOA

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନକୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମରେ ରକ୍ଷିତ, ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷୀ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷୀମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲେଖନକଳାର ପ୍ରାଚୀନତମ ଚିତ୍ରରୂପ ।

Digitized by PPRACHIN, SOA

ନଗର-ମନ୍ଥନ

ଓ. ପି. ଶର୍ମା 'ସାରଥି'

ଅନୁବାଦ

ପ୍ରତଭ୍ ଶତପଥୀ

ସାହିତ୍ୟ ଅକାଦେମି

Digitized by PPRACHIN, SOA

NAGAR-MANTHAN : Oriya translation by Pratibha Satpathy of O. P. Sharma 'Sarathi's Sahitya Akademi award-winning Dogri novel NANGA RUKH, Sahitya Akademi, New Delhi, 1992. Rs 30. 00

© ସାହିତ୍ୟ ଅକାଦେମି
ISBN 81-7201-254-3
ପ୍ରଥମ ପ୍ରକାଶ : ୧୯୯୨

ସାହିତ୍ୟ ଅକାଦେମି
ରବୀନ୍ଦ୍ର ଭବନ, ୩୫ ଫିରୋଜ ଶାହ ରୋଡ଼, ନୂଆଦିଲ୍ଲୀ ୧୧୦ ୦୦୧

ବିକ୍ରୟ କେନ୍ଦ୍ର :'ସ୍ୱାତି', ମନ୍ଦିର ମାର୍ଗ, ନୂଆଦିଲ୍ଲୀ ୧୧୦ ୦୦୧

ଶାଖା ଅଫିସ :
ଜୀବନତାରା ଭବନ ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼,
କଲିକତା ୭୦୦ ୦୫୩

'ଗୁନା ବିଲ୍ଡିଂ', ଦ୍ୱିତୀୟ ମହଲ, ୩୦୪-୩୦୫, ଆନା ସାଲାଇ,
ତେୟନାମ୍‌ପେଟ୍, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର, ବମ୍ବେ ୪୦୦୦୧୪
ଏ ଡି ଏ ରଙ୍ଗମନ୍ଦିର, ୧୦୯ ଜେ. ସି. ରୋଡ଼, ବାଙ୍ଗାଲୋର ୫୬୦୦୦୨

ମୂଲ୍ୟ : ୩୦ ଟଙ୍କା

ମୁଦ୍ରଣ :
ଜନପଦ ପ୍ରେସ୍, ଭୁବନେଶ୍ୱର-୭୫୧୦୦୩

Digitized by PPRACHIN, SOA

ଲେଖକ ପରିଚୟ

ଓ. ପି. ଶର୍ମା, 'ସାରଥୀ' ଡୋଗ୍ରୀର ଜଣେ ଜଣାଶୁଣା ଔପନ୍ୟାସିକ, କ୍ଷୁଦ୍ରଗଳ୍ପ ଲେଖକ ଓ ନାଟ୍ୟକାର । ତାଙ୍କର ଜନ୍ମ ୧୯୩୩ ମସିହାରେ । ସେ ଡୋଗ୍ରୀର 'ଶିରୋମଣି' ପରୀକ୍ଷାରେ ଅନର୍ସ ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚିତ୍ରକଳାରେ ଡିପ୍ଲୋମା କରିଛନ୍ତି । ଜାମ୍ମୁର କାଉନସିଲ୍ ଅଫ୍ ସାଇଣ୍ଟିଫିକ୍ ଓ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଅଧୀନରେ ଥିବା ଆଞ୍ଚଳିକ ଗବେଷଣାଗାରରେ ଜଣେ ଚିତ୍ରକର ଭାବରେ, ବୈଷୟିକ ସ୍ତରର ବୈଜ୍ଞାନିକ ରୂପେ ସେ କାମ କରୁଛନ୍ତି । ୨୦ ବର୍ଷରୁ ଅଧିକ କାଳ ହେଲା ସେ ଲେଖୁଛନ୍ତି, ଡୋଗ୍ରୀ ଭାଷାରେ ତାଙ୍କର ୫ଟି ଉପନ୍ୟାସ, ୨ଟି ଗଳ୍ପ ସଙ୍କଳନ, ୩ଟି କବିତା ସଙ୍କଳନ ପ୍ରକାଶିତ । ୧୯୭୯ରେ ଏହି ଉପନ୍ୟାସ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । 'ସୁକ୍ଲା ବରନ୍ଦ' ନାମକ ତାଙ୍କର ଗଳ୍ପ ସଙ୍କଳନ ୧୯୭୨ରେ ଜାମ୍ମୁ କାଶ୍ମୀର କଳା ସଂସ୍କୃତି ଓ ଭାଷା ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା ।

Digitized by PPRACHIN, SOA

୧

ସେ ଶିବ ନୁହନ୍ତି ।

ସେ ଜଣେ ଲେଖକ । କିନ୍ତୁ ତାଙ୍କୁ ଗରଳ ପିଇବାକୁ ହେଲା ।

ସେ ଶୁଣିଥିଲେ ଯେ ବହୁକାଳ ପୂର୍ବେ ଥରେ ସମୁଦ୍ର ମନ୍ଥନ ହୋଇଥିଲା । ସେଥିରେ ଦୁଇଟି ପକ୍ଷ ଥିଲେ—ଏକ ପକ୍ଷରେ ଦେବତାମାନେ ଅନ୍ୟ ପକ୍ଷରେ ଅସୁର-ମାନେ । ସମୁଦ୍ର ମନ୍ଥନରୁ ବାହାରିଲା ବିଷ ଆଉ ଅମୃତ । କିନ୍ତୁ ଏବକାର ନଗର ମନ୍ଥନରେ କିଏ ଦେବତା କିଏ ଅସୁର ଚିହ୍ନିବା କଷ୍ଟକର । ନଗର ମନ୍ଥନରୁ ଅନେକ, ଅନେକ ଜିନିଷ ଜାତ ହେଲା, ସେସବୁ ରାସ୍ତାଘାଟ ଉପରେ ବିସ୍ତୃତ ହୋଇପଡ଼ିଲା ।

ଆଖି ଉପରେ ମସୃଣ ଲେନ୍ସ ନ ପଡ଼ି ପଡ଼ିଥିଲା ଲୋଭ ଓ କାମନାର ପ୍ରଚ୍ଛନ୍ନ ଉତ୍ତାପ । ପାଟି ଭିତରେ କୋମଳ ଜିହ୍ୱା ସ୍ଥାନରେ ଥିଲା ଦି'ପାଖ ଧାରୁଆ ଖଡ଼୍ଗ, ହୃଦ ସ୍ଥାନରେ ଥିଲା ଶୂଳ । ହାତ ଜାଗାରେ ଥିଲା କୋନ୍ତ ଓ ଗୋଡ଼ ଜାଗାରେ ଆତ୍ମ ସନ୍ଧାନର ଆଶାବାଡ଼ି । ଏଗୁଡ଼ିକ ନଗର ମନ୍ଥନର ତାତ୍ପର୍ଯ୍ୟପୂର୍ଣ୍ଣ ଉଚ୍ଛିଷ୍ଟ ଖଣ୍ଡି । ଦୁର୍ଗନ୍ଧ ଭର୍ତ୍ତି ଚଉଆଡ଼େ ମାଡ଼ିଗଲା—ଯାହା ଶ୍ୱାସରୁଦ୍ଧ କରିଦିଏ ଅଥଚ ମରିଯିବାକୁ ଅନୁମତି ଦିଏନା ।

ଅନେକ ଦିନ ପରେ ସେ ନିଜ ଘରୁ ବାହାରିଲେ । ତାଙ୍କ ଘରକୁ ଯିବାର ଗଳି ରାସ୍ତା କାନ୍ଦୁଥିଲା, ବାହୁନୁଥିଲା, ତାର ପଞ୍ଜରା ବାହାରି ପଡ଼ିଥିଲା । ରାସ୍ତାରେ ଥିଲା ଛୋଟ ଛୋଟ ଗାଡ଼—ଗାଡ଼ଗୁଲାର ଗାତ ଓ ରାସ୍ତାର ଦି'କଡ଼ ଝାଇ ଝାଇ ଯାଇଥିଲା । ରାସ୍ତାର ଏସବୁ କ୍ଷତ ଉପରେ କାଳେ ପାଦ ପଡ଼ିଯିବ ବୋଲି ବାଟୋଇମାନେ ସାବଧାନ ହୋଇ ଚାଲୁଥିଲେ । ଆଖପାଖରେ ପ୍ରଶାନ୍ତ ଘର ଗୁଡ଼ିକ ରାସ୍ତାର ଏ ଦୁରବସ୍ଥା ଦେଖି କୁଣ୍ଠିତ ହେଉଥିଲେ ।

ହଠାତ୍ କ'ଣ ଗୋଟାଏ ଶବ୍ଦରେ ଚମକି ପଡ଼ି ଠିଆ ହେଲେ । ଚଉଆଡ଼କୁ ଚାହିଁଲେ, ଫେସନବାଲା କୋଡା ପିନ୍ଧି ମୁହଁ ଓ ଦାନ୍ତରେ ପାଉଡ଼ର ବୋଳି ହାନ୍ଦିଥିବା

Digitized by PPRACHIN, SOA

ଯୁବତୀଟିର ପାଦ ଖସିଗଲା ଏବଂ ସେ ପଡ଼ିଗଲା । ସେ ଉଠିବାକୁ ଚେଷ୍ଟା କରୁଥିଲା । ମାତ୍ର ସମସ୍ତ ଚେଷ୍ଟା ସତ୍ତ୍ୱେ ଉଠିପାରୁ ନଥିଲା । ଝିଅଟି ପାଖକୁ ସେ ଗଲେ । କିନ୍ତୁ ତାର ଅର୍ଦ୍ଧନଗ୍ନ ବକ୍ଷକୁ ଦେଖି ଦ୍ୱିଧାବୋଧ କଲେ । ତାପରେ ? ସେ ଦେଖିଲେ ତାର ଗୋଟିଏ ପାଖ ବକ୍ଷୋଜ ଯଥା ସ୍ଥାନରେ ଅଛି କିନ୍ତୁ ଅନ୍ୟଟି ଘାଗ୍ରା ମଝିରେ ଥିବା ଗାଡ଼ ଭିତରେ ଖସିପଡ଼ିଛି । ଝିଅଟି ତାକୁ ଉଠାଇ ବ୍ଲାଉଜ ଭିତରେ ପୂରାଇ ଦେବାକୁ ଚେଷ୍ଟା କରୁଛି ।

“କ'ଣ ଦେଖୁଛ ତୁମେ ! ଉଠିବାରେ ସାହାଯ୍ୟ କର ।” ସ୍ୱରଟି କୋଉଠୁ ଆସିଲା ଠାବ କରିବାକୁ ସେ ଚାରିଆଡ଼କୁ ଚାହିଁଲେ । ଝିଅଟି କହିଲା—“ମୁଁ କହୁଛି । ମୁଁ ଝିଅ ନୁହେଁ—ପୁଅଟେ, ଝିଅ ଭଳି ବେଶ୍ ହୋଇଛି ।”

ସେ ଆଗେଇ ଯାଇ ଲୋକଟିକୁ ଉଠିବାରେ ସାହାଯ୍ୟ କଲେ ।

“ତୁମେ ଏମିତି ବେଶ କାହିଁକି ହୋଇଛ ?” ପଚାରିଲେ ।

“ଚାକିରି ପାଇଁ । ଝିଅମାନେ ଚାକିରି ପାଇବା ସହଜ ବୋଲି ଲୋକେ କହନ୍ତି”—ଲୋକଟି ତାର ପାତଳ ଚୁଡ଼ିଦାରକୁ ଝାଡ଼ୁ ଝାଡ଼ୁ କହିଲା ।

“ଚାକିରି ପାଇଲ ?”

“ନା—ପାଇନାହିଁ । ମାଲିକ ବିଦ୍ରୂପ କଲା । କହିଲା, ତୁମର ନାରୀ ସୁଲଭ ଗୁଣ ନାହିଁ—ମୁଁ ଯାଏ । ପ୍ରଥମେ ସେଇ ଗୁଣକୁ ହାସଲ କରିବାକୁ ହେବ ।”

ତାଙ୍କୁ ହସ ମାଡ଼ିଲା । କିନ୍ତୁ ଓଠ ଦେଇ ହସକୁ ପ୍ରକାଶ କରିବାକୁ ସେ ଦେଲେ ନାହିଁ । ନଗର ମନ୍ଥନ ପରେ ନଗର ଭିତରେ ହସିବା ନିୟମ ବିରୁଦ୍ଧ । ଯଦି ହସ ମାଡ଼ିବ, ନିର୍ଜ୍ଜନିଆ ଜାଗାକୁ, ନଗର ସୀମା ବାହାରକୁ, ଜଙ୍ଗଲକୁ ଯିବ, ତେବେ ଯାଇ ହସିବ ।

“ବର୍ତ୍ତମାନ କ'ଣ କରିବାକୁ ହେବ ?” ସେ ପଚାରିଲେ ।

“ମୋ ସ୍ୱଭାବ ବଦଳାଇ ଦରକାରୀ ଗୁଣ ହାସଲ କରିବାକୁ ଚେଷ୍ଟା କରିବି । ନହେଲେ ଭିକ ମାଗିବା ଛଡ଼ା ବଞ୍ଚିବାର ଅନ୍ୟ ପନ୍ଥା ନାହିଁ ।” ଏତିକି କହି ଝିଅବେଶ-ଧାରୀ ପୁଅଟି ଚାଲିଗଲା ।

ତା ପଛେ ପଛେ ଯିବାକୁ ଭାବି ସେ ପାଦ ପକାଇଛନ୍ତି କି ନାହିଁ—କୋଉଠୁ ଚାରି ପାଞ୍ଚଜଣ ସୈନିକ ଆସି ତାଙ୍କୁ ଘେରିଗଲେ । ସେ ଗୁମନାଁ ହୋଇଗଲେ । ସେମାନେ ସମସ୍ତେ ହସୁଥିଲେ ।

Digitized by PPRACHIN, SOA

"ତୁମେ ନା ?" ତାଙ୍କ ଭିତରୁ ଜଣେ ପଚାରିଲା ।

"ଭାରତ ।" ସେ କହିଲେ ।

"ଏଇଟା କ ନାଁ ? ମନେରଖ କୌଣସି ପଡ଼ିଯିବା ଲୋକକୁ ତୁମେ ଭବିଷ୍ୟତରେ କଦାପି ସାହାଯ୍ୟ କରିବ ନାହିଁ ।"

"କାହିଁକି ?"

"କାରଣ ଯାହାକୁ ଉଠିବାରେ ସାହାଯ୍ୟ କରିବ, ସେ ବାରବାର ପଡ଼ିଯିବାକୁ ଅଭ୍ୟାସ କରିବ ଆଉ ପ୍ରତଥର ସାହାଯ୍ୟ ନେବ, ଶେଷରେ ସାହାଯ୍ୟ ଉପରେ ନିର୍ଭର କରିବା ଅଭ୍ୟାସ ହୋଇଯିବ । ବୁଝିଲ ?"

ଏଇ କାରଣଟି ତାଙ୍କୁ ଭଲ ଲଗିଲ । ସେ କହିଲେ, "ତୁମେମାନେ ଭାରି ବୁଦ୍ଧିଆର ଓ ସଚେତନ ଯୁବକ । ତୁମମାନଙ୍କର ଏ ଧାରଣା ପୂରାପୂରି ଠିକ୍ ।"

"ହଁ, ନଗର ମନ୍ଥନରୁ ଜାଗରଣର ଏକ ସ୍ରୋତ ବାହାରିଛି । ସାମାଜିକ ପରିବେଶ ଦ୍ୱାରା ଆମେ ବହୁଦିନ ହେଲ ଚୁପିହୋଇ ରହିଥିଲୁ । କିନ୍ତୁ ଏବେ ଆମେ ସବୁ ସଚେତନ ଯୁବକ ।

"କ'ଣ ? ସଚେତନ ଯୁବକ ?"

"ହଁ, ଆମେ ସଚେତନ, ଆମେ ଅନ୍ୟମାନଙ୍କ ଚେତନାକୁ ମଧ୍ୟ ଜାଗ୍ରତ କରୁଛୁ ।"

ତାହେଲେ ଏମାନେ ଝିଅ ! କିନ୍ତୁ କେମିତିକା ଝିଅ ? ଏମାନଙ୍କ ଆଖିରେ ସ୍ନେହ ନାହିଁ—ଓଠରେ ନାହିଁ କୋମଳତା, ଗୋଲପର ବାସ୍ନା ନାହିଁ । ନାହିଁ ନାରୀ ସୁଲଭ ଚେହେରା । ଅଉ ବକ୍ଷ ସ୍ଥଳରେ ଏମାନଙ୍କର ସ୍ତନ ଆଦୌ ନାହିଁ ।

ବର୍ତ୍ତମାନ ସେ ଗଳିରୁ ଆସି ରାସ୍ତାରେ ଉଠିଲେ । ବହୁପ୍ରକାର ପୋଷାକ ପିନ୍ଧା ଲୋକଙ୍କ ଦ୍ୱାରା ରାସ୍ତା ଭର୍ତ୍ତି । ନିଏ ନାରୀ କିଏ ପୁରୁଷ ଚିହ୍ନିବା ତାଙ୍କ ପକ୍ଷେ କଷ୍ଟକର ହେଲ—ସେମାନେ ସବୁ ଗତିଶୀଳ—ସତେ କି ଯୋ କେଶମାନ ଦୌଡ଼ୁଥିବା ଭଳି ଦିଶୁଛନ୍ତି ।

ସେମାନଙ୍କ ଭିତରୁ କେତେକଙ୍କୁ ସେ ନିରୀକ୍ଷଣ କଲେ, ସେମାନଙ୍କ ଆଖି ଚିତାଭଳି ତାଙ୍କ ବ୍ୟକ୍ତିତ୍ୱକୁ ବିଦ୍ଧ କରୁଛି । ସେମାନଙ୍କ ଚାଲିବା ଅନଭ୍ୟସ୍ତ ଓ ଅଦ୍ଭୁତ—ଯେମିତିକି ସେମାନେ ମାଗି ଆଣିଥିବା ଗୋଡ଼ରେ ପାହୁଣ୍ଡ ପକାଉଛନ୍ତି । ସେ ଗୋଡ଼ ଗୁଡ଼ିକ ତାଙ୍କୁ ଖାପ୍ ଖାଉନାହିଁ ।

Digitized by PPRACHIN, SOA

ଦୋକାନ ବଜାର ସବୁ ସୁମଣ୍ଡିତା କନ୍ୟା ପରି ବେଶ ହୋଇ ଗ୍ରାହକ-ପ୍ରେମିକ-ମାନଙ୍କ ଆଗମନକୁ ସତେ କି ଅପେକ୍ଷା କରି ରହିଥିଲେ । ଯାହାହେଲେ ବି ଗୋଟିଏ ଅଲଗା କଥା ସେ ଲକ୍ଷ୍ୟ କଲେ—ଏହି ଦୋକାନ ଗୁଡ଼ିକ ଖୁବ୍ ଚକ୍‌ଚକ୍ ମାରୁଛନ୍ତି । ରାସ୍ତାରେ ଯା'ଆସ କରୁଥିବା ବିଭିନ୍ନ ଆକାରର ପ୍ରତିବିମ୍ବ ଦୋକାନରେ କାଚ ଉପରେ ପଡ଼ୁଛି ।

ଗୋଟିଏ ଖୋଲା ଜାଗାରେ ଅଧ ଡ଼ଜନେ ଲୋକ ଠିଆ ହୋଇଛନ୍ତି—ନିଜ ଲମ୍ବାଠୁ ଦ୍ୱିଗୁଣ ଆକାରର ବାଡ଼ି ସବୁ ଧରିଛନ୍ତି ଆଉ ଦୋକାନ ଲୋକରେ ହାତ ଧରି, ଯାତାୟାତ କରୁଥିବା ଲୋକଙ୍କୁ ନିରୀକ୍ଷଣ କରୁଛନ୍ତି । ସେଇଠାରୁ କିଛି ଦୂରରେ ଗୋଟିଏ ଝର୍କା ସାମ୍ନାରେ ଲମ୍ବା କ୍ୟୁ ଲାଗିଛି । ବାଡ଼ି ଧରିଥିବା ଗୋଟିଏ ଯୁବକକୁ ସେ ପଚାରିଲେ, "ଏଠି କ'ଣ ହେଉଛି ? ଲୋକେ କ'ଣ ପାଉଛନ୍ତି ସେଠାରୁ ?"

ଲୋକଟି ବିରକ୍ତ ହୋଇ ଭୂଇଁରେ ବାଡ଼ି ପିଟିବାକୁ ଯାଉଥିଲା, କିନ୍ତୁ ଭୂଇଁରେ ନୁହେଁ ବାଡ଼ି ତା' ନିଜ ପାଦରେ ପିଟି ହୋଇଗଲା । ଭୟଙ୍କର ବିରକ୍ତିରେ ସେ ଉତ୍ତର ଦେଲା, "ଏଠି ଗୋଟେ ଜୀବନ୍ତ ନାଚ ହବ ।"

"ଆଚ୍ଛା, ମଲାଲୋକଙ୍କ ନାଚ ଭଳି କିଛି ନାଚ ମଧ୍ୟ ଅଛି କି ?" ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ବାଡ଼ି ଧରିଥିବା ଲୋକ ଇସାରା ଦେଲା ଓ ତା ସାଙ୍ଗମାନଙ୍କ ମଧ୍ୟରୁ ଜଣେ ତାଙ୍କ ବାହୁଧରି ଭିଡ଼ି ଭିଡ଼ି ରାସ୍ତା ମଝିରେ ଆଣି ଛାଡ଼ିଦେଲା ।

"ଏଠି ତୁମେ କ'ଣ କରୁଛ—କାହାହେଇ ଛିଡ଼ା ହେଇଛ ?" ଶ୍ରଦ୍ଧାସହ ନିଏ ଏକଥା ପଚାରିଲେ ସେ ତାଙ୍କ ପଡ଼ୋଶୀ ।

"ମୁଁ ସେ ପୋଷ୍ଟରକୁ ଦେଖୁଛି ।" ସେ ଉତ୍ତର ଦେଲେ ।

"ଏଭଳି ବିଶାଳ ଓ ଭୟଙ୍କର ଚିତ୍ର ମୁଁ କେବେ ଦେଖିନାହିଁ । ଭୂତର ମୁଖା ପିନ୍ଧି, ହାତରେ ତୀକ୍ଷ୍ଣ ଉନ୍ମୁକ୍ତ ଛୁରି ଧରିଥିବା ଗୋଟେ ଅଧାଉଲଙ୍ଗ ନର୍ତ୍ତକୀ ସହ ଜଣେ ହୃଷ୍ଟପୁଷ୍ଟ ଯୁବକ ଆଣ୍ଠେଇ ପଡ଼ି ନମ୍ର ଭାବରେ କଥା ହଉଛି ।"

"ଏଇ ସ୍ତ୍ରୀଲୋକ ହତ୍ୟାକରେ ।" ତାଙ୍କ ପଡ଼ୋଶୀ କହିଲେ ।

"କାହାକୁ ?" ସେ ବିସ୍ମୟରେ ପଚାରିଲେ ।

"ଏଇ ଯୁବକକୁ—ସେ ପ୍ରତିଦିନ ହତ୍ୟା କରେ ।"

Digitized by PPRACHIN, SOA

"ପ୍ରତିଦିନ, ଆଜି ଯେ ମରେନା ?"

ତାଙ୍କ ପଡ଼ୋଶୀ ମୂର୍ତ୍ତି ହସି ବୁଝାଇଲେ "ନାଟକରେ ଯୁବକର ମୁଣ୍ଡକୁ ଯେ ପ୍ରତିଦିନ କାଟିଦିଏ, ସୁଦ୍ଧେ ନାଟକରେ ଅଭିନୟ କରନ୍ତି ।"

"କ୍ୟୁରେ ଛିଡ଼ା ହୋଇଥିବା ଏଇ ଲୋକେ ସେମାନଙ୍କୁ ଷ୍ଟେଜରେ ଦେଖିବାକୁ ଆସିଛନ୍ତି ।"

"ହଁ ତାଙ୍କ ଅଭିନୟ ଷ୍ଟେଜରେ ଦେଖିବାକୁ ଆସିଛନ୍ତି ।"

"ସମଗ୍ର ନଗରଟା ଆଜି ମତେ ଷ୍ଟେଜ ପରି ଲାଗୁଛି ।" ସେ କହୁଥିଲେ । ତାଙ୍କ ପଡ଼ୋଶୀ ତାଙ୍କୁ ତତ୍‌କ୍ଷଣାତ୍ ବାଧାଦେଲେ । "ରାସ୍ତା ଉପରଷ୍ଟାରେ ନଗର ବିଷୟରେ ତୁମେ କିଛି ବି କହିବା ଆଦୌ ଉଚିତ ନୁହେଁ ।"

"କାହିଁକି ନୁହେଁ ?" ସେ ବରଂ ଜୋରରେ ପଚାରିଲେ ।

ପାଟିରେ ତାଙ୍କର ହାତପାପୁଲି ଚାପିଧରି ପଡ଼ୋଶୀ ତାଙ୍କୁ ବନ୍ଦ କଲେ । କହିଲେ, "ଯଦି ନଗର ବିଷୟରେ କହିବ ଲୋକେ ତୁମକୁ ପାଗଳ ଭାବିବେ । କାଳେ ତୁମେ ସେମାନଙ୍କର କ୍ଷତି କରିବ ବୋଲି ହୁଏତ କେତେଜଣ ତୁମକୁ ଧରିନେଇ ତାଲି ବନ୍ଦ କରିଦେବେ—

ସେ ନୀରବ ହେଲେ । କିନ୍ତୁ ଭିତରେ ଭିତରେ ବିଚଳିତ ହେବାକୁ ଲାଗିଲେ । ଯେଉଁ ନଗରରେ ସେ ରହୁଛନ୍ତି, ସେଠି କଣ ସବୁ ଘଟୁଛି—କ'ଣ ପରିବର୍ତ୍ତନ ହେଉଛି ? ଲୋକେ କେମିତି ହଇରାଣ ହେଉଛନ୍ତି—ଏଇଭଳି ପ୍ରଶ୍ନ ସବୁ ତାଙ୍କ ମନରେ ଭଉଁରି କାଟୁଥାଏ । ତଥାପି ତାଙ୍କର କହିବାର ବା ଚିତ୍କାର କରିବାର ଅଧିକାର ନାହିଁ ।

ସହର ବାହାରେ ଗୋଟିଏ ପ୍ରଶସ୍ତ ନୀରବ ରାସ୍ତାଥିଲା । କେବେ କେମିତି ଯାଉଥିବା ଯାନବାହନର ସାମୟିକ ଦୀର୍ଘଶ୍ୱାସ ଶୁଣାଯାଉଥିଲା, ନହେଲେ ଭାଗ୍ୟକୁ ଆଦରି ସେ ରାସ୍ତା ପଡ଼ିରହୁଥିଲା । ଏଇ ନିର୍ଜନ ରାସ୍ତାରେ ନଗର ବିଷୟରେ କଥାବାର୍ତ୍ତା କରିହେବ । ସେମାନେ ଏବେ ଏଇ ରାସ୍ତାରେ ଧୀରେ ଧୀରେ ଚାଲୁଛନ୍ତି, ଯେପରି କି ରାସ୍ତାର ହୃତ୍‌ସ୍ପନ୍ଦନକୁ ଗଣୁଛନ୍ତି—କାଳେ କୋଉଠି ସ୍ପନ୍ଦନଟିଏ ଗଣି ନ ହେବ !

ହଠାତ୍ ପଡ଼ୋଶୀ ରହିଗଲେ, ଉପରକୁ ଚାହିଁ କହିଲେ, "ଦେଖ ।" ସେ ଦେଖିଲେ । ଦେଖିଲାଭଳି କିଛିନଥି ଶହେଗଜ ଉଚ୍ଚା ଚାନ୍ଦ ଆଉ ପ୍ରବନ୍ଧ କରିଦେଲା ଭଳି ସୁନ୍ଦର ! "ଏତେ ବଡ଼ ଚାନ୍ଦ ଏଠାକୁ କିପରି ଆସିଲା ? କିଏ ଏଠି ଏହାକୁ ରଖିଛି ?" ସେ ପଚାରିଲେ ।

Digitized by PPRACHIN, SOA

"କିଛୁଦିନ ହେଲା ଯେଉଁ ଛନ୍ଦ ଏଠାରେ ଅଛି—ସମସ୍ତଙ୍କୁ ମର୍ମସ୍ପର୍ଶ କରୁଛି ! ନୂଆ ରଙ୍ଗ ! ନୂଆ କଥାବସ୍ତୁ । ନୂଆ ଛନ୍ଦୋଧାରା । କଳ୍ପନାର ବହୁମୁଖୀକର, ଅତୀତର ଢୋଲାଢିଲାଙ୍କର ରଙ୍ଗରେ ରଞ୍ଜିତ ।" ତାଙ୍କ ପଡ଼ୋଶୀ କହିଲେ ।

ସେମାନେ ସେ ବସ୍ତିର ଛକଟି ପାଖକୁ ଗଲେ ଆଉ ତାକୁ ଶୁଣି ରହିଲେ । ତାଙ୍କ ଅବଧାରଣାକୁ କଥାବସ୍ତୁଟି ପସନ୍ଦ କରିଦେଲା । ଛବିଟି ସୁନ୍ଦର—ପାଖ ଲୋକେ ସଙ୍ଗୀତଜ୍ଞ ଆଖିବୁଜି ପାଟି ମେଲି କରି କିଛି ସଙ୍ଗୀତ ଉଚ୍ଚାରଣ କରୁଥିଲେ । ସଙ୍ଗୀତ ସାଧନାରେ ସେମାନେ ଯେ ପୂରାପୂରି ନିମଗ୍ନ, ସେମାନଙ୍କ ହାବଭାବରୁ ତାହାହିଁ ଜଣାପଡୁଥିଲା । କିନ୍ତୁ ସେମାନଙ୍କ ହାତରେ ବାଦ୍ୟଯନ୍ତ୍ର ପରିବର୍ତ୍ତେ ଥିଲା ହାତୀର ଦାନ୍ତ—ବଡ଼ ବଡ଼ ଦାନ୍ତ ସବୁ ଆଉ ସେମାନେ ସେଗୁଡ଼ିକ ବୁଢ଼ାଙ୍କ ପରି ବଜାଇ ଗୀତ ଗାଉଥିଲେ ।

"ମୁଁ ବିଭ୍ରାନ୍ତ ହୋଇଯାଉଛି । ଗାୟକମାନେ ଓ ସେମାନଙ୍କର ବସିବା ଓ କହିବାର ଭଙ୍ଗୀ ଠିକ୍ ଅଛି, କିନ୍ତୁ ହାତୀଦାନ୍ତ କ'ଣ ବାଦ୍ୟଯନ୍ତ୍ର ହୋଇପାରେ ?" ସେ କହିଲେ ।

"ହାତୀଦାନ୍ତ ଗୁଡ଼ାକରୁ ସଙ୍ଗୀତ ବାହାରିବ ନାହିଁ, କିନ୍ତୁ ଦିଶୁଛି ଭଲ ! ନୁହେଁ କି ?" ତାଙ୍କ ପଡ଼ୋଶୀ ପ୍ରତ୍ୟୁତ୍ତର ଦେଲେ ।

"ତୁମେ କ'ଣ ହାତୀର ଦୁଇଭଳି ଦାନ୍ତ ଥାଏ ବୋଲି ଶୁଣିଛ ? ଗୋଟିଏ ଭଳି ପଦାକୁ ଦିଶେ, ଅନ୍ୟ ଭଳିଟି ଭିତରେ ଥାଏ ।"

"ତୁମେ କହୁଚ, ସେମାନେ ଗାୟକ ନୁହନ୍ତି, ଖାଲି ଦେଖେଇ ହଉଚନ୍ତି ?" ସେ ପଚାରିଲେ ।

ପଡ଼ୋଶୀ ମୁରୁକି ହସିଲେ "ହଁ, ସେକଥା ଠିକ୍ ! ନଗର ମନ୍ଦନ ପରେ ବର୍ତ୍ତମାନ ଗୋଟିଏ ଧାରଣା ହେଉଛି ଯେ ଯଦି ଜଣେ କାନ୍ଧରେ ହାତୀର ଦାନ୍ତ ଧରି ପ୍ରଥା ଯୋଗ୍ୟ ଭାବଭଙ୍ଗୀ ଦେଖାଇ ପାରିବ, ତେବେ ସେ ଗାୟକ ରୂପେ ପରିଗଣିତ ହେବ ।"

"ପ୍ରକୃତ ଗାୟକଙ୍କର କ'ଣ ହେବ ତା'ହେଲେ ?"

"ନଗର ବାହାରେ ଗୋଟିଏ ନୂଆ ବାସୋପଯୋଗୀ ସ୍ଥାନ ତିଆରି ହେବ ବୋଲି କହୁଚନ୍ତି । ସେଠାରେ ସେହି ସମସ୍ତଙ୍କର ଉପକରଣ ସବୁ ଦରକାର ପଡ଼ିବ, ବାଲି

Digitized by PPRACHIN, SOA

ସେଥି ଦରକାର ହେବ । ପ୍ରକୃତ ଗାୟକମାନେ ସେଇ ଜାଗାକୁ ଗଧ ପିଠିରେ ବାଜି ବାଦ୍ୟମାନ ବୁହାଇ ଯୋଗାଇବେ ”

ଆଳାପରେ ମଜ୍ଜିଯାଇ ଦୁହେଁଯାକ ରାସ୍ତା ମଝିକୁ ମାତ୍ର ଆସିଲେ ଓ କଥାବାର୍ତ୍ତାରେ ଏମିତି ଭୋଳ ଥିଲେ ଯେ ତାଙ୍କ ଆଗରେ ବ୍ରେକ୍ କଷିଥିବା ଗାଡ଼ିର ହର୍ଣ୍ଣକୁ ଶୁଣିପାରି ନଥିଲେ । ଗାଡ଼ିଚାଳକ ରାଗ ତମତମ ହୋଇ ଓହ୍ଲାଇ ପଡ଼ି ତାଙ୍କ କଲରକୁ ଧରି ପକାଇଲା ।

“ଡ୍ରାଇଭର ବାବୁ, ସେ ତୁମକୁ କ’ଣ ଅପମାନ ଦେଲେ କି ?” ପଡ଼ୋଶୀ ଉତ୍ତେଜିତ ହୋଇ ପଚାରିଲେ । “କୁଦାରୁ ବାହାରିଥିବା ସେ ଲୋକଟା କିଏ ? କୋଉଠି ଠିଆ ହୋଇଛି ମୁଁ ଦେଖିପାରୁନି, ଠିକ୍ ରାସ୍ତା ମଝିଟାରେ !”

“ଦୟାକରି ତାଙ୍କୁ କ୍ଷମା କରି ଦିଅ । ସେ ଜାଣିପାରି ନାହାନ୍ତି । ଏଇ ଭୁଲ ଆଉ ଥରେ ହବ ନାହିଁ ।”

“ସେଇଟା ଭୁଲ ନୁହେଁ । ସେ ଗୋଟେ ପାପ । ସେ କ’ଣ ଜାଣିନି ଯେ ଚାଳକ ଓ ଯାନବାହନ ପାଇଁ ଥିବା ନିୟମକାନୁନ ପୁରା ବଦଳି ଯାଇଛି ? ପୂର୍ବରୁ ଥିଲା ଯେ ଡ୍ରାଇଭର ରାଜପଥ ରାସ୍ତାରେ ଠିଆ ହୋଇଥିବା କିମ୍ବା ଚାଲୁଥିବା ପ୍ରତ୍ୟେକ ଲୋକ ହୁଏତ ଅନ୍ଧ ହୋଇପାରିଥାଏ । ନୂଆ ନିୟମ ଅନୁସାରେ ରାସ୍ତାରେ ଚାଲୁଥିବା ବା ଠିଆ ହୋଇଥିବା ପ୍ରତ୍ୟେକ ଲୋକ ପ୍ରତିଟି ଗାଡ଼ି ଓ ଚାଳକକୁ ଅନ୍ଧ ବୋଲି ଭାବି ବ୍ୟବହାର କରିବା କଥା । ଏକଥା ମନେରଖ—ଭବିଷ୍ୟତ ପାଇଁ ସବୁବେଳେ ମନେରଖ ।”

ଡ୍ରାଇଭର ତା’ କ୍ରୋଧକୁ କୁଆଡ଼େ ବିଦାୟ ଦେଇ ତାଙ୍କୁ ଛାଡ଼ିଦେଲା, ତା’ପରେ ନିଜ ଆସନକୁ ଫେରିଯାଇ ଥୁ କରି ଛେପ ପକାଇ ଗାଡ଼ି ଚଳାଇ ଚାଲିଗଲା ।

“ସେ କ’ଣ କହିଲା” ଭ୍ରୂକୁଞ୍ଚିତ ହୋଇ ମୋ ତାଙ୍କ ପଡ଼ୋଶୀଙ୍କୁ ପଚାରିଲେ । “ସେ କହିଲା, ସାବଧାନ ଥିବ, ପ୍ରତିଟି ଗାଡ଼ି ଚାଳକ ଅନ୍ଧ ଆଉ ତା’ ଆଗରେ ପଡ଼ିଲେ ମୋ କୌଣସି ଲୋକ ଉପରେ ଚଢ଼ିଯିବ । ଚାଲ ଆମେ ଆଗକୁ ଯିବା ।” ପଡ଼ୋଶୀ ଉତ୍ତର ଦେଲେ ।

ସନ୍ଧ୍ୟା ନଇଁ ଆସୁଥିଲା । ଖୁବ୍ ଶୀଘ୍ର ଅନ୍ଧାର ହୋଇଯିବ । ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ଜ୍ୱଳଜ୍ୱଳ ଅକ୍ଷର ପୁରିଏ ଛବି ଓ ପୋଷ୍ଟର ସେମାନେ ଦେଖିବାକୁ ଚାହିଁଲେ । କିନ୍ତୁ ସେଥିପାଇଁ ସମୟ ଦରକାର । ତେଣୁ ସେମାନେ ଠିକ୍ କଲେ ଯେ ଅନ୍ୟ କୋଉଦିନ ସକାଳେ ପୁଣି ଆସିବେ ।

Digitized by PPRACHIN, SOA

ନଗର ଆଡ଼କୁ ଗଲାବେଳେ ବେଶି ଆଲୋକ ହେଲା । ଭିତର ଅନ୍ଧାର ନାହିଁ ? ଗଳିଆଡ଼େ ଏତେ ବେଶି ଆଲୁଅ—ଏତେ ବେଶି, କଠୋର ଓ ଉଜ୍ଜଳ ଯେ ଆଖିକୁ ବାଧୁଛି ।

ଦୋକାନ ଓ ବଜାର ଅଞ୍ଚଳ ଏବେ ଆହୁରି ଆକର୍ଷଣୀୟ ହୋଇ ଉଠିଛି । ଗତିଶୀଳ ଲୋକମାନେ ଅଧିକ ସୁନ୍ଦର ଦିଶୁଛନ୍ତି—ଲୁଗାପଟା ପିନ୍ଧି ନଥିବା, ଗୋଡ଼ ଥିବା ଆଉ ଆଶାବାଡ଼ି ଧରିଥିବା ମୋଟାମୋଟା ଓ ପତଳା ଲୋକସବୁ ଆଲୋକର ସୌନ୍ଦର୍ଯ୍ୟରେ ଗାଧୋଇ ପଡ଼ୁଛନ୍ତି ଯେମିତି !

ସେ କିଛି କହିବାକୁ ଚାହୁଁଥିଲେ କିନ୍ତୁ ନଗରର ଛକଯାଏ ନୀରବ ହୋଇ ରହିଲେ, ଛକଠାରେ ଜଣେ ଟ୍ରାଫିକ୍ କନେଷ୍ଟବଳ ଠିଆ ହୋଇଥିଲା, ତା ମୁଣ୍ଡ ଉପରେ ଇଲେକ୍ଟ୍ରିକ୍ ବଲ୍ବଟାଏ ଜଳୁଥିଲା । ସେ ବେଶି ବେଳ ସମ୍ଭାଳି ନପାରି ମହାଯାତ୍ରୀଙ୍କୁ କହିଲେ "ମନ୍ଥନ ପରେ ଆମ ନଗରୀ ଦୁଇ ଭାଗରେ ବିଭକ୍ତ ହୋଇଛି ।"

"କ'ଣ ତୁମେ କହୁଚ ?" ତାଙ୍କ ପଡ଼ୋଶୀ, ଯେକି ଅଣ୍ଟାଠାରୁ ଉପରକୁ ଦୁଗ୍ଧପରି ଦିଶୁଥିବା ସ୍ତ୍ରୀଲୋକର ଗୋଡ଼କୁ ଅନାଇଁ ରହିଥିଲେ, ତାଙ୍କ ଆଡ଼କୁ ବୁଲିପଡ଼ିଲେ ।

"ଆମ ଆଖପାଖ ଅଞ୍ଚଳ ଓ ଆମ ନଗରୀ ବର୍ତ୍ତମାନ ବାଣ୍ଟି ହେବାପରେ ଆଲୋକର ଅଭାବ ଦେଖନ୍ତି ନାହିଁ । କିନ୍ତୁ ଏଠାକାର କୌଣସି ଗଳିକନ୍ଦି ବି ଅନ୍ଧାର ନୁହେଁ ।"

"ଆମ ଆଖପାଖ ଆଲୋକିତ କରିବାକୁ ଥିବା ଆଲୋକ ଗୁଡ଼ିକ ମଧ୍ୟ ସେହି ଅଞ୍ଚଳକୁ ଆଲୋକିତ କରୁଛନ୍ତି ।" ପଡ଼ୋଶୀ ତାଙ୍କୁ ଫୁସ୍‌ଫାସ୍ କରି କହିଲେ । "ସେସବୁ ଇଲେକ୍‌ଟ୍ରିକ୍ ବଲ୍‌ବ କି ଟ୍ୟୁବ୍ ଲାଇଟ ନୁହେଁ, ଏ ଗୁଡ଼ାକ ସୁନା—ଜଳି ଜଳି ଏ ସ୍ଥାନକୁ ଆଲୋକିତ କରୁଛି ।"

"କ'ଣ କହିଲ—ସୁନା ବି ଜଳେ ନା କ'ଣ ?" ସେ କହିଲେ ।

"ସୁନା ହିଁ ଜଳେ ଓ ଆଲୋକ ଦିଏ । ଅନ୍ୟଠାରେ ଜଳୁଥିବା ଅଳ୍ପ ଆଲୋକକୁ ସେହି ଉଜ୍ଜଳ କରେ ତେଣୁ ଖୁବ୍ ଉଜ୍ଜ୍ୱଳତର ହୋଇ ଜଳେ !"

ସ୍ରୋତ ଭିତରେ ଯାତ୍ରା ସେମାନଙ୍କୁ ଗଳି ଭିତରକୁ ଠେଲି ଦେଇଛି । ଗଳି ଅନ୍ଧାର ଅନ୍ଧାରିଆ । ସେଠି ଦି'ଜଣ ପରସ୍ପରର ହାତ ଧରିଛନ୍ତି । ସେମାନେ ଦୁଇ ତିନି ପାହୁଣ୍ଡ

Digitized by PPRACHIN, SOA

ଯାଇଚନ୍ତି କି ନାହିଁ ତାଙ୍କର ସହଯାତ୍ରୀ ତଳେ ପଡ଼ିଗଲେ, ହାତ ଦୁଇଟି କପାଳ ଉପରେ ରହିଥିଲା। "କ'ଣ ହେଲା ? ତୁମେ କାହିଁକି ବସି ପଡ଼ିଲ ?"

"ମୋ ମୁଣ୍ଡ କାହା ମାଙ୍ଗେ ତୁ'କର ପିଟି ହୋଇଗଲା ଯେ ଅନ୍ଧାରରେ ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରି ଯାଉଛି।"

"ହଁ, ଅମଙ୍ଗଳ ଉପଗ୍ରହରେ ବହୁତ ଅନ୍ଧାର। ତୁମେ ଠିକ୍ କହୁଚ ସୁନା କେବଳ ଜଳେ, ଆଲୁଅ ନୁହେଁ। କିନ୍ତୁ ଏଠି ତ ସୁନା ନାହିଁ। ଏମିତିକି ରକ୍ତ ବି ଏଠି ଜଳଉଠୁ ନାହିଁ।" ସେ ଦୀର୍ଘଶ୍ୱାସ ପ ଇ କହିଲେ।

୨

ନୂଆ ଦିନଟିଏ ଆସିଲା ଓ ସୂର୍ଯ୍ୟ ଚାରିଅଡ଼ ପ୍ଲାବିତ କଲା, ସୂର୍ଯ୍ୟାଲୋକ ସାହସୀ ତାଙ୍କ ଦରଜାରେ କରାଘାତ କଲା। ସେ ଉଠିଲେ, ଆଖି ମଳିମଳି କବାଟ ଖୋଲି ବାହାରକୁ ଉଙ୍କି ମାରିଲେ।

"କଥା କ'ଣ ? ତୁମେ କିଏ ?" ପଚାରିଲେ।

"ମୁଁ ସୂର୍ଯ୍ୟ। ପୃଥିବୀକୁ ଦିବାଲୋକ ମୁଁ ଆଣେ। ମୁଁ ଏଇଠି ଅଛି—ଏକଥା ତୁମକୁ କହିବାକୁ ଆସିଲି। ସକାଳ ହେଲା, ଏଥର ଉଠ।"

ସେ ତାଙ୍କ ନିଜ ଘରେ ଠିଆ ହୋଇଥିଲେ ବୋଲି ବଡ଼ ପାଟିରେ ହସି ପାରିଲେ।

"ତୁମେ ? ତୁମେ ସୂର୍ଯ୍ୟ ? ପୋଡ଼ା ରୁଟିଠାରୁ ଅଧିକ କଳା ତୁମେ ଦିଶୁଚ।" ସୂର୍ଯ୍ୟ ବିବ୍ରତ ହେଲପରି ଦିଶିଲା ନାହିଁ। ବରଂ ମୁରୁକି ହସି କହିଲା, "ବିଭିନ୍ନ ଲୋକେ ମୋତେ ବିଭିନ୍ନ ପ୍ରକାର ବର୍ଣ୍ଣନା କରନ୍ତି। ମୁଁ କିଛି ମନେ କରେନା। ପ୍ରତି ଘରକୁ ଆସିବା ଓ ଉଙ୍କି ମାରି ଲୋକଙ୍କୁ ଉଠାଇବା ମୋର କର୍ତ୍ତବ୍ୟ।"

"ମୁଁ ଜାଗ୍ରତ। ଏବେ ତୁମେ ଯାଇପାର।"

"ମୁଁ ଯାଉଚି। କିନ୍ତୁ...ଲୋକେ କହନ୍ତି ସେମାନେ ଜାଗ୍ରତ ଅଉ ମୁଁ ଚାଲିଯିବା ଉଚିତ। କିନ୍ତୁ ମୁଁ ପିଠି ବୁଲାଇଲା ମାତ୍ରେ ସେମାନେ ପୁଣି ଶୋଇପଡ଼ନ୍ତି। ଅନେକ ଲୋକ ମତେ ମିଛ କହିବା ଆରମ୍ଭ କଲେଣି।"

Digitized by PPRACHIN, SOA

ମୂର୍ତ୍ତିର ମୁହଁ ବିକୃତ ହୋଇ କଳା ପଡ଼ିଗଲା । ସେ କାଳକୁ ଆକାଶ ଗୁଡ଼ିକୁ ଉଠାଇ ନେଇ ଖେଳିବାକୁ ଆରମ୍ଭ କଲା ।

କୋଠରି ସାମ୍ନାରେ ଥିବା ଏକାକିନୀ ଅଗଣାକୁ ସେ ଗଲେ ତାଙ୍କୁ ଭୋକ କଲା । ଖାଦ୍ୟ ପାଇଁ ତାଙ୍କ ପାକଯନ୍ତ୍ର ଚିତ୍କାର କରୁଥିଲା । ଗୃହପାର୍ଶ୍ୱରେ ତାଙ୍କ ପଡ଼ୋଶୀ, ଅଚିହ୍ନା ଲୋକେ ଏଣେତେଣେ ଯିବା ଆସିବା କରୁଥିଲେ । ଗୋଟିଏ ନାଟକ ଆରମ୍ଭ ହୋଇଥିଲା ।

କେତେବେଳ ହେଲାଣି ତାଙ୍କର ମନେନାହିଁ । ସେ ନାଟକ ଦେଖୁଥିଲେ । କିନ୍ତୁ ଏ ନାଟକର ଆରମ୍ଭ ବା ଶେଷ ନାହିଁ, ଚମକ ନାହିଁ କି ଦ୍ୱନ୍ଦ୍ୱ ନାହିଁ । କ୍ଷୁଧାକୁ ତୃପ୍ତ କରୁଥିବା ଏହି ନାଟକର ଚରିତ୍ରମାନଙ୍କ ପାକସ୍ଥଳୀର ଡାକ ଏକାଠି ହୋଇ ବଢ଼ୁଥିଲା ଓ ସେମାନେ ପ୍ରଦତ୍ତ ପାଣ୍ଡୁଲିପି ଗୁଡ଼ିକୁ ପୂରଣ କରାଇବାରେ ବ୍ୟସ୍ତଥିଲେ । କିନ୍ତୁ ଅତମତ ହୋଇ ଶବ୍ଦ ସବୁକୁ ଭୁଲି ଯାଉଥିଲେ । ଅଭ୍ୟାସ ନାମରେ ଏହି ନାଟକ କେତେବେଳେ ଯାଏ ଚାଲିବ ? ସେ ଆଶ୍ଚର୍ଯ୍ୟ ହେଲେ ସତ ଏମିତ ଶେଷ ହେଲା, ଧନ ଶେଷ ହେଲା, ପାହାଡ଼ ଚଢ଼ା ଶେଷ ହେଲା, ନଦୀ ବି ସରିଗଲା । ଏମିତିକି ଜଣେ ମଣିଷର ଜୀବନ ବି ସରିଗଲା, କିନ୍ତୁ ଏହି ନାଟକ ଏହି ବ୍ୟାୟାମର ଶେଷ ନାହିଁ । ଚରିତ୍ରମାନେ ବଢ଼ିବାରେ ଲାଗିଛନ୍ତି, ପାଣ୍ଡୁଲିପି ଦୀର୍ଘତର ହେଉଛି, ବ୍ୟାୟାମ ଆହୁରି କଠିନ ହେଉଛି, ଏହାର ଶେଷ ହେବାର ଚିହ୍ନବର୍ଣ୍ଣ ଦିଶୁନାହିଁ ।

ଘରଘାର ଧୂଆଁ ଭର୍ତ୍ତି । ଭଲକରି ଶୁଖି ନଥିବା କେତେଖଣ୍ଡ କାଠକୁ ଫୁଙ୍କି ଫୁଙ୍କି ନିଆଁ କରିବାକୁ ଜଣେ ବୁଢ଼ୀ ଧନ୍ଦି ହେଉଛି । ଏତେ ଦଗ୍ଧ ପରିବର୍ତ୍ତନ ସତ୍ତ୍ୱେ ବି ଅନେକଙ୍କ ଘରେ ରାନ୍ଧିବାକୁ ଓଦାକାଠ ବ୍ୟବହାର କରୁଛନ୍ତି ଆଉ ଯେତେବେଳେ ଯେଗୁଡ଼ା ଜଳୁନି, ଗୃହିଣୀମାନେ ନିଜେ ଜଳିପୋଡ଼ି ମରୁଛନ୍ତି ।

"ତୁମେ ଯିବାକୁ ଡର ହେଉଛି କି ?" ତାଙ୍କ ପଡ଼ୋଶୀ ଆସି ପଚାରିଲେ । ଆଜି ତାଙ୍କ ସଙ୍ଗେ ଝିଅଟେ ଆସିଛି ।

"ଏହି କି ପ୍ରକାର ଯଜବାଜ ? ଯେଉଁ ଯଜବାଜ ସକାଳେ ଆରମ୍ଭ ହୋଇ ସନ୍ଧ୍ୟାରେ ସରେ ? ଏହି ଯଜବାଜ ନୁହେଁ—ଯା ହେଉଛି ପାଦର ବେଡ଼ି, ବେକର ଫାଶ ।"

ତାଙ୍କ ପଡ଼ୋଶୀ ହସିଲେ । "ଜଣେ ଅବଶ୍ୟ ଫାଶରେ ବେକ ଗଳାଏ, କିନ୍ତୁ ଶେଷ ନିଃଶ୍ୱାସ ଥିବାଯାଏ ଫାଶ ତାକୁ ମାରି ଦିଏନା ।"

"କୁଆଡ଼େ ଯାଉଛ ?" ପଚାରିଲେ ।

Digitized by PPRACHIN, SOA

"ମୁଁ ଏ ଝିଅକୁ ସାଙ୍ଗରେ ନଉଚି ।" ପଡ଼ୋଶୀ ଉତ୍ତର ଦେଲେ ।

"ତାଙ୍କୁ କୁଆଡ଼େ ନଉଚ ? ସେ କିଏ ?"

"ସେ ମଧ୍ୟ ଛବି ଦେଖିବାକୁ ଚାହୁଁଚନ୍ତି—ଆମେ ଯାହାକୁ କାଲି ଦେଖିଥିଲେ ।"

"କିନ୍ତୁ ତୁମେ ଏତେଶୀଘ୍ର ବାହାରି ପଡ଼ିଲଣି ?"

"ଦେଖିବା ପାଇଁ ତ ଗୋଟେ ଦିନ ଲାଗିଯିବ । ଟ୍ରେନମାନଙ୍କ ଧରି ଏଥିରୁ କ୍ୟାପି ଚାହୁଁଚି ।"

ସେ ହସିଉଠିଲେ । ତାଙ୍କର ପଡ଼ୋଶୀ ଜଣକ ନୂଆ ଛବି ଦେଖିବାକୁ କେତେ ଭଲ ପାଉଚନ୍ତି ! ନୂଆ ପରିବର୍ତ୍ତନ ପରେ ଯେଉଁ ଛବିସବୁ ଦେଖାଯାଉଚି, ସେ ଗୁଡ଼ିକୁ ହଁ ! ହେଲେ ଗୋଟେ କଥା ସେ ବୁଝିପାରୁ ନାହାନ୍ତି ଯେ ଏସବୁ ଆମ ନିଜର ଛବି, ବାସ୍ତବବସ୍ତୁ ଆମମାନଙ୍କୁ ନେଇ । ଯେ ଗୁଡ଼ିକର ସାମ୍ନାରେ ଠିଆହୋଇ, ସେଗୁଡ଼ିକୁ ଦେଖି ଆମେ ହସୁଚେ ଆଉ ସେ ଛବିଗୁଡ଼ିକ ଆମକୁ ଦେଖି ହସୁଚନ୍ତି ।

"ତୁମେ ଯାଉନ ?" ପଡ଼ୋଶୀ ଜଣକ ପଚାରିଲେ ।

"ମୁଁ ସନ୍ଧ୍ୟା ସୁଦ୍ଧା ସେଠି ପହଞ୍ଚିବି । ତୁମେ ଯିନା ସ୍ୱାଧୀନ, ମୁଁ ନୁହେଁ । ଦିନର କାମତକ ସାରି ମୁଁ ଯିବି ।"

ପଡ଼ୋଶୀ ଓ ଝିଅଟି ଚାଲିଗଲେ । କିଛି ସମୟ ପରେ ସେ ବି ଦରଗୁଡ଼ି ବାହାରି ଗଲେ ।

ପ୍ରତିଦିନ କାମକୁ ଗଲାବେଳେ ମଝିରେ ବଡ଼ଗଛ ଥିବା ଗୋଟିଏ ଜଙ୍ଗଲିଆ ଜାଗା ପାଖ ଦେଇ ସେ ଯାଆନ୍ତି—ବଡ଼ ଚନ୍ଦ୍ରାତପ ପରି ସେ ଗଛର ଛାଇ । ଜ୍ୱଳନ୍ତ ମଧ୍ୟାହ୍ନୋତ୍ତର ସୂର୍ଯ୍ୟଠାରୁ ରକ୍ଷା ପାଇବାକୁ ଏହା ଛାୟାଦାନ କରିଥାଏ, ବାଟୋଇର ଅକ୍ଳାନ୍ତ ପାଦ ସ୍ଥା ତଳେ ଥକା ମେଣ୍ଟେଇ ଥାଏ । ବାଟୋଇ ଏବଂ ଏହାର ଉମାଶିଆ ପତ୍ରର ସୁଗନ୍ଧଯୁକ୍ତ ପବନରେ ନିଜ ଫୁସ୍‌ଫୁସ୍‌କୁ ଭରିଦିଏ । ଆଜି ଜାଗାଟା ଖାଲି—ସତେକି ବନ୍ଧା ହୋଇଯାଇଚି । ଆଖି ପଡ଼ିଲା ମାତ୍ରେ ସେ ଅନୁଭବ କଲେ ସେ ବନ୍ଧୁ ଓ ଅପରିଚିତ, ସମସ୍ତଙ୍କୁ ସମାନ ଭାବେ ଛାୟାଦାନ କରୁଥିବା ନଗରର ଜଣେ ମୁଖିଆ ଲୋକ, ସତେକି ହଣା ଖାଇଛନ୍ତି । ସେ ଚଞ୍ଚଳ ଆଗେଇ ଯାଇ ହଣା ଖାଇଥିବା ଗଛର ଡାଳଗୁଡ଼ିକୁ କାଟୁଥିବା ଲୋକକୁ ପଚାରିଲେ, "କାହିଁକି ପ୍ରାଚୀନ ଗଛଟି କଟାହେଲା ?"

"ନଗର ଉନ୍ନୟନ ଯୋଜନାରେ ଏଇଆ ଥିଲା ।" ଲୋକଟି କହିଲା ।

Digitized by PPRACHIN, SOA

"ଛାୟାଦାନ କାରୀମାନଙ୍କୁ ନିପାତ କରିଦବା, ଗଛଗୁଡ଼ା କାଟିଦବା—ଏସବୁ କ'ଣ ଉନ୍ନୟନ ଯୋଜନା ଭିତରେ ଅଛି ?"

"ଚୁପ୍ ! ଧୀରେ କୁହ । ଯଦି ଅଧିକ ଜାଣିବାକୁ ଚାହଁ, କଳା ଚଷମା ପିନ୍ଧିଥିବା ସେ ଲୋକକୁ ଯାଇ ପଚାର ।"

"ସେ କିଏ ?"

"ଏ ଜମିର ନୂଆ ମାଲିକ ।"

"ଏଠି କ'ଣ ଆଉ କିଛି ତିଆରି ହେବ କି ?"

"ହଁ, ଗୋଟେ ହୃଦରୋଗ ଡାକ୍ତରଖାନା ଏଠି ତିଆରି ହେବ ।"

"ହୃଦୟ ପାଇଁ ଡାକ୍ତରଖାନା ?" ଅବିଶ୍ୱାସରେ ସେ ପଚାରିଲେ ।

"ତୁମେ ଅଛା କହୁଛ । ହୃଦ ଡାକ୍ତରଖାନା କ'ଣ ? ହୃଦୟ ମଣିଷ ଶରୀରର ସେଇ ଅଂଶ ଯାହା ଟିକ୍‌ଟିକ୍ କରେ ଓ ମଣିଷର ରକ୍ତକୁ ବିଶୋଧିତ କରେ ।"

"ହଁ, ସେଇ ହୃଦୟ । ଦେଖାଯାଉଛି ଯେ ଏହି ନଗରବାସୀଙ୍କ ହୃଦୟ ଠିକ୍ ନାହିଁ । ସେଗୁଡ଼ିକୁ ସଜାଡ଼ିବାର କେନ୍ଦ୍ର ହେବ ଏଇ ଡାକ୍ତରଖାନା । ନଗର ଉନ୍ନୟନ ଯୋଜନାର କାର୍ଯ୍ୟକ୍ରମ ଭିତରେ ଏହା ଅନ୍ତର୍ଭୁକ୍ତ ।"

"ହୃଦୟ ଠିକ୍ ନାହିଁ ।" ର ଅର୍ଥ ସେ ଜାଣିପାରିଲେ ନାହିଁ ଓ କାହିଁକି ଠିକ୍ ନାହିଁ ବୋଲି ବୁଝିବାକୁ ସକ୍ଷମ ହେଲେ ନାହିଁ ।

"ହଁ, ଲୋକଙ୍କ ହୃଦୟ ଭଲ ନାହିଁ । ହୃଦ୍‌ରୋଗ ବଢ଼ିବାରେ ଲାଗିଛି ।" ଏହା ହେଲା କଳା ଚଷମା ପିନ୍ଧା ଲୋକର ଶାଣ୍ଟ ସ୍ୱର ।

"ହଁ ମହାଶୟ, ମୁଁ ବୁଝୁଛି ।" ନମ୍ର ସ୍ୱରରେ ସେ କହିଲେ, "ପୂର୍ବେ ଯୌବନ କାଳରେ ହୃଦୟ-ରେ କିଛି ଘଟୁଥିଲା । ବର୍ତ୍ତମାନ ଗ୍ରେଟକୁ ଆମାନେ ଦ ହୃଦୟରେ ହାତଟିପି ରଖୁଛନ୍ତି ।"

ଏ ବୋକାମିରେ କଳାଚଷମା ପିନ୍ଧିଥିବା ଲୋକ ହସିଲା, କହିଲା, "ଏ ଡାକ୍ତରଖାନାରେ ସେ ରୋଗର ଚିକିତ୍ସା ହବନାହିଁ । ମଣିଷ ଶରୀରର ହୃଦୟ ଗୋଟେ ଯନ୍ତ୍ର ଯାହା ରକ୍ତ ସଂଶୋଧନ କରେ । ସେହି ଯନ୍ତ୍ରର ଚିକିତ୍ସା କେନ୍ଦ୍ର ଏ ସ୍ଥାନଟି ହେବ ।"

"ହୃଦୟ ପାଇଁ ଏଇ ଗଛଟି କେଡ଼େ ଭଲ ଥିଲା ! ତୁମେ କ'ଣ ଭାବ ସେ ଡାକ୍ତରଖାନା ତାଠୁ ବେଶି ଭଲ କରିବ ?" ସେ ପଚାରିଲେ ।

Digitized by PPRACHIN, SOA

"ଏ ପର୍ଯ୍ୟନ୍ତ ଏ ଗଛରେ ତ ପଇସା ମୂଲ୍ୟ ବ ନଥିଲା । ଏହି କେନ୍ଦ୍ର ଲକ୍ଷଲକ୍ଷ ଟଙ୍କାର କାମ କରିବ ।"

"ମହାଶୟ, ବାଙ୍ଗୋଇମାନଙ୍କ ପାଇଁ ଏ ତ'ପଇସିଆ ଗଛ ଯାହା ଉପକାର କରୁଥିଲା, ସେ ନୂଆ ଡ଼ାକ୍ତରଖାନା ସେତକ କରିପାରିବ ବୋଲି ମୁଁ ଭାବୁନାହିଁ ।"

"ତୁମେ କ'ଣ ଭାବୁଛ, ସେଥିରେ ମୋର ଯାଏଆସେ ନାହିଁ । ଏଠି ଦୁଇମହଲା କୋଠା ତୋଳିବା ମୋର ଦାୟିତ୍ୱ ଓ ମୁଁ ଖୁବ୍ ଶୀଘ୍ର ତା କରିବାକୁ ଯାଉଛି ।"

କିନ୍ତୁ ସେ କାମ ଜାଗାରେ ପହଞ୍ଚିଲେ ତାଙ୍କ ମୁଣ୍ଡରେ ସେଇ ଭୂପତିତ ବୃକ୍ଷ, ତା'ର କଟା ହୋଇଥିବା ଆଉ କଟା ହେବାକୁ ଯାଉଥିବା ଡ଼ାଳ କଥା ଭର୍ତ୍ତି ହୋଇ-ଥାଏ । ସେ ଲୁହା ଫାଟକ ପାଖରେ ପହଞ୍ଚି ଉପରକୁ ଅନାଇଲେ—ଦେଖିଲେ ଯେ ତାଙ୍କର କାମୁଡ ଢ଼େର ହୋଇଯାଇଛି ।

ଭୟରେ ତାଙ୍କ ଦେହରୁ ଝାଳ ବୋହିଗଲା । ଘୁରି ତଳକୁ ଆସି ଦେଖିଲେ ଯେ ଫୋରମ୍ୟାନ୍ ମେସିନ୍ ପାଖେ ଠିଆ ହୋଇଚନ୍ତି । ତାଙ୍କୁ ଦେଖି ପ୍ରଥମଥର ପାଇଁ ଫୋରମ୍ୟାନ୍ ମୁରୁକି ହସିଲେ । ସେ ମଧ୍ୟ ହସିଲେ । କିନ୍ତୁ ଯୋଉ ମେସିନ୍‌ରେ ସେ କାମ କରୁଥିଲେ ତାହା ଅଦରକାରୀ ହୋଇଯାଇଥିବାର ଦେଖି ବ୍ୟଗ୍ର ହୋଇ ଉଠିଲେ । ନିଜେ ସେ କିଛି କହିବା ପୂର୍ବରୁ ଫୋରମ୍ୟାନ୍ ପାଟି ଖୋଲିଲେ ।

"ଭାରତ, ମେସିନ୍ ସ୍ଥାନାନ୍ତରିତ ହେଉଛି । ସେଠା ଜାଗାରେ ଗୋଟେ ନୂଆ ମେସିନ୍ ବସିବ । ନୂଆ ମେସିନ୍ ଚଳାଇବାକୁ ଆଉ ଲୋକ ଦରକାର ହେବ ନାହିଁ ।"

"କ'ଣ କହୁଚ ତୁମେ ? ନୂଆ ମେସିନ୍ ଚଳାଇବାକୁ ଲୋକ ଦରକାର ହେବ ନାହିଁ ?" ଅବିଶ୍ୱାସରେ ତାଙ୍କ ପାଟି ଆଁ ହୋଇଗଲା ।

"ନୂଆ ମେସିନ୍ ମନକୁମନ ଚାଲିବ—ସେ ସ୍ୱୟଂ ସବୁକିଛି କରିବ ।" ଫୋରମ୍ୟାନ୍ କହିଲେ ।

"ନିଜେ କରିବ ? ନିଜେ ନିଜେ ମନ୍ତ୍ରି ରଖିବ ?" ସେ ପଚାରିଲେ ।

"ମେସିନ୍‌ର ପନ୍ଦରଟି ବୋତଲ ମାଏ ହାଉଅଛି—ସେ ମନ୍ତ୍ରି ରଖିପାରିବ । ଯାହା ତେଲଙ୍କର ଠିକ୍ ଠିକ୍ ନ ଫିଟିବ, ସେ ଗୋଟେ ହ୍ୱିସିଲ ଫୁଙ୍କିବ । ବୋତଲ ଭରିଗଲେ ଆଗକୁ ଠେଲିନେବ ଓ ଅଉ ଗୋଟେ ବୋତଲ ସେ ଜାଗାରେ ରଖିଦବ । ଭରା ବୋତଲରେ ଠିପିଦେଇ ପେଟି ଭିତରେ ସଜାଡ଼ି ରଖିବ ।" ଫୋରମ୍ୟାନ୍ ଏକା-ନିଶ୍ୱାସକେ ଏତକ ସବୁ କହିଯାଇ ପୁଣି କହି ଚାଲିଲା, "ଆମ କାରଖାନାର ଉନ୍ନୟନ

Digitized by PPRACHIN, SOA

ଯୋଜନାର ଗୋଟିଏ ଅଂଶ ହେଉଛି ଏଭଳି ନୂଆ ମେସିନ୍‌ର ସ୍ଥାପନ । ଗୁଡ଼ିଏ ମେସିନ ଆମଦାନୀ ହେବାର ଥିଲା । ସେ ଗୁଡ଼ିକ ଏବେ ପହଞ୍ଚିଛି ।"

"ତାହେଲେ ଏ ମେସିନ୍‌ଗୁଡ଼ିକ ଚଳାଇବାକୁ ଲୋକ ଦରକାର ନାହିଁ ।" ସେ କହିଲେ ।

"ଯେତେବେଳେ ଜଣେ ମଣିଷର କାମଠୁ ଅଧିକ କାମ ମେସିନ୍ କରିପାରୁଛି, ଲୋକଟିକୁ ବୃଥା ଦେବା କି ଦରକାର ।" ଫୋରମ୍ୟାନ୍ ନୂଆ ମେସିନ୍ ପାଖକୁ ଉଠିଯାଇ ବୋତାମ ଚିପିଲେ । ପ୍ରଚଣ୍ଡ ବେଗରେ ମେସିନ୍ ଚାଲିଲା—ତା'ର ପନ୍ଦର କି କୋଡ଼ିଏ ହାତ ତଳ ଉପର ଓ ଏ'ପାଖକୁ ଚାଲିବାରେ ଲାଗିଲା । ଯାହା ଦେଖି ନଗରର କୌଣସି ଏକ ଛକରେ ଥିବା ଗୋଟେ ଛବିକଥା ତାଙ୍କର ମନେପଡ଼ିଲା । ଯୋଉ ଛବିରେ ଭୟଙ୍କର ଅସୁରଟେ ତାର ଚାରି ଯାକ ହାତରେ ଗୁଡ଼ିଏ ଲୋକଙ୍କୁ ଧରି ପେଷି ପକାଉଛି । ସେଠି ବଡ଼ ବଡ଼ ଅକ୍ଷରରେ ଏଇକଥା ଲେଖା ହୋଇଛି—"ଏସାଧୁତା ଦମନ ଓ ଦୁର୍ନୀତି ନିବାରଣ ନଗର ଉନ୍ନୟନ କାର୍ଯ୍ୟକ୍ରମର ଗୋଟିଏ ଅଂଶ ।" ନଗର ଯୋଜନାକାରୀମାନେ ଅସୁରର କି ଅସୁର ଚିପି ଦେଉଥିବା ମଣିଷର ଅନୁକାର୍ଡ଼ ବୁଝୁଥିଲେ ସେକଥା ସେ ଠିକ୍ ବୁଝି ପାରୁ ନଥିଲେ ।

"କିଛିଦିନ ପରେ ତୁମେ ଏଠାରେ ଆସି ପଚାରିବ । ଯଦି ଏଠି ତୁମପାଇଁ କିଛି କାମଥାଏ, ତୁମକୁ କୁହାହିବ ।" ଫୋରମ୍ୟାନ୍ ତାଙ୍କୁ କହିଲେ ।

ସେ ବାହାରକୁ ଆସିଲେ । ବଡ଼ ଲୁହାଫାଟକ ପାଖରେ ପହଞ୍ଚିଲା ବେଳକୁ ଗୋଟେ ଲୁହା ମଣିଷ ତାଙ୍କୁ ଅଟକାଇଲା ।

"ତୁମେ ଯିବାକୁ ଯାଇପାରିବ ନାହିଁ ।"

"ସାଧାରଣତଃ ଭିତରକୁ ଆସୁଥିବା ଲୋକଙ୍କୁ ବାରଣ କରାଯାଏ ତୁମେ ଯିବାଲୋକଙ୍କୁ ବାରଣ କରୁଛ !"

ଭିତରକୁ ଆସୁଥିବା କୌଣସି ଜିନିଷ ବା କୌଣସି ବ୍ୟକ୍ତିକୁ ଅନୁମତି ନ ଦେବାକୁ ଏବେ ନିୟମ ଲାଗୁ ହୋଇନାହିଁ । ବର୍ତ୍ତମାନ କାରଖାନାର ନିୟମ ହେଲା ବାହାରକୁ ଯାଉଥିବା ଲୋକଙ୍କୁ ଅଟକାଇ ଖାନତଲାସ କରିବା ।"

"ତୁମେ ମତେ ଯାଞ୍ଚ କରିପାର ।"

ଲୁହା ଆଚ୍ଛାଦିତ ମଣିଷ ତାଙ୍କ ପାଖକୁ ଆସିଲା, ଠିଆହେଲା ଓ କହିଲା, "ମୁଁ ଚିହ୍ନିଥିଲି, କଲୁଂଦାସ୍ତିଙ୍କରେ ଥିବା ଅଫିସର ମତେ ଲୁହା ଖୋଳ ପିନ୍ଧାଇ ଦେଇଛନ୍ତି,

Digitized by PPRACHIN, SOA

ଯେମିତିକି ମୁଁ ନଇଁପାରିବି ନାହିଁ କି ଲୋକଙ୍କୁ ଭଲକରି ସାକ୍ଷ କରିପାରିବି ନାହିଁ । ତୁମେ ଜଣେ ପୁରୁଣା କର୍ମଚାରୀ । ତୁମକୁ ଖୋଜିଲେ 'ଶୂନ୍ୟ ପକେଟ' ଛଡ଼ା କ'ଣ ଧରାପଡ଼ିବ ? ତୁମେ ଯାଇପାର ।”

ଅନେକ ଦିନ ପରେ, ସେ ଅନୁଭବ କଲେ ଯେ ସ୍ରୋତ ତାଙ୍କୁ ସହଯୋଗ କରୁନାହିଁ । ଯଦି ସେ ଆଗକୁ ଚାଲୁଚନ୍ତି ସ୍ରୋତ ତାଙ୍କୁ ପଛକୁ ଠେଲି ଦେଉଚି । ସେ ଚାଲିବାରେ ଲାଗିଛନ୍ତି କିନ୍ତୁ ମନେହେଉଚି ଯେମିତି ସେଇ ଏକା ଜାଗାରେ ଠିଆ ହୋଇଚନ୍ତି, କେବଳ ପାଦ ଦୁଇଟା ହିଁ ଗତିଶୀଳ ଅଛି ।

କେତେବେଳ ଧରି ସେ ଗୋଟିଏ ସ୍ଥାନରେ ହିଁ ପାଦ ପକାଉଠା କରୁଚନ୍ତି—ମାର୍ଚ୍ଚିଂ କରୁଚନ୍ତି । ମୁଣ୍ଡ ଉଠାଇ ସେ ଆଗକୁ ଚାହିଁଲେ । ଗୋଟେ ବଡ଼ କାନ୍ଥରେ କାହାରି ପର ପୋଷ୍ଟରଟେ ଲାଗିଥିଲା—ନିଓନରେ ଲମ୍ବା ଅକ୍ଷରମାନଙ୍କରେ ସେଠାରେ ଗୋଟେ ସ୍ଲୋଗାନ ଲେଖା ହୋଇଥିଲା ।

“ଅଗ୍ରଗତି ବିକାଶ, ଉନ୍ନୟନ—ଜଣେ ବା ଦୁ'ଜଣ ମନ୍ତ୍ରୀଙ୍କ କ୍ଷମତା ଭିତରେ ଏସବୁ ନାହିଁ । ଏସବୁ ପାଇଁ ସମସ୍ତଙ୍କର ମିଳିତ ଉଦ୍ୟମ ଦରକାର । ଚାଲ ସମସ୍ତେ ଆପଣାର ଶକ୍ତି ଏକାଠି କରି ନଗରକୁ ସୁନ୍ଦର କରିବା ।” ଗୋଟିଏ ପ୍ରାନ୍ତରେ ଜଣେ ଅତ୍ୟନ୍ତ ସୁନ୍ଦର ସ୍ତ୍ରୀଲୋକର ଛବିଥିଲା । ସ୍ତ୍ରୀଲୋକଟି ଏଡ଼େ ଆକର୍ଷଣୀୟ ଯେ ଦେଖଣାହାରୀମାନେ ଆତ୍ମବିଭୋର ହୋଇଯାଉଥିଲେ । ତାର ସୁନାର ପକ୍ଷୀ ଥିଲା ଓ ଲାଗୁଥିଲା ସେ ଯେମିତି ଆଖିପିଛୁଳାକେ ଉଡ଼ିଯିବ !

ଗ

ଛକ ଉପରେ ସାଧାରଣ ସଭା ହେଉଥିଲା । ଗୁଡ଼ାଏ ଲୋକ ଲଗାଲଗି ହୋଇ ଠିଆ ହୋଇଥିଲେ କିନ୍ତୁ ପରସ୍ପରର ଅଚିହ୍ନା ପରି ମନେ ହେଉଥିଲେ । ଖାଲି ଆଲକାତରା ଡ୍ରମ ଉପରେ ଥିବା କାଠପଟା ତିଆରି ପ୍ଲାଟଫର୍ମ ଆଡ଼େ ସେମାନେ ଚାହିଁ ରହିଥିଲେ । ସାଧାରଣ ସଭା ଏଯାଏ ଆରମ୍ଭ ହୋଇ ନଥିଲା, ସେ ମଧ୍ୟ ଗହଳିରେ ଠିଆହେଲେ ଓ କଥାହେବା ପାଇଁ କୌଣସି ଲୋକଙ୍କୁ ଦେଖିବାକୁ ଚାରିଆଡ଼େ ଚାହିଁଲେ । ସେ ଦେଖିଲେ ଯେ ତାଙ୍କ ଚିହ୍ନାଜଣା କେହି ଜଣେ ବି ସେଠି ନାହିଁ । ସେମାନେ ବୋଧେ ଅନ୍ୟ କୁଆଡ଼େ ଯାଇଚନ୍ତି, ଆଉ ଯୋଉ ଲୋକମାନେ ସେଠି ଥିଲେ, ଠିଆ ହୋଇଥିଲେ ଓ ଦିଶୁଥିଲେ ସମସ୍ତେ ପୂରା ଅଚିହ୍ନା—ଏକବାର ନୂଆ ମୁହଁ ।

Digitized by PPRACHIN, SOA

କିଛି ସମୟ ପରେ ଜଣେଲୋକ ମଞ୍ଚକୁ ଗଲା । ସେ ମଞ୍ଚକୁ ଉଠିବା ମାତ୍ରେ, ଲୋକେ ହସିବାକୁ ଆରମ୍ଭ କଲେ । ଚାରିଆଡ଼େ ହୁରିର ଗୋଳ ଉଠିଲା । ମଞ୍ଚ ଉପରର ଲୋକ ଆଗ୍ରହ ସହକାରେ ଚାରିଆଡ଼କୁ ଅନାଇଲା । ହସ ଅମିି ଆସିବାରୁ ସେ କିଞ୍ଚିତ୍ ସ୍ୱରରେ କହିଲା, "ବିଶ୍ୱାସ କରନ୍ତୁ, ମୁଁ ହି ତୁମକୁ ଭାଷଣ ଦେବାକୁ ଯାଉଛି ।"

ଜନଗହଳି ଭିତରୁ କେହି ଜଣେ ଉଚ୍ଚ ସ୍ୱରରେ, କହିଲା, ଯୋଉ ଲୋକର ପୋଷାକ ଲୋଗ୍ରକୋଗ୍ର, ଯେ ଛିଅର ହୋଇନି, ଯାହାର ପାଦରେ ଜୋତା ନାହିଁ କି ବେକରେ ଫୁଲମାଳ ନାହିଁ, ସେ ଆମମାନଙ୍କୁ କ'ଣ ଭାଷଣ ଦେବ ? ଆଉ ଜଣେ କହିଲା "ହଁ, ଠିକ୍ କହୁଚ । ତା' ମୁଣ୍ଡରେ ସିନ୍ଦୂର କଳା ନାହିଁ କି ଗୋଟିଏ ଉପରେ ଧୋତି ନାହିଁ । ସେ ଆମକୁ ଭାଷଣ ଦେବାର ଯୋଗ୍ୟ ହେବ କେମିତି ?"

ତୃତୀୟ ସ୍ୱର "କେବଳ ଜଣେ ବଡ଼ ମଣିଷ, ସବୁ ଦୃଷ୍ଟିରୁ ବଡ଼ ମଣିଷ, ଆମମାନଙ୍କୁ ମଞ୍ଚ ଉପରୁ ଭାଷଣ ଦେଇପାରିବ ।"

ଷ୍ଟେଜ ଉପରୁ ଲୋକଟି ଚିତ୍କାର କଲା, "ବନ୍ଧୁଗଣ, ତୁମକୁ କଥା କହିବାରେ କପାଳର ଚିତାର ଗୋଟିଏ ଉପରେ ଧୋତିର ବା ବଡ଼ପଣର କିଛି ଭୂମିକା ନାହିଁ । ବକ୍ତବ୍ୟ ହେଉଚି ଶକ୍ତାଧାରି ଓ ଆଦର୍ଶର କଥା । ମୁଁ ସାଧାରଣଜନ—"

"ସାଧାରଣଜନ ତୁମେ ଭିକ ମାଗିଚ" ଜନତା ଭିତରୁ ଜଣେ ବାକ୍ୟଟିକୁ ଅଧା କଲାପରି ପୂରଣ କଲା—"ଆଉ ଏବେ ବି ଭିକ୍ଷଥାଳ ଧରି ଚାରିଆଡ଼େ ବୁଲିବା ଛଡ଼ା ଆଉ କିଛି କହିବାକୁ ତୁମେ ଯୋଗ୍ୟ ନୁହଁ ।" "ମୁଁ କେବେ ଭିକ ମାଗିନି । ବରଂ, ଭିକାରୀମାନଙ୍କୁ ଭିକମଗା ଛଡ଼ାଇଚି । ସେମାନଙ୍କୁ ପଢ଼ିବା ଲେଖିବା ଶିଖାଇଚି" ଷ୍ଟେଜ ଉପରର ବ୍ୟକ୍ତି କହିଲେ ।

"ଷ୍ଟେଜରୁ ଓହ୍ଲାଇ ଆସ । ନହେଲେ ତୁମକୁ ତଳକୁ ଠେଲି ଦିଆଯିବ ।" ଅନ୍ୟ ଜଣେ କହିଲା ।

ଲୋକ ଜଣକେ ଶୀଘ୍ର ଷ୍ଟେଜରୁ ଓହ୍ଲାଇ ଆସିଲା ଏବଂ ଆଉ ଜଣେ ଲୋକ ସେଠାକୁ ଉଠିଗଲା । ଅନ୍ୟ ଲୋକ ଜଣକ ଦେଖାଦେବାରୁ ଆନନ୍ଦର ଏପରି କୋଳାହଳ ଉଠିଲା ଯେ, କରତାଳିର କଲ୍ଲୋଳରେ କାନଗୁଡ଼ିକ ବି କଳାହତ ହେଲା ।

ଏ ଲୋକର କପାଳରେ ଥିଲା ଚନ୍ଦନଟି ଗାରିଥିବା ତିଳକ, ବେକରେ ଚକ୍‌ଚକ୍ ସୁନାଚେନ୍, କାନରେ ସୁନା ବୋଲ୍, ଦେହରେ ସିଲ୍କ୍ କୁର୍ତ୍ତା ଓ ଧୋତି । ସୁନା ସୂତାରେ ତାର ଜୋତାରେ ଫୁଲ ପଡ଼ିଚି । ନାଟକୀୟ ଭଙ୍ଗୀରେ ଶ୍ରୋତାମଣ୍ଡଳୀକୁ ମୁଣ୍ଡ

Digitized by PPRACHIN, SOA

ନୁଅଁାଇ ସେ ଅଭିବାଦନ ଜଣାଇଲା—ଯାଦୁ ଦେଖାଇବା ପୂର୍ବରୁ ଯାଦୁକର ଯେଉଁପରି ଦର୍ଶକଙ୍କୁ ଅଭିବାଦନ ଜଣାଏ, ସେହିପରି । ତା'ପରେ ମଧୁର ସ୍ୱରରେ ସେ କହିଲା, "ମୁଁ ତୁମମାନଙ୍କର ଦାସାନୁଦାସ—ମୋର ମୂଲ୍ୟ ଧୂଳିଠାରୁ ବି ହୀନ, ମୁଁ ଅତ୍ୟନ୍ତ ନଗଣ୍ୟ ଜଣେ ମଣିଷ । ଜନସେବାରେ ମୁଁ ନିଜକୁ ଉତ୍ସର୍ଗ କରିଛି । ସମାଜର ସେବକ ମୁଁ, ସର୍ବଦା ଆପଣମାନଙ୍କ ସମସ୍ୟା କଥା ଭାବୁଚି, ଭାବି ଭାବି ମତେ ରାତିରେ ନିଦ ହୁଏନି । ଦିନସାରା ଏଣେତେଣେ ବୁଲୁଛି । ମୁଁ ଆପଣମାନଙ୍କୁ କିଛି କହିବାକୁ ଏଠାକୁ ଆସିନାହିଁ । କିଛିଦିନ ପୂର୍ବେ ଆପଣମାନଙ୍କୁ ଦେଖିଥିଲି । କେବଳ ଆପଣମାନଙ୍କୁ ଦର୍ଶନ କରିବା ପାଇଁ ଏଠାକୁ ଆସିଛି । ଟିକେ ରହି ସେ ଆରମ୍ଭ କଲେ, "ମୋର ଆପଣମାନଙ୍କଠି ଗୋଟିଏ ଅନୁନୟ ଅଛି । ଆପଣ ବିଶ୍ୱାସ କରିବେ ନାହିଁ । କିନ୍ତୁ ବିଶ୍ୱାସ କରନ୍ତୁ, ମୋ ପକ୍ଷରୁ ଚୋରି ହୋଇଛି ।"

"ଏ କ୍ଷତିପୂରଣ ସମ୍ଭବ ନୁହେଁ । କାନ୍ଦକାନ୍ଦ ସ୍ୱରରେ କପାଳରେ ଚିତା କଟାଇ ଥିବା ଲୋକ ଷ୍ଟେଜ ଉପରୁ ଏତିକ କହିଲା । "ଖୁବ୍ ଯତ୍ନରେ ମୁଁ କେତେକ ଚିନ୍ତାଧାରା ବାନ୍ଧିଥାଇ ରଖିଚି, ଆପଣମାନଙ୍କ ବ୍ୟବହାର ନିମନ୍ତେ, କେବଳ ଆପଣମାନଙ୍କ ପାଇଁ । କେତେକ ଚୋର ତାକୁ ନେଇ ଯାଉଥିଲେ । ଚୋରିଟା ପ୍ରକୃତ ପକ୍ଷେ ମୋର ନୁହେଁ, ଆପଣମାନଙ୍କର; ସେ ମୋର ଆଦର୍ଶ ନୁହେଁ ଆପଣମାନଙ୍କର । ଚୋର ମୋ ଦ୍ୱାରା ହୋଇନି, ଆପଣମାନଙ୍କ ଭିତରୁ ଜଣେ ଚୋରି କରିଛି । ମୁଁ ଚୋର ନୁହେଁ, ଆପଣମାନେ ହିଁ ଚୋର ।"

କିଛି ସମୟ ନିରବତାର ରାଜତ୍ୱ । ତା'ପରେ କିଛି ବିଚଳନ ଦେଖାଦେଲା । ଜନତା ଭିତରୁ ଜଣେ ଲୋକ ଉଠିଆସି ଘୋଷଣା କଲା "ମୁଁ ଓ ମୋର ସହଯୋଗୀ-ମାନେ ଏଠାରେ ଶପଥ କରୁଛୁ—ଯେତେଦିନ ଯାଏ ଆପଣଙ୍କର ହୃତ ଆଦର୍ଶ ଫେରି ନ ପାଇଚୁ ଓ ଆପଣଙ୍କ ହାତକୁ ନ ଦେଇଚୁ, ସେତେଦିନ ଯାଏ ଜଳସ୍ପର୍ଶ କରିବୁ ନାହିଁ ।"

"ଏଠି ଚାଲୁଛି ଆପଣମାନଙ୍କ ଉପରେ ନ୍ୟାୟ ।" ଷ୍ଟେଜରୁ ଲୋକଟି କହିଲା, "ଯଦିଚ ଆପଣମାନେ ମୋର ଆଦର୍ଶକୁ ଖୋଜି ନ ପାଆନ୍ତି, ତଥାପି ମତେ ଭୁଲିଯିବା ଉଚିତ ନୁହେଁ, ନହେଲେ ମୁଁ ଗଲେ ବି ମୋ ଆତ୍ମା କାନ୍ଦୁଥିବ ।"

ପୁଣି ଥରେ କରତାଳି ରୋଳ ଉଠିଲା, ଏତେ ଜୋରରେ ଉଠିଲା ଯେ କରତାଳି ଦେବାଲୋକଙ୍କ ହାତ ରକ୍ତାକ୍ତ ହୋଇଗଲା ।

"ଦେଖିଲ ? ସେ କେତେ ଛଳନାକାରୀ !" ପଡ଼ୋଶୀ କହିଲେ ଓ ତାଙ୍କ କାନ୍ଧରେ ହାତ ରଖିଲେ "ଆଦର୍ଶ କ'ଣ ଏମିତି ଜିନିଷ, ଯାହା ଚୋରି ହେଇଯାଏ ?

Digitized by PPRACHIN, SOA

କିନ୍ତୁ ଏଇ ସମସ୍ତ ଲୋକ ଶୁଣୁଚନ୍ତି ଓ ସେ କହୁଲାଗିଚ । କେତେକ ପୁଣି ତା'ପାଇଁ ଖୋଜି ଦେବାକୁ ଶପଥ ନେଲେଣି ।"

"ଏ ଗୋଟିଏ କୌତୂହଳ ପୂର୍ଣ୍ଣ ଦୃଶ୍ୟ ହୋଇଛି । ଏଇ ଲୋକଟିର ଭାବଭଙ୍ଗୀ ଦ୍ୱାରା ସେ ଚତୁର୍ଥୀ ପରି ଦିଶୁଚି । କିନ୍ତୁ ଆଗରୁ ଯେଉଁ ଲୋକ ମଞ୍ଚ ଉପରକୁ ଆସିଥିଲେ, ସେ କିଛି କହିବାକୁ ଚାହୁଁଥିଲେ । ଲୋକେ ତାଙ୍କୁ ଶୁଣିଲେ ନାହିଁ ।" ସେ ଦୁଃଖରେ କହିଲେ ।

"ଯେଉଁ ଲୋକମାନେ ଜଣକର ବ୍ୟକ୍ତିତ୍ୱ, ଚିନ୍ତା କିମ୍ବା ଆଦର୍ଶକୁ ସମ୍ମାନ କରନ୍ତି ନାହିଁ, ଏଇ ଲୋକେ କପାଳର ଚିତା, ଫୁଲମାଳ ଓ ପୋଷାକକୁ ସମ୍ମାନ କରନ୍ତି । ମଞ୍ଚ ଉପରକୁ ଯିବା ସେ ଲୋକଙ୍କ ପକ୍ଷେ ଉଚିତ ନଥିଲା ।" ପଡ଼ୋଶୀ କହିଲେ ।

ସେଠାରେ ଯେ ଏକ ସାଧାରଣ ସଭା ହେଉଥିଲା କିଛିକ୍ଷଣ ପରେ ଲୋକେ ଭୁଲିଗଲେ । ସେମାନେ ନିଜ ନିଜ କାମକୁ ଚାଲିଗଲେ । ମଞ୍ଚକୁ ଖୋଲିବା କାମରେ ଲାଗିଥିବା ମୂଲିଆମାନେ କାମ ସାରିଲେ ଓ କାମପାଇଁ ମଜୁରି ଦେବା ଲୋକଙ୍କୁ ଅପେକ୍ଷା କଲେ । କିନ୍ତୁ ସେ ଲୋକର ଦେଖା ନଥିଲା ।

ପାଖରେ ଠିଆ ହୋଇଥିବା ମୂଲିଆ ଜଣେ କହିଲା, "ସେଇ ଚିତାକଟା ଲୋକଟା କଥା ଦେଇଥିଲା ଯେ ହାତତାଳି ଦିଆ ସରିଲେ ସେ ଆମକୁ ମଜୁରି ଦେବ । ଆମେ ଏତେ ଜିନିଷ ଏ ଜାଗାକୁ ବୋହିଲୁ । ଜୋରରେ ତାଳିମାରି ଆମ ହାତକୁ ଦରଜ କଲୁ । ଅଜି ଏତେବେଳକୁ ସେ ଲୋକ କୁଆଡ଼େ ଲୁଚିଲାଣି ।"

ମୂଲିଆମାନେ ଆପତ୍ତି କଲେ । ଦେଖଣାହାରିମାନେ ସେଠୁ ଉଠି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଚାଲିଗଲେ ।

"ତୁମେ ଯାଇ ସେ ଛବିସବୁ ଦେଖିଲନି ?" ପଡ଼ୋଶୀଙ୍କୁ ସେ ପଚାରିଲେ ।

"ନା, ମୁଁ ଦେଖିପାରିଲି ନାହିଁ । ବାଟରେ ଅଟକିବାକୁ ପଡ଼ିଲା ।" ପଡ଼ୋଶୀ କହିଲେ ।

"କାହିଁକି ? କ'ଣ ହେଲା ?"

"ତୁମେ ବଡ଼ ହେବାକୁ ଇଚ୍ଛାକର ?" ପଡ଼ୋଶୀ ପଚାରିଲେ ।

"ବଡ଼ ହେବାମାନେ ନଗରରେ ବଡ଼ ବୋଲି ଗଣା ହେବା ?"

Digitized by PPRACHIN, SOA

"ଶୋଳକ ଧନ୍ଦା ସୃଷ୍ଟି କରି କଥା କୁହନା । ଏଇ ପ୍ରଶ୍ନର ଉତ୍ତର ମୁଁ ପରେ ଦେବି । ପ୍ରଥମେ କୁହ କ'ଅଣ ହେଲା ?"

"ସେଠି ଗୋଟେ ଜାଗାରେ ଜଳଛତ୍ର ଥିଲା । ଭୋକ ହେଲେ ମୁଁ ସେଠାକୁ ପାଣି ପିଇବାକୁ ଯାଉଥିଲି । ମୁଁ ସେ ଜାଗା ଖୋଜିଲି, ପାଇଲି ନାହିଁ । ବୋଧେ ସେଠି ଆଉ ଜଳଛତ୍ର ନାହିଁ । ଜଳଛତ୍ର ଖୋଜୁ ଖୋଜୁ ମୁଁ ଜଣେ ସାଧୁ ମହାତ୍ମା ଦେଖିଲି ।" ପଡ଼ୋଶୀ କହିଲେ ।

"ତା'ପରେ ?" ଆଗ୍ରହରେ ସେ ପଚାରିଲେ ।

"ତାପରେ ଆଉ କ'ଣ ? ମହାତ୍ମା କହିଲେ ସେଠି ଆଉ ଜଳଛତ୍ର ନାହିଁ । ସେଇ ଜାଗାରେ ସେ ଅଛନ୍ତି ଏବଂ ମଣିଷଙ୍କୁ ବଡ଼ କରିବା ଲୋକ ହେଉଛନ୍ତି ସେଇ ।"

"ଲୋକଙ୍କୁ ସେ କେମିତି ବଡ଼ କରିବେ ?"

"ଆମେ ତାଙ୍କ ପାଖକୁ ଗଲେହିଁ ସେକଥା ଜାଣିପାରିବା । କିନ୍ତୁ ସେ କହୁଛନ୍ତି ଯେ ଅବିଳମ୍ବେ ଲୋକଙ୍କୁ ସେ ବଡ଼ କରିଦେବେ ।"

"ମୁଁ ତୁମ ସାଙ୍ଗେ ଯିବି । ଦେଖିବି, ସେ ମହାତ୍ମା କେମିତି ଲୋକଙ୍କୁ ବଡ଼କରି ଦଉଛନ୍ତି ।"

"ସେ ଅଦ୍ଭୁତକର୍ମା ପରି ଲାଗୁଛନ୍ତି । ସନ୍ଦେହ ରଖନାହିଁ, ତୁମର ସନ୍ଦେହ ଅଛି ଜାଣିଲେ, ସେ ବିରକ୍ତ ହେବେ । ସେ କହୁଥିଲେ ସନ୍ଦେହୀ ଲୋକେ ବଡ଼ହୋଇ ପାରିବେ ନାହିଁ ।" ପଡ଼ୋଶୀ ଜଣାଇଲେ ।

ସେ ନୀରବ ରହିଲେ ।

ସନ୍ଧି ବୁଡ଼ିଲାବେଳକୁ ଜଳଛତ୍ର ଥିବା ସେଇ ଜାଗାରେ ଦୁହେଁ ପହଞ୍ଚି ଯାଇଥିଲେ । ମହାତ୍ମା ଆଗରୁ ସେଠି ଥିଲେ ଓ ସେମାନଙ୍କୁ ଅପେକ୍ଷା କରିଥିଲେ । ତାଙ୍କ ସହିତ ଦୁଇଜଣ ଯୁବକ ଓ ଅନ୍ୟ ଦୁଇଜଣ ଥିଲେ । ସେ ଦୁଇଜଣ ଯୁବକ କି ଯୁବତୀ ଜାଣିପାରିଲେ ନାହିଁ ।

"ତାହେଲେ ତୁମେ ଆସିଲ ?" ମହାତ୍ମା ପଡ଼ୋଶୀଙ୍କୁ ପଚାରିଲେ ।

"ହଁ, ମହାତ୍ମନ୍, ମୁଁ କିପରି ଆପଣଙ୍କ ଆଦେଶ ଅମାନ୍ୟ କରିପାରନ୍ତି ?"

"କିନ୍ତୁ ଆପଣଙ୍କ ସହିତ ଯେଉଁ ଲୋକଟି—ସେ ପ୍ରବଳ ସନ୍ଦେହୀ ପରି ଲାଗୁଛନ୍ତି, ଏମିତି ସନ୍ଦେହ ରଖିବା ଭଲ ନୁହେଁ ।" ପଡ଼ୋଶୀ ହସିଲେ ଓ ତାଙ୍କୁ ଅନାଇଲେ । ତାପରେ କହିଲେ,

Digitized by PPRACHIN, SOA

"ନାହିଁ ସାର୍, ଭରତ ମନରେ ସନ୍ଦେହ ନାହିଁ ।"

ସେ ମଧ୍ୟ ତାଙ୍କର ସନ୍ଦେହ ନଥିବା କଥା ମୁଣ୍ଡ ହଲାଇ ଜଣାଇଲେ ।

"ତୁମ ଭିତରୁ ଆଗ କିଏ ବଡ଼ ହେବାକୁ ଚାହୁଁଛ ?" ମହାତ୍ମା ପଚାରିଲେ, ପଡ଼ୋଶୀ ଆଗକୁ ବାହାରି କହିଲେ, "ସାର୍, ମୁଁ ଆଗ ପହଞ୍ଚିବି ।"

"ଆମେ ପ୍ରଥମେ ତାଙ୍କୁ ବଡ଼ଲୋକ କରିବା ?" ମହାତ୍ମା ତାଙ୍କ ଶିଷ୍ୟମାନଙ୍କୁ ପଚାରିଲେ ।

"ନିଶ୍ଚୟ ସାର୍" ସମସ୍ତେ ମତ ଦେଲେ ।

ମହାତ୍ମା ତାଙ୍କ କୌଶଳ ଦେଖାଇବାକୁ ବାହାରିଲେ । ଗୋଟେ ବଡ଼ବ୍ୟାଗ କାଢ଼ି ତାକୁ ଆଙ୍ଗୁଠିରେ ଦବାଇଲେ ।

ମହାତ୍ମାଙ୍କୁ ସେ ଅନାଇ ରହିଲେ । କଥା ହେଲା, ମହାତ୍ମାଙ୍କ କାମର ଫଳାଫଳ ଭଲ ହେବ ବୋଲି ସେ ଭାବୁ ନଥିଲେ । ମହାତ୍ମାଙ୍କୁ ଆଦୌ ଭଲପାଉ ନଥିଲେ । ସେମାନଙ୍କ ଭିତରୁ କେତେକ ଲୋକ କଳା ଥିଲେ କିନ୍ତୁ ମହାତ୍ମା ଥିଲେ ଅସମ୍ଭବ କଳା, ନେଙ୍ଗଳା ବିଶାଳ ଶରୀରରେ ଉତ୍ତେଜିତ ଭାବେ ଜିନିଷ ପତ୍ର ଧରିଲା ବେଳେ ସେ ଜରୁଆ ଲୋକପରି ଆଖି ବୁଜୁଥିଲେ ଓ ଖୋଲୁଥିଲେ । ତାଙ୍କ ଆଖି ମିଟିମିଟି ଦେଖି, ଜଣେ ଭିକାରୀ କଥା ମନେ ପଡ଼ୁଥିଲା, ସେ ଭିକାରୀ କହୁଥିଲା "ବଡ଼ ହଉ କି ସାନ ହଉ, ଯୋଉ ଲୋକ ଖୁବ୍ ଶୀଘ୍ର ଆଖିମାରେ, ସେ କାହିଁକି କିଛି ମତଲବରେ ଥାଏ ।"

ମହାତ୍ମା ତିନୋଟା ଇଲେକ୍ଟ୍ରିକ୍ ବଲବ୍ ବାହାର କଲେ । ତାପରେ ପଡ଼ୋଶୀଙ୍କୁ କାନ୍ଥଠୁ ଟିକେ ଛଡ଼ାରେ ଠିଆ ହେବାକୁ କହିଲେ । ପଡ଼ୋଶୀ ଜଣକ ଗଲେ ଓ ସେଠି ଠିଆହେଲେ । ଯା ପରେ ମହାତ୍ମା ଇଲେକ୍ଟ୍ରିକ୍ ଖୁଣ୍ଟି ଉପରେ ଶୀଘ୍ର ଚଢ଼ିଯାଇ ତାରକୁ ଯୋଡ଼ିଦେଲେ ଓ ଓହ୍ଲାଇ ପଡ଼ି ସ୍ୱିଚ୍ ଟିପି ବଲ୍‌ବ ଜଳାଇଲେ ।

ତାପରେ ସେ କାନ୍ଥଆଡ଼କୁ ଚାହିଁବାକୁ ପଡ଼ୋଶୀକୁ କହିଲେ । ସେ ଅନାଇଲେ ଓ ଛାଇଟିଏ ଦେଖିଲେ—ତାଙ୍କ ନିଜ ଛାଇ—ତାଙ୍କ ନିଜଠୁ ବଡ଼ ।

"ଏହା ମାତ୍ର ମୋର ପ୍ରଥମ ଅଦ୍ଭୁତ କାମ । ନିଜକୁ କାନ୍ଥ ଉପରେ ଦେଖ— କେତେବଡ଼ ହେଇଯାଇଚ !" ମହାତ୍ମା କହିଲେ ।

"ମହାତ୍ମାଜି, ଆପଣ ବିରାଟ ଲୋକ" ତାଙ୍କ ଶିଷ୍ୟମାନେ ଏକ ସ୍ୱରରେ କହିଲେ ।

Digitized by PPRACHIN, SOA

ସେ ଓ ତାଙ୍କ ପଡ଼ୋଶୀ କାନ୍ଥର ଛାଇ ଆଡ଼କୁ ଚାହିଁଲେ । ଛାଇଦ୍ୱାରା ବ୍ୟକ୍ତି ପ୍ରକୃତ ବଡ଼ ହୋଇଯିବ, ଦୁହେଁ ଆଶ୍ଚର୍ଯ୍ୟ ହେଲେ ।

"ମହାତ୍ମାଜୀ, ମୁଁ ପ୍ରକୃତରେ ବଡ଼ ହୋଇଗଲି ?" ପଡ଼ୋଶୀ ପଚାରିଲେ ।

"ହଁ, ତୁମେ ବଡ଼ ହୋଇଗଲ ।"

"କିନ୍ତୁ ମହାତ୍ମାଜୀ, ସେ ତ ସେଇ ଆକାରର ଅଛନ୍ତି । କେବଳ ତାଙ୍କ ଛାଇ ବଡ଼ ଦିଶୁଛି ।" ସେ ମହାତ୍ମାଙ୍କ ପାଖକୁ ଯାଇ କହିଲେ । ମହାତ୍ମା ଏପରି ରୁକ୍ଷ ସ୍ୱରରେ ଚତ୍‌ଚତ କହିଲେ ଯେ ଖୁଣ୍ଟ ଉପରେ ବସିଥିବା ଚଢ଼େଇମାନେ ଚମକି ପଡ଼ି ଉଡ଼ିଗଲେ ।

"ହେ ବୁଦ୍ଧୁମାନେ ଆଜିକାଲି ଯାହାର ଛାଇ ଯେତେ ବଡ଼ ସେ ହିଁ ଏକା ସେତେ ବଡ଼ । ଛାଇ ଲମ୍ବା ହେଲେ ଲୋକ ହୁଏ ଶ୍ରେଷ୍ଠ ।"

"ବାସ୍ତବିକ ଅଦ୍ଭୁତ ।" ପଡ଼ୋଶୀ କହିଲେ ।

"ଯାହାହେଲେ ବି, ଛାଇ ବଡ଼ ବୋଲି ଯଦି ସେ ବଡ଼ରେ ପରିଗଣିତ ହେବେ, ତାହେଲେ କ'ଣ ହେବ ?" ସେ ପଚାରିଲେ ।

"ଲୋକଙ୍କ ମନରେ ସମ୍ମାନ ଓ ଭୟ ଜାଗ୍ରତ ହେବ—ସମ୍ମାନ ଓ ଭୟ ସବୁବେଳେ ଏକାଠି ଥାଆନ୍ତି ।"

"କିନ୍ତୁ ସବୁ ସ୍ଥାନରେ ସେ ବଡ଼ ବୋଲି ଗଣାହେବେ ନାହିଁ । ତାଙ୍କୁ ବଡ଼ କରାଇବାର ଚାବି ତ ଆପଣଙ୍କ ହାତରେ ।" ସେ କହିଲେ ରାଗରେ ମହାତ୍ମା ପଛକୁ ହଟିଗଲେ ଓ କହିଲେ "ଯୋଉଠି ସେ ମତେ ମନେ ପକେଇବେ, ମୁଁ ସେଠି ଥିବି ।"

ଏତିକ କହି ମହାତ୍ମା ନିଜ କିନ୍‌ଖାପ୍‌ ଧରି ବାହାରିଲେ । ସେ କହିଲେ, "ମହାତ୍ମାଜୀ, ଆପଣ ମୋର ପଡ଼ୋଶୀଙ୍କୁ ବିଭ୍ରାନ୍ତ କଲେ । ଆପଣ ଲୋକଙ୍କୁ ବଡ଼ କରୁଚନ୍ତି ବୋଲି ଦାବୀ କରୁଛନ୍ତି, ଆପଣ ନିଜେ କେତେ ବଡ଼ ?"

"ନଗର ଉନ୍ନୟନର ଘୋଷଣାମାର ଟିଏ ଗୋଟିଏ ଅଂଶ ଯେ, ମଣିଷ ତା' ପାଖରେ ଥିବା ବଲ୍‌ବ ପରି ବଡ଼ ଓ ତା' ଛାଇ ପରି ବଡ଼ ହେବ ।" ମହାତ୍ମା କହିଲେ ।

"ଯଦି ଆପଣଙ୍କ ବରିଷ୍ଠତ୍ୱକୁ କିଏ ଅସ୍ୱୀକାର କରେ ?"

"ସ୍ୱୀକୃତ କରାଇ ନେବାକୁ ଅମର ବାଡ଼ ଓ ବାଗ ଅଛି—ମହାତ୍ମା ଏତିକି କହି ମୁକି ହସି ଶିଷ୍ୟମାନଙ୍କୁ ଅନାଇଲେ ।

Digitized by PPRACHIN, SOA

"ମହାତ୍ମାଜୀ, ଆପଣ ଚାଲିଯାଉଛନ୍ତି ?" ପଡ଼ୋଶୀ କହିଲେ । "ଆସନ୍ତା କାଲି ମଧ୍ୟ ମୁଁ ଉକ୍ତ ପ୍ଲାଟଫର୍ମ ଉପରକୁ ଯିବି ଓ ନିଜର ସମସ୍ତ ଶକ୍ତି ଲଗାଇ ନିଜକୁ ବଡ଼ ବୋଲି ଘୋଷଣା କରିବି । ସେଠାକୁ ତୁମେ କାଲି ଆସିବ ?"

ମାହାତ୍ମା ହସିଲେ ଓ ଉପସ୍ଥିତ ପ୍ରତ୍ୟେକଙ୍କ ହୃଦୟରେ ତାଙ୍କ ହସ ଶାନ୍ତି ଉପୁଜାଇଲା । ସେ କହିଲେ "ମୁଁ ସେଠାରେ ରହିବାର ବି ଆବଶ୍ୟକତା ନାହିଁ । ମୁଁ ଏ ନଗରରେ ନାନା ଭାବରେ ଉପସ୍ଥିତ ଅଛି । ମୁଁ ଗୋଟିଏ ଜାଗାରେ ଡାକ୍ତର, ଅନ୍ୟ ଜାଗାରେ ଦରୁଆନ, ତୃତୀୟ ଜାଗାରେ କମ୍ପାଉଣ୍ଡର ଓ ଚତୁର୍ଥ ସ୍ଥାନରେ ଖବର କାଗଜ ବୁଲିବିକାଳି, ମତେ ଚିହ୍ନିବା ହେଉଛି ବଡ଼କଥା, ମୁଁ ସବୁଠି ଅଛି ।"

ଶିଷ୍ୟମାନଙ୍କ ସହ ମହାତ୍ମା ଯିବାକୁ ବାହାରିଲେ—କେଇପାଦ ଯାଇଛନ୍ତି କି ନାହିଁ, ସେ ପଛରୁ ଚିତ୍କାର କରି ଡାକିଲେ "ମହାତ୍ମାଜୀ, ଏଇ ମିଥ୍ୟା ଅଦ୍ଭୁତ କାମମାନ ବନ୍ଦ କରନ୍ତୁ, ଲୋକଙ୍କୁ ଠକିବା ଛାଡ଼ନ୍ତୁ, ମୂର୍ଖାମୀକୁ ଫିଙ୍ଗିଦିଅନ୍ତୁ । କାହିଁକି ଆପଣ ବାଉଳା ହେଇ ଭଲରେ ଥିବା ଲୋକଙ୍କୁ ହଇରାଣ କରିବେ ?"

ମହାତ୍ମା ଶିଷ୍ୟମାନଙ୍କୁ ଠାରିଦେଲେ—ସେମାନେ ସମସ୍ତେ ଲୁଚିକରି ତାଙ୍କ ଆଡ଼କୁ ଛୁଟିଆସି ମାଡ଼ିବସିଲେ । ପଡ଼ୋଶୀ ଡରିଯାଇ ତାଙ୍କୁ କହିଲେ "ସେମାନେ ସମସ୍ତେ ବଡ଼ ମଣିଷ ବୋଲି କହୁଥିଅ । ନଚେତ୍ ସେମାନେ ତୁମର କ'ଣ ନାଁ କ'ଣ କରିଦେବେ ।"

ପ୍ରତିଜଣ ଯାକ ଶିଷ୍ୟ ତାଙ୍କୁ ଏମିତି ମାଡ଼ିବସି ଥାଆନ୍ତି ଯେ ତାଙ୍କ ବାହୁ ଓ ବେକ ଅକାମି ହେଲାପରି ଲାଗୁଥାଏ । ସେ ଚିତ୍କାର କଲେ "ମହାତ୍ମାଜୀ, ଅପଣ ବଡ଼ ଲୋକ ! ଆପଣ ବଡ଼ । ଆପଣଙ୍କ ଗୁରୁ ବି ବଡ଼ । ଆପଣଙ୍କ ଶିଷ୍ୟମାନେ ବି ବଡ଼ !"

ସମ୍ମିଳିତ ସଙ୍ଗୀତ ଖୁବ୍ ଜୋରରେ ଚାଲିଥିଲା । ଲୋକେ ଦୁର୍ଗୀଧି ଆନନ୍ଦର ମୁଦ୍ରାରେ ମୁଣ୍ଡ ହଲାଉଥିଲେ । କେତେକ ଆଖିବୁଜି ସଙ୍ଗୀତକୁ ଉପଭୋଗ କରୁଥିଲେ । ବୋଧେ କେତେକ ଶୋଇ ମଧ୍ୟ ପଡ଼ିଥିଲେ । ସେଠି ବସିଥିବା କେତେକ ଲୋକଙ୍କୁ ସେ ଚିହ୍ନିପାରିଲେ । ଧର୍ମ ସମ୍ବନ୍ଧୀୟ ଟେଲି ଅଲେଚନା କରୁଥିବା ଓ ପ୍ରଥମେ ସଙ୍ଗୀତ ଗାଉଥିବା ସ୍ତ୍ରୀଲୋକ ଜଣକ ଗଳା ଓ କିଡ଼୍ନୋର ପଣରେ ଅଦ୍ଭୁତ ଜ୍ୟୋତି ଦିଶୁଥିଲା । ସେ ଏତେ ଜ୍ୟୋତି ଦିଶୁଥିଲା ଯେ, ସେ କୌଣସି ମୁହୂର୍ତ୍ତରେ ଭାଙ୍ଗିପଡ଼ି ଖଣ୍ଡ ଖଣ୍ଡ

Digitized by PPRACHIN, SOA

ଝୋଇଯିବାର ଆଶଙ୍କା ହେଉଥିଲା । ଧର୍ମଗାନର ମଝିରେ ମଝିରେ ଜଣେ ଲୋକ ଅନ୍ୟ ଜଣକୁ କହୁଥିଲା, "ମୋ ଦୋକାନ ମାନ୍ଦା ପଡ଼ିଯାଇଥିଲା । ମୁଁ ମୋ ସ୍ତ୍ରୀକୁ କହୁଚି ପଣ୍ଡାଦେବା ଭଳିକରି ବେଶଭୂଷା ହୋଇ ଦୋକାନରେ ବସିବ । କଥାବାର୍ତ୍ତା କରିବ ନାହିଁ । ଏଇ ଉପାୟ୍ ଏଡ଼େ ଦରକାରୀ ଜଣାପଡ଼ିଲା ଯେ ଏବେ ଗରାଖଙ୍କୁ ସମ୍ଭାଳିବା ଲାଗିକରି ଧାଡ଼ି । ଏକଥା ଯାହାକୁ କୁହାଗଲା, ସେ ଉତ୍ତର ଦେଲା, "ବନ୍ଧୁବର ମୁଁ ଗୋଟେ ମାମଲାରେ ପଡ଼ିଯାଇଥିଲି । ମକଦ୍ଦମାଟା ଏ ତାରିଖରୁ ସେ ତାରିଖକୁ ଖାଲି ଘୁଞ୍ଚୁଥାଏ ଏବଂ ମତେ ବାରମ୍ବାର ଧରି ଏଥିପାଇଁ ନିଦ ନଥାଏ । ତାପରେ ମୁଁ କିଛି ଧର୍ମାନୁଷ୍ଠାନ କଲି ଓ ଘରକୁ ଜଣେ ନାଁରେ ଉଇଲ୍ କରିଦେଲି । କେବଳ ସପ୍ତା ପରେ ହିଁ ମକଦ୍ଦମାରେ ମୋର ଜିତି ହେଲା । ଘରଟା ମୋଟେ ଦଶ ହଜାର ଟଙ୍କାର ଥିଲା, ଯୋଉ ମକଦ୍ଦମା ମୁଁ ଜିତିଲି, ତାର ମୂଲ୍ୟଥିଲା ଷାଠିଏ ହଜାର ଟଙ୍କା ।"

ହଠାତ୍ ସମସ୍ତେ ଠିଆ ହୋଇଗଲେ । ସେ ଦେଖିଲେ ଆଳତି ହେଉଛି । ଅତି ଭକ୍ତି ସହକାରେ ସମସ୍ତେ ଫୁନ୍ ଫୁନ୍ ହେଉଛନ୍ତି । କେତେକ 'ଆଳତି' ଶବ୍ଦଟି କ'ଣ ଜାଣି ନାହାନ୍ତି, ତେଣୁ ନିଜ ନିଜ ସାର୍ଟ ଓ ଜାକେଟର ବୋତାମ ଲଗାଉଛନ୍ତି ।

ଗୀତ ଓ ପ୍ରାର୍ଥନା ଶେଷ ହେଲା । ସମସ୍ତେ ଚାଲିଗଲେ । ସେ ବସି ରହିଲେ । ଜଣେ ମଧ୍ୟବୟସ୍କ ଲୋକ ତାଙ୍କ ପାଖକୁ ଆସିଲା, ମୁରୁକି ହସି କହିଲା, "ଆଚ୍ଛା ଭଦ୍ରଜନ ପ୍ରାର୍ଥନା ସମୟ ତ ଗଲାଣି ତୁମେ ଏବେ ଘରକୁ ଯାଇ ଖିଆପିଆ କର ।

"କିନ୍ତୁ ମୁଁ କିଛି ପଚାରିବାକୁ ଚାହୁଁଛି ।" ସେ କହିଲେ ।

"ଡେରି ହେଲାଣି । କାଲି ପଚାରିବ ।" ମଧ୍ୟବୟସ୍କ ଜଣକ କହିଲା ।

"କାଲି ମୁଁ ନ ଆସିପାରେ ।" ସେ କହିଲେ ।

"ତାହେଲେ, କ'ଣ ପଚାରିବ ପଚାର ।" ଟିକେ ବିରକ୍ତ ହୋଇ ଲୋକଟି କହିଲା ।

"ତୁମକୁ କିଛି ପଚାରିବାକୁ ମୁଁ ଚାହେଁନା । ସେ ମହାଲାଙ୍କୁ ପଚାରିବାକୁ ଚାହେଁ ।"

"ମହାଲା ? କ'ଣ ତୁମେ ତାଙ୍କୁ ପଚାରିବ ?" ଲୋକଟି ରାଗିଗଲା ।

"କେବଳ ତାଙ୍କୁ ହିଁ ମୁଁ କହିବି ।"

"ପ୍ରାର୍ଥନା ପରେ କାହାସାଙ୍ଗେ ସେ କଥା କହନ୍ତି ନାହିଁ । ମୋ ଝିଅ ମେ । କ'ଣ ପଚାରିବ ମତେ ପଚାର ।"

Digitized by PPRACHIN, SOA

"ସେ ଆପଣଙ୍କ ଝିଅ ? ଆପଣ ଭାଗ୍ୟବାନ । ସେ ଗୋଟିଏ ସ୍ୱର୍ଗୀୟ ଆଲୋକ । ତାଙ୍କୁ ମୁଁ ଗୋଟିଏ ମାତ୍ର ପ୍ରଶ୍ନ କରିବାକୁ ଚାହେଁ ।"

"କାଲେ କ'ଣ ଅସୁବିଧା ହବ ଭାବି, ଲୋକଟି ତା ଝିଅକୁ ଡାକିଲା "କ'ଣ ପଚାରିବ ପଚାର । ଶୀଘ୍ର ।"

"ମୁଁ ପଚାରିବାକୁ ଚାହୁଁଛି ଯେ ନୈଷ୍ଠିକ ପ୍ରାର୍ଥନା, ଯୋଗ ଓ ଧ୍ୟାନ ସହିତ ଈଶ୍ୱର ସମ୍ପର୍କ କି ?"

"ହଁ, ସେସବୁ କେବଳ ଈଶ୍ୱର ସହ ସମ୍ପୃକ୍ତ ।" ମଧ୍ୟବୟସ୍କ ଲୋକ ଜଣକ କହିଲ । ମହିଳା ମୁଣ୍ଡ ହଲାଇ ସମ୍ମତ ହେଲେ ।

"ମୁଁ ଶୁଣିଛି, ଆମେ ଯାହାଙ୍କୁ ପୂଜାକରୁ, ଯାହାଙ୍କର ଧ୍ୟାନ କରୁ, ସବୁଠି ସମାନ ।"

"ତା' ବି ଠିକ୍" ଲୋକଟି କହିଲା ।

"ମୋର ପ୍ରଶ୍ନଟି ଏଇଆ—ଯଦି ସବୁଠାରେ ସେ ସମାନ, ତେବେ ଏପରି ଚତ୍କାର କରିବା, ପ୍ରାର୍ଥନା କରିବା, ଜିଦ୍‌ଖୋର ପରି ଦୋକାନୀ ପରି ସିଧାହୋଇ ବସିବାର ଅର୍ଥ କ'ଣ ?"

"ଆପଣ ଏକପ୍ରକାର ନାସ୍ତିକ ପରି ଜଣା ପଡ଼ୁଛନ୍ତି । ମୋର ସନ୍ଦେହ ହେଉଛି, ଆପଣଙ୍କର କିଛି ମତଲବ ଅଛି, ଆପଣ ଈଶ୍ୱରଙ୍କୁ ନିନ୍ଦୁଛନ୍ତି । ଭଗବାନ କହିଛନ୍ତି, ତାଙ୍କୁ ନିନ୍ଦିଲେ ନର୍କବାସ ।" ମଧ୍ୟବୟସ୍କ ରାଗରେ ଫୁଲି ଉଠୁଥିଲେ, କିନ୍ତୁ ଅଳ୍ପ ହସି ସେ କହିଲେ, "ଭଗବାନ କ'ଣ କହିଛନ୍ତି, ତୁମେ ତାଙ୍କୁ ବେପାର ବଣିଜ ପାଇଁ ବ୍ୟବହାର କରିପାରିବ ?"

ଲୋକ ଜଣକ ତାଙ୍କ ପାଖକୁ ଆସି ରାଗରେ ଲାଲ୍ ପଡ଼ି କହିଲେ, "ଭଗବାନ ତୁମକୁ ଏଯାଏ ଦୟା କରିଛନ୍ତି ବୋଲି ତୁମର କିଛି ଅନିଷ୍ଟ ହୋଇନାହିଁ । ବର୍ତ୍ତମାନ ବାହାରିଯାଅ । ଯଦି ସେ ବିରକ୍ତ ହୁଅନ୍ତି ତୁମକୁ ପୋଡ଼ି ପାଉଁଶ କରିଦେବେ ।"

"ମୁଁ ପାଉଁଶ ହୋଇଯିବାକୁ ଚାହେଁ ।" ସେ କହିଲେ । ମଧ୍ୟବୟସ୍କ ଲୋକର ଧମକ ସତ୍ତ୍ୱେ, ସେ ଜଳିଗଲେ ନାହିଁକି ପୋଡ଼ି ପାଉଁଶ ମଧ୍ୟ ହୋଇଗଲେ ନାହିଁ । ଚାରିଜଣ ଲୋକ ତାଙ୍କୁ ବସ୍ତାଭଳି ଟେକିନେଲେ ଓ ହଲ୍ ବାହାରେ ଫିଙ୍ଗିଦେଲେ । ତାଙ୍କୁ ଛାଡ଼ିଗଲା ବେଳେ ସେମାନେ ଉପଦେଶ ଦେଲେ, "ଶୋଇବା ଆଗରୁ ଦେବୀଙ୍କୁ ପ୍ରାର୍ଥନା କର । ରାତିରେ ମା ଠାକୁରାଣୀ ଆସି ତୁମକୁ ଉଦ୍ଧାରିବେ ।"

Digitized by PPRACHIN, SOA

କାଲେ ମଡକୁ ମତ ମା ଠାକୁରାଣୀ ଉଦ୍ଧାରିବାକୁ ଆସିବେ ଓ ସେ ଦେବୀଙ୍କ ଦର୍ଶନ ପାଇପାରିବେ ଭାବି ସେ ସାରାରାତି ଚେଇଁ ରହିଲେ, କିନ୍ତୁ ମା' ଆସିଲେ ନାହିଁ । କେହି ଉଠାଇଲେ ନାହିଁ, ରାତି ପାହିଗଲା ।

ପଡ଼ିଶାରେ କିଛି କୋଳାହଳ ଶୁଣି ସେ ବାହାର ଆସିଲେ । ଗୁଡ଼ାଏ ଲୋକ ଜମା ହୋଇ ଚିତ୍କାର କରି ନିଜ ନିଜ କାହାଣୀ କହୁଛନ୍ତି । କ'ଣ ସେମାନେ କହୁଛନ୍ତି, ଗୋଟିଏ ଶବ୍ଦ ବି ସେ ବୁଝି ପାରିଲେ ନାହିଁ । ଜଣକୁ ପଚାରିଲେ, ଆଉ ଜଣକୁ, ତାପରେ ତୃତୀୟ ଜଣକୁ । କିନ୍ତୁ ଜଣେ ହେଲେ ବି ତାଙ୍କୁ ଚିହ୍ନିଲେ ନାହିଁ ।

ହଠାତ୍ ସମସ୍ତେ ଗପସପ ବନ୍ଦ କଲେ । ଅଖଣ୍ଡ ନୀରବତା ରାଜତ୍ୱ କଲା । ଗୋଟିଏ ପୁରୁଣା ଫାଟକ ଦେଇ ସ୍ୱାମୀ ସ୍ତ୍ରୀ ଭଳି ଲାଗୁଥିବା ଜଣେ ପୁରୁଷ ଓ ଜଣେ ସ୍ତ୍ରୀ ଲୋକ ବାହାର ଆସିଲେ । ସ୍ତ୍ରୀ ଲୋକ ଜଣକ ବଡ଼ପାଟିରେ ଚିତ୍କାର କରିବା ଆରମ୍ଭ କଲେ, "ନଗରର ନିୟମକୁ ସେହି ଲୋକ ଭାଙ୍ଗି ଦେଉଛି । ତାକୁ ପାଗଳଖାନାକୁ ପଠାଇବା ଉଚିତ ।" ପ୍ରତ୍ୟେକ ଲୋକ ତା ସହିତ ମିଶି ପାଟି କଲେ "ହଁ, ପାଗଳ-ଗାରଦକୁ ସେ ଯିବା ଉଚିତ । ତା ମୁଣ୍ଡ ଠିକ ନାହିଁ ।"

"କାହିଁକି ସେ ପାଗଳଗାରଦକୁ ପଠାଯିବ ?" ବାହାର ଆସି ସେ ପଚାରିଲେ ।

"ସେହି ଲୋକ ପାଗଳ ସାଙ୍ଗେ ମିଳାମିଶି ଗଲା ପରି ଲାଗିଲାଣି ।" କେହି କେହି କହିଲେ "ତାକୁ ମଧ୍ୟ ପଡ଼ିଶାରୁ ବାହାର କରି ଦେବାକୁ ହେବ ।"

"କିନ୍ତୁ କାହିଁକି ହେଲା କ'ଣ ?" ସେ ପଚାରିଲେ ।

"ବର୍ତ୍ତମାନ ନିୟମ ଏହା ଯେ, ପ୍ରତ୍ୟେକ ପୁରୁଷ, ସ୍ତ୍ରୀ, ବାଳକ, ବାଳିକା ନିଜ ଗୋଡ଼ରେ ଠିଆ ହେବେ । ଯଦି ଜଣେ ନିଜ ଗୋଡ଼ରେ ଠିଆ ହୋଇ ନ ପାରେ, ତେବେ ଅନ୍ୟର ଗୋଡ଼ ମାଗିକରି କିମ୍ବା ଭଡ଼ାରେ ଆଣିବ, କିନ୍ତୁ ସେହି ଲୋକ ଠିଆ ହେବ ବୋଲି ମୋତେ ମୋ ଗୋଡ଼ ମାଗୁଛି ।" ସ୍ତ୍ରୀ ଲୋକ ଜଣକ କହିଲା, "ତା ପକ୍ଷ ନେଉଥିବା ସେହି ଲୋକଟି ମଧ୍ୟ ଶ୍ରେଷ୍ଠ ଲୋକ । ଉଭୟେ ପଡ଼ିଶା ଉପରେ ଝାମ୍ପି ପଡ଼ନ୍ତି ।"

Digitized by PPRACHIN, SOA

ସେ ଜାଣିଥିଲେ ଯେ ତାଙ୍କର ପଡ଼ୋଶୀମାନେ କେବଳ ଦେଖାଣାହାର । କେବଳ ଦେଖଣାହାର ହିଁ ନୁହଁନ୍ତି, ଦୌଡ଼ ଧଳାଇ ଯିବାକୁ ସଦା ପ୍ରସ୍ତୁତ । ସ୍ତ୍ରୀ ଲୋକକୁ ସମସ୍ତେ ସମବେଦନା ଜଣାଉଥିଲେ ଓ କେତେକ ଚୁଲି ଯାଉ ଯାଉ ତାକୁ ଉପଦେଶ ଦେଉଥିଲେ, "ନଗରରେ ବହୁତ ସ୍ତ୍ରୀ ସେମାନଙ୍କ ପୁରୁଷମାନଙ୍କୁ ଚୁଲିବାକୁ ହଜଗୋଡ଼ ଦେଇ ଦେଇଚନ୍ତି । ତୁମେ ମଧ୍ୟ ସେଇଆ କରିବା ଉଚିତ । ଏହାପରି କଲେ ସ୍ତ୍ରୀ ଲୋକଟିକୁ ତୁମେ ସାହାଯ୍ୟ କରିପାରିବ ଓ ସେ ପାଗଳାଗାରଦକୁ ଯିବାରୁ ରକ୍ଷା ପାଇଯିବ ।"

ସ

ଘରର ନିର୍ଜନତା ଓ ଅନ୍ଧାର ତାକୁ କଷ୍ଟ ଦେଇଥିଲା । ଆଘାତର କ୍ଷତକୁ ଚିନ୍ତା ଓ କଳ୍ପନାର ପ୍ରଲେପରେ ସେ ଭୁଲିଯିବାକୁ ଚେଷ୍ଟା କରୁଥିଲେ । କବାଟରେ ଖଟ୍‌ଖଟ୍ ହେଲା । ଚିହ୍ନା ଆଙ୍ଗୁଠିର ଶବ୍ଦ ବାରିହେଉଚି । ବସିବା ଜାଗାରୁ ନଉଠି ସେ କହିଲେ, "ଭିତରକୁ ଆସ ।"

ତାଙ୍କ ପଡ଼ୋଶୀ ଭିତରକୁ ଆସି ତାଙ୍କ ପାଖେ ବସିଲେ । କିଛି ସମୟ ଦୁହେଁ ନୀରବ । ତାପରେ ସେ ଆଲାପ ଆରମ୍ଭ କଲେ "ଏଇ ନଗରରେ ଅଧିକ ଦିନ ରହି ଚଳିବା କଷ୍ଟକର ହୋଇଉଠିଲାଣି । ଏପରିକି ବନ୍ଧୁ ଓ ପରିଚିତ ଲୋକେ ଅଚିହ୍ନା ଧାଲଟିଗଲେଣି । ବ୍ୟବହାରର କାଇଦା ବଦଳିଗଲାଣି; ସାମାଜିକ ଚଳଣିର ଢଙ୍ଗ, ପରସ୍ପର ପ୍ରତି ନୈତିକ ଦାୟିତ୍ୱ, ସାମାଜିକ ଅଭ୍ୟାସ ମଧ୍ୟ ବଦଳିଗଲାଣି । ମୁଁ ଭାବୁଚି ଏ ନଗର ଛାଡ଼ି ଅନ୍ୟ କୁଆଡ଼େ ଚୁଲିଯିବି ।"

"ସ୍ତ୍ରୀ କି ପ୍ରକାର ଚିନ୍ତା ? ତୁମେ ତୁମ ନଗର ଛାଡ଼ିଯିବ, ମାଟିରୁ ତ ପଳାୟନ କରିପାରିବ ନାହିଁ । ଯୁଆଡ଼େ ଗଲେ ମାଟି ତୁମ ସାଙ୍ଗେ ସାଙ୍ଗେ ଯିବ ।" ପଡ଼ୋଶୀ କହିଲେ ।

"ସେଠି ତ ନିହାତି ଲୋକେ ନୂଆ ଓ ଅଲଗା ପ୍ରକାରର ହୋଇଥିବେ, ନୂଆ ମୁହଁ ଦେଖିବାକୁ ମିଳିବ ।"

Digitized by PPRACHIN, SOA

ପଡ଼ୋଶୀ ମୁଣ୍ଡ ହଲାଇଲେ । "ନା, କିଛି ପାର୍ଥକ୍ୟ ନାହିଁ । ମଣିଷର ଆକାର ଅଲଗା ହେଉଥିବ ସିନା, ଯୋଡ଼ ଆଖିଗୁଡ଼ାକ ଝରକା ଭିତର ଦେଖିବ, ସେଗୁଡ଼ାକ ଏକାପ୍ରକାର ହୋଇଥିବ । ଅନ୍ୟମାନେ ଯାହା କରନ୍ତି, ଆମେ କାହିଁକି ନ କରିବା ?"

"ଅନ୍ୟମାନେ କ'ଣ କଲେ ?" ସେ ପଚାରିଲେ ।

"ଅଧିକାଂଶ ଲୋକ ମୁଖା ପିନ୍ଧିଲେ" ପଡ଼ୋଶୀ କହିଲେ ।

"ମୁଖା ! ତୁମେ କହୁଛ ଆମେ ଆମ ନିଜଗୁଣ ତ୍ୟାଗ କରିବା, କର୍ତ୍ତବ୍ୟ-କାର୍ଯ୍ୟକୁ ଛାଡ଼ିଦେବା, କେବଳ ଏଇ ନଗରରେ ଏଇ ଲୋକଙ୍କ ମେଳରେ ରହିବାକୁ ସମର୍ଥ ହେବା ବୋଲି ?" ସେ ପଚାରିଲେ ।

"ନାଁ । ତୁମକୁ କିଛି ଛାଡ଼ିଯିବାକୁ ହେବ ନାହିଁ ବା କିଛି ଧରି ରଖିବାକୁ ହେବନାହିଁ । ଆମେ ମୁଖାକୁ ଅଲମାରିରେ ରଖିବା ଓ ସାଙ୍ଗରେ ନେବାଆଣିବା କରିବା । ଦରକାର ବେଳେ ତାକୁ ବ୍ୟବହାର କରିବା । ନହେଲେ ସେମାନେ ବ୍ୟାକ୍‌ରେ ଝୁଲି ରହିବେ ।

"କୋଉଠୁ ମୁଖାମାନ ଆଣିବ ?" ସେ ପଚାରିଲେ ।

"ମୁଖା ମିଳୁଛି ।ଲୋକେ ବ୍ୟବହାର କରୁଛନ୍ତି । ନଗର ମନ୍ଥନ ପରେ, ତୁମେ ଯେ ମୁଖା ନହେଲେ ଆଗେଇ ପାରିବ ନାହିଁ, ଏଇଟା ସାଧାରଣ କଥା ହେଲାଣି ।"

ଏପରିକି ପରଦିନ ସକାଳ ହେବା ଆଗରୁ ତାଙ୍କ ପଡ଼ୋଶୀ ଆସି କହିଲେ "ଚାଲିଯିବା । ଚଞ୍ଚଳ ବାହାର ।"

"କୁଆଡ଼େ ଯାଉଛେ ଆମେ ?" ସେ ପଚାରିଲେ ।

"ମୁଖା ତିଆରି କରୁଥିବା ଦୋକାନକୁ ମୁଁ ଠାବ କରିଛି ।"

"ଦୋକାନ ଠାବ କରିଛ ?" ସେ ବିସ୍ମୟରେ ପଚାରିଲେ ।

"ହଁ, ତୁମେ ସେଠାରେ ସବୁପ୍ରକାର ମୁଖା ପାଇଯିବ । ବଡ଼ ହଉ, ଶ୍ରେଷ୍ଠ ହଉ, ସାଙ୍ଗେ ସାଙ୍ଗେ ଦାମ୍ ଦେଇ ହଉ ବା କିସ୍ତିରେ ହଉ ।"

ମୁଖା ପୁଣି କିସ୍ତିରେ ମିଳେ ! ସେ କାବା ହୋଇଗଲେ । ନଗରମାନଙ୍କରେ କିସ୍ତିରେ ବହୁତ ଜିନିଷ ମିଳୁଛି । ଭଲଗୁଣ ଓ ମନ୍ଦଗୁଣ ବି କିସ୍ତିରେ ମିଳୁଛି । ମଣିଷ ଓ ତାଙ୍କ କାମ ବି କିସ୍ତିରେ ମିଳୁଛି । ଆଉ ଆଜିକାଲି ମୁଖା ବି କିସ୍ତିରେ ମିଳିଲାଣି ।

Digitized by PPRACHIN, SOA

ନଗର ଭିତର ଦେଇ ଯାଇଥିବା ରାସ୍ତାରେ ନ ଯାଇ ସେମାନେ ଗୋଟେ କଡ଼ରାସ୍ତାରେ ଦ୍ରୁତଭଙ୍ଗୀରେ ଚାଲିଲେ । ଜାଗାଟି ସେ ପୂର୍ବରୁ ଦେଖିନଥିଲେ । ନଗରର ସୀମା ବାହାରେ ଏ ଜାଗାଟି । ସୁଉଚ୍ଚ, ସୁନ୍ଦର ରଙ୍ଗବେରଙ୍ଗ କୋଠାଦ୍ୱାରା ଚତୁପାର୍ଶ୍ୱ ପରିବେଷ୍ଟିତ ଗୋଟିଏ ବିସ୍ତୃତ, ସମତଳ ଖୋଲାଜାଗା, ସେଠି ଅସଂଖ୍ୟ ମଣିଷ କ୍ୟୁରେ ରହିଛନ୍ତି ।

ଢେଙ୍ଗଢେଙ୍ଗିଆ କ୍ୟୁ ବଙ୍କେଇ ବଙ୍କେଇ ସାପପରି ବିସ୍ତାରି ଯାଇଚି । ଏତେ ମଣିଷ ଥିବା ସତ୍ତ୍ୱେ ନୀରବତା ଅଦ୍ଭୁତ ରହିଚି । ଆଶ୍ଚର୍ଯ୍ୟ କଥା ଯେ ଜଣେ ବି କେହି ଉଦ୍ଦ୍ୟୋକ୍ତା ସେଠାରେ ନାହାନ୍ତି । କ୍ୟୁରେ ବସି ସେମାନେ ଫିସ୍‌ଫିସ୍ ସ୍ୱରରେ ଗପ କରୁଛନ୍ତି ।

"ଆମ ପାଳି ପଡ଼ିବା ବଡ଼ କଷ୍ଟ ହବ ।" ସେ ଅନୁଚ୍ଚ ଅନୁନାସିକ ସ୍ୱରରେ କହିଲେ ।

"ସେମିତ ଜଣା ପଡୁଚି । କିନ୍ତୁ ଜିନଷ ହାସଲ କରିବାକୁ ହେଲେ ଜଣକୁ ଧୈର୍ଯ୍ୟ ଧରିବାକୁ ପଡ଼ିବ ।"

ଅଳ୍ପ ସମୟ ପରେ ତାଙ୍କ ପଡ଼ୋଶୀ ନିଜ ସାମ୍ନାର ଲୋକକୁ ପଚାରିଲେ "ଭାଇ, ମୁଖାଗୁଡ଼ାକର ଦାମ କେତେ ?"

ଜଣେ ଅଭିଜ୍ଞ ବିକ୍ରେତା ଭଳି ଲୋକଟି ଉତ୍ତର ଦେଲା, "ଦାମ ? କେତେ ପ୍ରକାରର ଦାମ ରହିଚି । କିସ୍ତିର ହାର ମଧ୍ୟ ଭିନ୍ନଭିନ୍ନ । କୋଉ ମୁଖା ତୁମେ ନେବ, ତା' ଉପରେ ଏସବୁ ନିର୍ଭର କରେ । ଜଣାପଡୁଚି ତୁମେ ଏଯାଏ ଫର୍ମ ପୂରଣ କରି ନାହଁ ।"

"ଫର୍ମ ? କୋଉ ଫର୍ମ ?" ପଡ଼ୋଶୀ ପଚାରିଲେ ।

"ସେ କୋଠାକୁ ଦୁଇଜଣଯାକ ପ୍ରଥମେ ଫର୍ମ ଆଣ, ପୂରଣ କର" ଲୋକଟି ଗୋଟେ ନୀଳକୋଠାକୁ ଦେଖାଇଦେଲା ।

ସେ ଓ ତାଙ୍କ ପଡ଼ୋଶୀ କ୍ୟୁ ଛାଡ଼ି କୋଠାଆଡ଼େ ଚାଲିଲେ । ଏ ଗୋଟେ ଚାରିମହଲା କୋଠା । ତଳ ମହଲାରେ ବୁଝିବାରୁ ଜଣାଗଲା ଯେ, ଉପର କେଉଁ ମହଲାରେ ଫର୍ମ ମିଳେ । ମହଲାଲୋକ ତୃତୀୟ ମହଲାକୁ ଦେଖାଇ ଦେଲେ । ସିଡ଼ି

Digitized by PPRACHIN, SOA

ଚଢ଼ି ଚଢ଼ି ସେମାନେ କୋଠାର ଆଭିଜାତ୍ୟ ଓ ସାଜସଜାକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ଏତେ ଚମତ୍କାର ଓ ଦର୍ଶନୀୟ କୌଣସି ସ୍ଥାନ ଉପରେ ପୂର୍ବରୁ ସେମାନଙ୍କ ଆଖି ପଡ଼ି ନଥିଲା । କୋଠାରେ କାମ କରୁଥିବା ସବୁ ଲୋକ ମୁଖା ପିନ୍ଧିଛନ୍ତି—ନିଜ ରୂପ ଲୁଚାଇଛନ୍ତି କିନ୍ତୁ ଅଦ୍ଭୁତ କଥା ଯେ କାମ କଲାବେଳେ ତାଙ୍କ ଶରୀର ଅନାବୃତ ରହୁଛି ।

ଚତୁର୍ଥ ମହଲା ଉପରକୁ ଉଠି ସେ ତାଙ୍କ ପଡ଼ୋଶୀଙ୍କୁ କହିଲେ, "ବନ୍ଧୁ, ସବୁ ଠିକ୍ ଅଛି । କିନ୍ତୁ ସେମାନେ ଏମିତି ଅନାବୃତ ରହିବା ମତେ ଭଲ ଲାଗୁନି ।"

ପଡ଼ୋଶୀ ଅଳ୍ପହସି କହିଲେ "ତୁମେ ଯଦି ତାଙ୍କ ମୁହଁ ଆଉ ଆଖି ଦେଖିବ, ତେବେ ଜାଣିବ କିଏ ଆବୃତ କିଏ ଅନାବୃତ ! ହେଲେ ସମସ୍ତେ ନିଜ ନିଜ ମୁହଁ ଆଖି ଘୋଡ଼ାଇ ପକାଇଛନ୍ତି । କିଏ କ'ଣ କେହି ଜାଣିପାରିବେ ନାହିଁ ।"

ଚତୁର୍ଥ ମହଲାରେ ପହଞ୍ଚିଲାପରେ ଜଣେ ଲୋକ ମୁଣ୍ଡ ନୁଆଁଇ ସେମାନଙ୍କୁ ସ୍ୱାଗତ କଲା ଓ ପର୍ଦ୍ଦା ଟେକିଦେଲା । ସେମାନେ ଗୋଟେ କୋଠରୀ ଭିତରକୁ ଗଲେ । ବଡ଼ ଟେବୁଲ ପାଖରେ ବସିଥିବା ଗୋଟେ ଲୋକ କାଟଷ୍ଟପ୍-ଦ୍ୱାରା କାଗଜ ସବୁ ଲେଉଟାଉଥିଲା । ସେମାନଙ୍କୁ ଦେଖି କାଗଜ ଆଡ଼େଇ ରଖି ପଚାରିଲା, "ତୁମେ ପ୍ରଶ୍ନାବଳୀର ଫର୍ମ ଚାହୁଁଛ ତ ?"

"ହଁ, ମହାଶୟ, ଆମେ ଫର୍ମ ପୂରଣ କରିବାକୁ ଚାହୁଁ । ମୁଖା ପାଇଁ କ୍ୟୁରେ ଆମେ ଛିଡ଼ା ହୋଇଥିଲୁ, କିନ୍ତୁ ଜଣେ କହିଲେ ପ୍ରଥମେ ଫର୍ମ ପୂରଣ କରିବା ଦରକାର ।"

"ହଁ, ଫର୍ମ ପୂରଣ କରିବା ଦରକାର ।" ଟେବୁଲ ପାଖଲୋକ କହିଲା "କାହିଁକି ତୁମେ ମୁଖା ଚାହଁ ତା ବି ଜଣାଇବାକୁ ପଡ଼ିବ ।"

କେତେକ୍ଷଣ ସେମାନେ ଚିନ୍ତାରେ ବୁଡ଼ିଗଲେ, କାରଣ ମୁଖା ସେମାନଙ୍କର କାହିଁକି ଦରକାର, ନିଜକୁ ଏକଥା ପଚାରି ନଥିଲେ । ତାପରେ ତାଙ୍କ ପଡ଼ୋଶୀ ଟିକେ କୁଣ୍ଠିତ ହୋଇ କହିଲେ, "ମହାଶୟ, ନଗରର ଲୋକମାନଙ୍କ ସହ ଜଣେହୋଇ ଆମେ ଦିନ କାଟିବାକୁ ମୁଖା ଚାହୁଁଛୁ । ଆପଣ ତ ଜାଣନ୍ତି, କଥାରେ ଅଛି, ରୋମରେ ଥିଲାବେଳେ, ରୋମାନଙ୍କ ପରି ହୁଅ ।"

Digitized by PPRACHIN, SOA

"ଆଉ ଗୋଟେ କାରଣ ବି ଅଛି । ନଗରର ଉନ୍ନୟନ ଓ ବିକାଶ ସହ ସମ୍ପୃକ୍ତ ହେବାକୁ ଯେ ଚାହିଁବ, ତାର ବି ମୁଖା ଦରକାର । ମୁହଁକୁ ମୁଖାରେ ଘୋଡ଼ାଇ ସେ ତାର ଦୁର୍ବଳତା ଓ ଖରାପ ଉଦ୍ଦେଶ୍ୟତକ ଲୁଚାଇ ପାରିବ, ତା ହେଲେ ଲୋକଙ୍କର ଭଲ ମଙ୍ଗଳ ହେବ । ଲୋକେ ଯଦି ଜଣକର ଦୁର୍ବଳତା ବିଷୟ ଜାଣିବେ, ତା କଥା କଦାପି ଶୁଣିବେ ନାହିଁ । ଏକଥା ସତ, ମଣିଷ ମାତ୍ରେ ଦୁର୍ବଳତା ଅଛି, ତଥାପି ଅନ୍ୟ ଲୋକଙ୍କ ପାଇଁ କାମ କରିବା ଲୋକ ତାର ମନ୍ଦଗୁଣତକ ଲୁଚାଇବା ଉଚିତ ।

"ଆପଣ ଏକ୍‌ବାର ଠିକ୍ କହୁଚନ୍ତି । ମଣିଷ ହିଁ ମଣିଷ । ଯଦି ତାର କିଛି ବି ତ୍ରୁଟି ନଥାନ୍ତା—ସେ ଈଶ୍ୱର ହୋଇ ଥାଆନ୍ତି । ଶ୍ରେଷ୍ଠସନ୍ଥ ହୋଇଥାନ୍ତା ।" ସନ୍ଧାଗୀ କହିଲେ ।

"ବର୍ତ୍ତମାନ କୁହ, ତୁମର କିପରି ମୁଖା ଦରକାର ।"

"କେତେ ପ୍ରକାର ମୁଖା ଆପଣଙ୍କ ପାଖେ ଅଛି ?" ସନ୍ଧାଗୀ ପଚାରିଲେ— "ବହୁ ପ୍ରକାର ଅଛି—ସବୁଠୁ ଭଲ, ମଧ୍ୟମ ଭଲ, ପୁଣି ନିକୃଷ୍ଟ ମୁଖାବି ଅଛି ।" ଟେବୁଲ ପାଖ ଲୋକ କହିଲା, "ଏଇ ଫର୍ମ ନେଇ ନିଜ ମନ ମୁତାବକ ଟିକ୍ ଦିଅ ।"

ଦୁହେଁ ଫର୍ମ ନେଲେ । ଟେବୁଲ ପାଖ ଲୋକକୁ ସେ ପଚାରିଲେ "ସବୁଠୁ ଭଲ ଓ ସୁନ୍ଦର ମୁଖାର କିମ୍ପି କେତେ ?"

"ଦାମୀ ମୁଖା ଅଳ୍ପ କେତୋଟି ଅଛି । ସେ ଗୁଡ଼ିକ ପାଇଁ କିମ୍ପି ନାହିଁ । ବରଂ ସେ ଗୁଡ଼ିକ ପାଇଁ ତୁମକୁ କିଛି ବନ୍ଧକ ଦେବାକୁ ପଡ଼ିବ, ଟେବୁଲ ପାଖଲୋକ କହିଲା ।"

"କ'ଣ ବନ୍ଧକ ଦବାକୁ ପଡ଼ିବ ।" ସେ ପଚାରିଲେ ।

"ସେ ପ୍ରକାର ମୁଖା ପାଇଁ ନିଜ ବୁଦ୍ଧିକୁ ବନ୍ଧକ ଦେବାକୁ ପଡ଼ିବ ।"

"ବୁଦ୍ଧି ?" ଉତ୍ତରରେ ଆହତ ହୋଇ ସେ କହିଲେ "ବୁଦ୍ଧିକୁ ପୁଣି ବନ୍ଧକ ଦବା ?"

"ହଁ, ବୁଦ୍ଧି, ମସ୍ତିଷ୍କ" ଶବ୍ଦ ଗୁଡ଼ିକୁ ଟେନ୍ଦେଇଲା ପରି ଉଚ୍ଚାରଣ କରି ଲୋକ ଜଣକ କହିଲେ ।

ସେ ଭାବିଲେ ପଶୁଠାରୁ ମଣିଷକୁ ଅଲଗା କରିପାରିବାର ମୂଳ ଜିନିଷଟି ବୁଦ୍ଧି । ମଣିଷ ଯଦି ବୁଦ୍ଧିକୁ ବନ୍ଧକ ଦେଲା ସେ ପଶୁ ସ୍ତରକୁ ଖସି ଆସିବ ।

Digitized by PPRACHIN, SOA

"ଅନ୍ୟ ମୁଖାମାନଙ୍କ ପାଇଁ କେଉଁ ଜିନିଷ ବନ୍ଧକ ଦେବାକୁ ହେବ" ପଡ଼ୋଶୀ ପଚାରିଲେ ।

"ଅନ୍ୟ ମୁଖା ଶସ୍ତା । କେତେକ ପାଇଁ ଆମେ ଆଖିକୁ ସିକ୍ୟୁରିଟି ରଖିଚୁ । ଅନ୍ୟ କେତେକ ପାଇଁ ଆମେ କାନ, ଅନୁଭବ କଳନା, ସ୍ନେହ, ଗନ୍ଧ, ବାହାଦୁରୀକୁ ରଖିଚୁ । ବର୍ତ୍ତମାନ ଫର୍ମ ପୂରଣ କରନ୍ତୁ । ସେଠି ସବୁ ପୁଙ୍ଖାନୁପୁଙ୍ଖ ଲେଖାଯାଇଚି । ଆପଣ ଆବଶ୍ୟକ ଥିଲେ ଟିକ୍ ମାରି ଫର୍ମରେ ଦସ୍ତଖତ କରନ୍ତୁ ।" ଟେବୁଲପାଖ ଲୋକ ତରତର ହୋଇଥିଲା ପରି କହିଲେ । ଯେତେକ ଖାତ ପଥର ଦ୍ୱାରା ପୂରଣ କଲାପରି ଏ ଫର୍ମ ପୂରଣ କରିବା ଗୋଟେ କାମ, ଯେତେକ ସେ କହୁଥିଲେ "ଶୀଘ୍ର ପୂରଣ କର ।"

"ମହାଶୟ, ଲୋକଙ୍କୁ ଭବି ବିଚାର କରିବାପାଇଁ ତ କିଛି ସମୟ ଦବା କଥା ।" ସେ କହିଲେ ।

ଟେବୁଲ ପାଖଲୋକ ମୁର୍କି ହସିଲେ "ନିଶ୍ଚୟ । ଆପଣ ବିଚାର କରିବାକୁ ସମୟ ନେଇପାରନ୍ତି । ଯେତେ ଇଚ୍ଛା ସେତେ ସମୟ ନିଅନ୍ତୁ । ଆପଣ ଯାହା ଯହୁ ସହକାରେ ବିଚାର କରନ୍ତୁ ।"

ସେମାନେ ଦୁଆର ଆଡ଼କୁ ଗଲେ । କିନ୍ତୁ ଦୁଆରପାଏ ଯିବା ପୂର୍ବରୁ ଟେବୁଲ ପାଖଲୋକ କହିଲା, "ଯଦି ଅନୁଭବ କରୁଛ ତୁମର ମୁଖା ଦରକାର ନାହିଁ, ତେବେ ପୂରଣ ନକରି ଫର୍ମ ଫେରାଇ ଦିଅ । ଅଳ୍ପ ସଂଖ୍ୟକ ଫର୍ମ ଆମକୁ ଯୋଗାଯାଇଛି ।"

ଶୀଘ୍ର ସେମାନେ ଓହ୍ଲାଇ ଗଲେ । ଦେଖିଲେ, କେତେକ ଲୋକ କେତେକ ମୁଖା ବୋହି ନେଉଚନ୍ତି—କେତେକ ଭଲ, କେତେକ ନିକୃଷ୍ଟ, କେତେକ ଅଦରକାରୀ । ଦୀର୍ଘ ସମୟ ସେମାନଙ୍କୁ ଲକ୍ଷ୍ୟକଲେ । ତାପରେ ତାଙ୍କ ପଡ଼ୋଶୀ ଜଣେ ଲୋକପାଖକୁ ଯାଇ ପଚାରିଲେ "ଏ ମୁଖାଟି ଖୁବ୍ ସୁନ୍ଦର । ଆପଣ ଏହା ପାଇଁ କ'ଣ ବନ୍ଧକ ଦେଲେ ?"

ସେ ଲୋକ ଗମ୍ଭୀରଭାବେ ଉତ୍ତର ଦେଲା "ମୋ ସ୍ତ୍ରୀ ସବୁବେଳେ ମତେ କହନ୍ତି ଯେ ମୁଁ ମସ୍ତିଷ୍କ ଠିକ୍‌ଭାବେ ଖଟାଉ ନାହିଁ । ଆଜି ତାଙ୍କର ପାଇଁ ମୋ ମସ୍ତିଷ୍କ ବନ୍ଧକ ଦେଲି । ସେ ଏଣିକି ଖୁସି ହେବେ ।" କହି ଲୋକଟି ଚାଲିଗଲା ।

Digitized by PPRACHIN, SOA

ସେମାନେ ଆଗେଇଲେ । ଜଣେ ଲୋକ ତାଙ୍କ ଆଗକୁ ଧସେଇ ପଶିଲା, ତା ନିଜ ଆକାରଠାରୁ ବଡ଼ ଗୋଟେ ମୁଖା ସେ ପିନ୍ଧିଥିଲା । "ଆମ ଆଗରେ ଜବରଦସ୍ତ ଠିଆହୋଇ, ତୁମେ ଆମକୁ କ'ଣ କହିବାକୁ ଚାହୁଁଛ ?" ସେ ପଚାରିଲେ ।

"ମୁଁ ମୋ ମୁଖା ତୁମକୁ ଦେଖାଇବାକୁ ଚାହୁଁଛି ।"

"ମୁଖା ଦେଖାଇବ କାହିଁକି ?" ସେ ପଚାରିଲେ ।

"କାରଣ ତୁମେ ଭାବ ଯେ ମୁଁ ଜଣେ ନୀଚ ଲୋକ । ମୁଖା ପିନ୍ଧିଲେ ତୁମକୁ ବିଶିଷ୍ଟ ମନେ ହେବ ।" ଗପିଗପି କେତେକ ପାହାଚ ତାଙ୍କ ସହିତ ଯାଇ ସେ ଅଲଗା ହୋଇଗଲା ।

ନଗର ସୀମା ଆରମ୍ଭରେ ଥିବା ଦୁଇଟି ସ୍ତମ୍ଭର ଜଙ୍କସନ ଯୋଡ଼ିଠି, 'ନଗରକୁ ସ୍ୱାଗତ କରୁଛୁ' ଲେଖାଥାଏ, ସେଠାରେ ପହଞ୍ଚିଲା ବେଳକୁ ସେ ପଡ଼ୋଶୀଙ୍କୁ କହିଲେ, "ଭଲ ଯେ ଆମେ ମୁଖା ଆଣିନେ । ମତେ ସେ କୋଠାମାନ ଓ ସେଠାକାର କାରବାର ଆଦୌ ଭଲ ଲାଗିଲାନି ।"

ଦିଗ୍‌ବଳୟ ତଳକୁ ଖସିପଡ଼ିବାକୁ ପ୍ରସ୍ତୁତ ହୋଇ ସନ୍ଧ୍ୟାର ସୂର୍ଯ୍ୟ ଆଗରେ ତାତି ଲାଲ୍ ଦେଖାଗଲା । ବାସଗୃହର ଛାତ ଉପରେ ଠିଆହୋଇ ସେ ଦେଖିଲେ ଯେ ସେ ଶୂନ୍ୟ ଆକାଶର ଓଲଟା କପ୍ ଆଡ଼େ ଅନାଇଁଛନ୍ତି । ସେ ଜାଗାଟି ସୂର୍ଯ୍ୟକୁ ଦର୍ଶନମୁକ୍ତି କରିବାକୁ ଛାଡ଼ ଦେଇଛି ସତେ କି ! ହଠାତ୍, ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ସାମ୍ନାକୁ ଆସି ତାକୁ ଚାହିଁ ରହିଲା—

"କ'ଣ ଚାହିଁ ରହି ଦେଖୁଛ ?" ସେ ପଚାରିଲେ ।

"ତୁମକୁ ଦେଖୁଛି ।" ଅଚିହ୍ନା ଲୋକ କହିଲା ।

"କାହିଁକି ତୁମେ ମତେ ଦେଖୁଛ ?"

"ଦେଖୁଛି, ତୁମେ ମତେ ଚିହ୍ନି ପାରୁଛ କି ନାହିଁ ।"

"ତୁମକୁ ?" ନିରୀକ୍ଷଣ କରି ସେ କହିଲେ, "ମୁଁ ତୁମକୁ ଚିହ୍ନି ପାରୁନାହିଁ ।"

"ମୁଁ ସବୁଠୁ ବଡ଼ ଦାର୍ଶନିକ, ଲେଖକ ଓ ସମାଜ ସେବକ" ଅଚିହ୍ନା ଲୋକ କହିଲା ।

ସେ ବିସ୍ମିତ ହୋଇ କହିଲେ "ହୋଇପାରନ୍ତି । କିନ୍ତୁ ନିଜେ ନିଜେ ଏପରି ଘୋଷଣା କରି କାହିଁକି ଆପଣ ଶ୍ରେଷ୍ଠ ହୋଇ ଯାଉଛନ୍ତି ?"

Digitized by PPRACHIN, SOA

"କାରଣ ମୁଁ ମୁଖା ପିନ୍ଧିଛି" ଅଚହ୍ନା ଲୋକ ହସିଲା । ତାର ହସ ତାଙ୍କୁ ଅଲଗା ପ୍ରକାର ଲାଗିଲା ।

"ତୁମେ ବୋକାବନେଇ ଚ, ନୁହଁ ?" ତାଙ୍କ ପଡ଼ୋଶୀ କହିଲେ ।

"ତୁମେ ମସ୍ତିଷ୍କକୁ ବନ୍ଧକ ଦେଲ ?" ଖରସ୍ୱରରେ ସେ ପଚାରିଲେ ।

"ନାହିଁ, ଜଣେ ସମ୍ପର୍କୀୟ ଠାରୁ ଏହାକୁ ଧାର ଆଣିଛି," ଏମିତି ମଜାରେ ମୁର୍କି ହସି ପଡ଼ୋଶୀ କହିଲେ ।

"ଯାଅ, ସେ ମୁଖା ଫେରାଇ ଦିଅ ।"

"ଆଉ ଟିକେ ମଜା କରେଁ ।"

"ମଜା ? ଏଇ ପ୍ରକାର ମଜା ଯୋଗୁଁ ତ ମୁଁ ଏ ନଗର ଗୁଡ଼ା ବାହାରିଛି ।"

ତାକୁ ଗୁଡ଼ା, ମୁଖା ଫେରାଇବାକୁ ପଡ଼ୋଶୀ ବାହାରିଚନ୍ତି ସେ ପଛରୁ ଡ଼ାକି କହିଲେ "ତୁମେ ଏ ମୁଖାକୁ ଚିର୍ ପକାଇବା ସମ୍ଭବ ହବନି ?"

"ସେ ଲୋକ ମତେ ଗାଳିଦବ ।" ପଡ଼ୋଶୀ ଉତ୍ତର ଦେଲେ, "ହଁ ଯଦି ମୁଖା ଚିର୍ ଖଣ୍ଡ ଖଣ୍ଡ ହୋଇଯାଏ, ଯୋଉ ଲୋକ ଏହାକୁ ପିନ୍ଧୁଚନ୍ତି ସେମାନେ ମସ୍ତିଷ୍କ ଆଖି, କାନ, ଯାହା ସବୁ ବନ୍ଧକ ଦେଇଚନ୍ତି ସେଗୁଡ଼ିକୁ ଆଉ ଫେର ପାଅନ୍ତେ ନାହିଁ, ଏବଂ ଏ ନଗର ଧ୍ୱଂସ ମୁଖରୁ ରକ୍ଷା ପାଆନ୍ତା ।"

ପଡ଼ୋଶୀ ମୁଖାକୁ ଚିର ଦେଲେ । ଭୟଙ୍କର ଶବ୍ଦ ହେଲା । ଏତେ ଜୋର ଶବ୍ଦ ହେଲା ଯେ ଲୋକେ ଏ ଦୁଇ ଜଣଙ୍କୁ ଦେଖିବାକୁ ନିଜ ନିଜ ଘରର ଛାତ ଉପରକୁ ଦଉଡ଼ିଲେ ।

୪

ବଗିଚାରେ ଏକା ଏକା ବସି ସେ କାଗଜ ତିଆରି ଫୁଲକୁ ଦେଖୁଥିଲେ । ସେ ବଗିଚାର ଗଛ ପତ୍ର ଫୁଲ ସବୁକିଛି ସିନ୍ଥେଟିକ୍‌ର । ସେ ଚିନ୍ତୁଥିଲେ କୋଉ ଫୁଲର

Digitized by PPRACHIN, SOA

କୋଉ ଗନ୍ଧ ଥିବା ଜଣତ, କୋଉ ଗଛ ଭୁଲକମେ ଗୋଟିଏ ଚଢ଼େଇକୁ ତା ଡ଼ାଳରେ ଆସି ବସିବା ପାଇଁ ଆକର୍ଷଣ କରବ, ସେ ଆକାଶକୁ ଅନାଇଲେ ଚଢ଼େଇମାନେ ଦ୍ରୁତ ବେଗରେ ଉଡ଼ିଆସି ଗଛପନ୍ତ ଉପରେ ଘୁର ଘୁର ଫେର ଯାଉଚନ୍ତି । ମଣିଷ କଜକୁ ରଙ୍ଗ ଓ କାଗଜ ଫୁଲରେ ଠକ ପାରେ, କନ୍ତୁ ଗଛ, ପନ୍ତ ଓ ଫୁଲର ସଚ୍ଚା ପ୍ରେମିକ ମାନଙ୍କୁ ଠକ ପାରବ ନାହିଁ । ସେ ନଜକୁ ନଜେ ହସିଲେ ।

ତାଙ୍କ ଅଜ୍ଞାତରେ ଜଣେ ଅପରଚିତ ଝିଅ ଆସି ପାଖରେ ବସି ପଡ଼ିଲା । ସେ ଏତେ ସୁନ୍ଦର, ଗୋରୀ ଓ ଆକର୍ଷଣୀୟ ଥିଲା ଯେ ତା ଉପରେ ଆଖି ପଡ଼ିଲାମାତ୍ରେ ଛୁନଆ ହୋଇ ସେ ଉଠିପଡ଼ିବାକୁ ଯାଉଥିଲେ । ଝିଅଟି ମଧୁର ହସି କହିଲା, "ମୋଠି ତୁମ ପ୍ରେମ ପ୍ରୀତରୁ ଏତକି ମାତ୍ର ଅବଶିଷ୍ଟ ରହିଚ ? ତୁମେ ମତେ ପୂରା ଭୁଲି ଗଲଣି ?"

"କେତେଥର ସେ ଆଖି ମଳିଲେ । ମୁଣ୍ଡରେ ଟିପା ମାର ମନେ ପକାଇବାକୁ ଲାଗିଲେ । ହେଲେ ଝିଅଟିକୁ ଚହ୍ନି ପାରଲେ ନାହିଁ । ଶେଷକୁ ସେ କହି ପକାଇଲେ, ମୁଁ ଦୁଃଖିତ, ତୁମକୁ ଚହ୍ନିପାରୁ ନାହିଁ ।

"ମୁଁ ରମା" ଝିଅଟି କହିଲା ।

ସେ ଆହତ ହୋଇ ଆଶ୍ଚର୍ଯ୍ୟ ହୋଇ ଚହିଁଲେ, "ରମା ?"

"ହଁ ରମା, ସେଇ ରମା, ତୁମ ଜୀବନର······ ତୁମର ସବୁକଛି ।"

"ହେଲେ ତୁମେ, ଏଡ଼େ ସୁନ୍ଦର ? କୁଆଡ଼େ ଯାଇଥିଲ ?"

"ମୁଁ ବାହା ହେଲି" ଝିଅଟି ଉତ୍ତର ଦେଲା ।

"ତୁମେ ବବାହିତା ? ତୁମ ସ୍ୱାମୀ କାହାନ୍ତି ?

"ଏଇ ନଗରରେ ଅଛନ୍ତି । ମୁଁ ତାଙ୍କୁ ଅନେକଥର କହିଲଣି, ସାଙ୍ଗରେ ଆସ, କନ୍ତୁ ମୋ ସାଙ୍ଗେ ଆସିବାକୁ ତାଙ୍କୁ ଲାଜ ମାଡୁଛି ।"

"ଲାଜ ମାଡୁଛି କାହିଁକ ?

"ସେ କହନ୍ତି, ସ୍ୱାମୀ ଅପେକ୍ଷା ସେ ମୋ ବାପଘର ବେଶି ଦଶନ୍ତି ।

"ତୁମ ବାପଘର ଦଶନ୍ତି ? କ'ଣ କହୁଚ ତୁମେ ?"

Digitized by PPRACHIN, SOA

"ସେ ବୁଢ଼ା"

"ତୁମେ ବୁଢ଼ାଟିକୁ ବାହାହେଲ ? ନିଜ ଇଚ୍ଛାରେ ?" ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

"ହଁ ନିଜ ଇଚ୍ଛାରେ ହିଁ ବୁଢ଼ାବର ବାହାହେଲି । କିନ୍ତୁ ସେଥିରେ କ'ଣ ଅଛି ? ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?"

"କିଛି ନାହିଁ, କିଛି ଯାଏ ଆସେ ନାହିଁ, ତଥାପି" ସେ ତଳକୁ ଚାହିଁଲେ ।

"ତଥାପି କ'ଣ ? ସବୁପ୍ରକାର ସୁଖର ବାଟ ମୁଁ ପାଉଚି—ସବୁକିଛି" ଅଳ୍ପ ହସି ଝିଅଟି କହିଲା ।

"ସବୁପ୍ରକାର ସୁଖ, ଯାହା ତୁମେ ଚାହଁ ? ଏକଥା ସତ ?"

"ହଁ ତା' ସତ । ସେ ଲକ୍ଷପତି ଓ ମୁଁ ତାଙ୍କ ସ୍ତ୍ରୀ । ଏବେ ସେ ଦୁଇବର୍ଷ ଚାକିରୀ ହୋଇଚନ୍ତି । ତୁମର ଯଦି ଧନ ଅଛି, ତୁମେ ଯେ କୌଣସି ଚାକିରୀ ପାଇ ପାରିବ । ସବୁକିଛି ଫେରି ପାଇ ପାରିବ ।"

ଝିଅଟି କ'ଣ କହୁଚି ? ସେ ବିସ୍ମିତ ହେଲେ । କୋଡ଼ିଏ ମାଟିରେ ସ୍ନେହ ଝିଅ ତଥାପି, ଏମିତି କଥାସବୁ କହିପାରୁଚି ! ସ୍ତ୍ରୀ ପରେ ସେ କ'ଣ କହିବ, ତାଙ୍କ କଳ୍ପନାକୁ ଆସୁନାହିଁ ।

"ତା' ହେଲେ, ତୁମେ ତାଙ୍କ ପ୍ରତି ବିଶ୍ୱସ୍ତ ହେବା ଉଚିତ ।" ସେ କହିଲେ । ଝିଅଟି ଦୀର୍ଘଶ୍ୱାସ ପକାଇଲା—"ବିଶ୍ୱସ୍ତ ? ଯା'ମ— ଜୀବନର ବଣିଜରେ ଆମେ ଦୁହେଁ ଅଂଶୀଦାର—ଲାଭକ୍ଷତିରେ ଭାଗନେଉ ସେ ପ୍ରକାର ବିଶ୍ୱସ୍ତତା ପରସ୍ପର ଭିତରେ ଅଛି । ମୁଁ ତାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛି, ସେ ମଧ୍ୟ ମତେ ଦେଇଚନ୍ତି । ସେ କହନ୍ତି, ଗାର୍ହସ୍ଥ୍ୟ ସମତା କେବଳ ପରସ୍ପରର ବିଶ୍ୱାସ ଉପରେ ନିର୍ଭର କରେ ।"

ଦୀର୍ଘକାଳ ଉଭୟଙ୍କ ଭିତରେ ନୀରବତା ରାଜତ୍ୱ କଲା । ତାପରେ ଝିଅଟି ପଚାରିଲା, "ତୁମେ କେମିତି ଅଛ ? ଜୀବନ କେମିତି ଚାଲିଛି ?"

"ଠିକ୍ ଅଛି । ଠିକ୍ ହୋଇଯିବ । ନଗରର ନୂଆ ନିୟମ ପାଇଁ ସମସ୍ତେ ଠିକ୍ ଅଛନ୍ତି, ଖୁସି ଅଛନ୍ତି ଶାନ୍ତି ବିରାଜମାନ କରୁଚି ।"

Digitized by PPRACHIN, SOA

"ଶୀଘ୍ର ନଗରବିକାଶ ଲାଭ କରୁଚି । ପୂର୍ବରୁ କେମିତି ଥିଲା, ଏବେ କେମିତି ହୋଇଲାଣି ? ଯୋଉଠି ଜଙ୍ଗଲ ଥିଲା, ସେଠି ଅଟ୍ଟାଳିକା ହେଲାଣି, ବିଜୁଳି ଆଲୁଅ, କାଚର ହର୍ମ୍ୟ ଓ ଫୁଲ ବଗିଚା । ମୋ ସ୍ୱାମୀ ନଗର ଉନ୍ନୟନରେ ସ୍ୱତନ୍ତ୍ରଭାବେ ଆଗ୍ରହୀ । ଲକ୍ଷପତିମାନଙ୍କ ନିଷ୍ଠାଶୀଳ ଆଗ୍ରହ ବିନା କୋଉ ନଗର ଭଲ ବେଶୀ ଉନ୍ନତ ହୋଇପାରିବ ?

"କେବଳ ସେ ଏକଥା ଭାବନ୍ତି ନା ସେମାନଙ୍କ ପାଇଁ ମଧ୍ୟ କିଛି କରନ୍ତି ?" ସେ ପଚାରିଲେ ।

"ସେ ଭାବନ୍ତି ଓ କରନ୍ତି ବି । ମୋ ମତରେ ସେ ନଗର ଓ ଲୋକମାନଙ୍କ କଥା ବରାବର କଥା ହୁଅନ୍ତି ।" ଝିଅଟି ଯିବାକୁ ଉଠିଲା, "ମୁଁ ଏବେ ଯାଉଚି । ଆଉ କେବେ ଦେଖାହେବ ।" ସେ ଉତ୍ତର ଦେଲେ ।

"ଯଦି ମୋ ସହିତ କିଛି କରିବାକୁ ଅଛି, ମତେ ଦେଖାକର ।" ସେ କହିଲେ ।

"ନହେଲେ, ଦେଖା କରିବ ନାହିଁ ?" ଝିଅଟି ପଚାରିଲା ।

ସେ ତାକୁ ନିବିଡ଼ ଭାବେ ଚାହିଁଲେ । ଉତ୍ତରରେ କିଛି କହିଲେ ନାହିଁ ।

ଝିଅଟି ଯିବାପରେ ତାଙ୍କ ସମଗ୍ର ସତ୍ତାକୁ ଏକ ଅଦ୍ଭୁତ ବିଷାଦ ଘେରିଗଲା । ଝିଅଟି କେତେ ବଦଳି ଯାଇଚି । ସେଇ ଝିଅଟିର ପରିବର୍ତ୍ତନ ପାଖରେ ତାଙ୍କ ଚିନ୍ତା ପ୍ରତି ମିନିଟରେ ପହଞ୍ଚିଲା । ମନକୁ ଅନ୍ୟଆଡ଼େ ଭୁଲାଇବାକୁ ସେ ଚେଷ୍ଟା କଲେ ।

ଦ୍ରୁତ ପ୍ରଗତି ଓ ଉନ୍ନୟନ ପରିସ୍ଥିତିରେ ପୁରୁଣା ଜିନିଷ ଗୁଡ଼ାକ ସବୁଠୁଁ ମରହଟ୍ଟୀରୂପେ ପରିଗଣିତ ହୁଏ ! କିନ୍ତୁ ଲୋକେ ସେ ସବୁ ପ୍ରତି ଧ୍ୟାନ ରଖିଥାଆନ୍ତି, ବୋଧହୁଏ ଏଇଥିପାଇଁ ଯେ ସେଗୁଡ଼ିକ ଅଗ୍ରଗତି ଓ ଆଧୁନିକତାର ମୂଲ୍ୟକୁ ସୂଚେଇବା ପାଇଁ ମାଇଲଖୁଣ୍ଟି ହୋଇଥାଏ ।

ସେ ଧ୍ୱଂସର ମୁହାଁମୁହିଁ ହେଲେ । ଗୋଟିଏ ଧ୍ୱଂସସ୍ତୂପ ମଣିଷ ରୂପକୁ ନେଇଚି—ବୁଢ଼ାର ରୂପ, ପ୍ରାଚୀନ ଲୋକ, ସେ କହୁଚି, "ମୁଁ ଆରମ୍ଭରୁ ଏପରି ଭଙ୍ଗାରୁଜା ନଥିଲି । ମୁଁ ଗୋଟିଏ ଅଟ୍ଟାଳିକା, ସୁନ୍ଦର ଓ ଆକର୍ଷଣୀୟ । ମୋର ଦ୍ୱାର ବାହାର ଦୁନିଆକୁ ଖୋଲା ଥାଏ—ବନ୍ଦ ଥିଲେବେଳେ ବାହାର ଦୁନିଆଠାରୁ ବିଚ୍ଛିନ୍ନ

Digitized by PPRACHIN, SOA

ଥାଏ, ମୋଠି ଅନେକ ଝରକା ଥିଲା, ଯାହା ମଧ୍ୟ ଦେଇ ତୁମେ ବାହାର ଓ ଭିତର ସବୁ ଦେଖି ପାରିବ, ଭେଣ୍ଟିଲେଟର ସବୁ ଥିଲା ସତେଜ ଆଲୋକ ଆସିବା ପାଇଁ— ମୋର ଯେଉଁ ଚଟାଣରେ ଆବାଳ ବୃଦ୍ଧବନିତା ଚଳପ୍ରଚଳ ହେଉଥିଲେ, ସେହି ଚଟାଣ ଓ ତାର ଗୋପନୀୟତାକୁ ଲୁଚାଇବା ପାଇଁ ମୋର କାନ୍ଥମାନ ବି ଥିଲା । କିନ୍ତୁ ଆଜି ସେ ସବୁର ବିଲୟ ହୋଇଛି ।

ଆଉ ଗୋଟେ ଧ୍ୱଂସପ୍ରାପ୍ତ ଅଟ୍ଟାଳିକା ତା' ପାଖରେ ଛିଡ଼ା ହୋଇଛି—ସତେ କି ହସରେ ଫାଟି ପଡ଼ୁଛି, କହିବ କହିବ ହେଉଛି "ମାନ ଏତିକି ତୁମର ଥିଲା ? ମୋର ଥିଲା ଆହୁରି ଅନେକ କିଛି । ମୂଲ୍ୟବାନ ଦର୍ପଣ ଓ ଆଡ଼ମ୍ବରପୂର୍ଣ୍ଣ ଝଲମଲ ଝାଡ଼ବତୀରେ ପରିପୂର୍ଣ୍ଣ ବଡ଼ ବଡ଼ ହଲ ମୋର ଥିଲା । ସେ ହଲଗୁଡ଼ିକ ସଙ୍ଗୀତ, ନୃତ୍ୟ ଓ ଜୀବନର ଜୟଗାନରେ ସ୍ପନ୍ଦିତ ହେଉଥିଲେ । କିନ୍ତୁ ଏଥିରେ ଯେଉଁମାନେ ବାସ କରୁଥିଲେ, ସେମାନେ ମୂଲ୍ୟ ପିଛା ନଥିଲେ । ମୂଲ୍ୟବୋଧକୁ ବଳି ଦେବା ଅପେକ୍ଷା ମୃତ୍ୟୁକୁ ସେମାନେ ଶ୍ରେୟସ୍କର ମଣୁଥିଲେ । ବଚନ ରକ୍ଷା କରିବା ପାଇଁ ସେମାନେ ଜୀବନ ଦେବାପାଇଁ ପ୍ରସ୍ତୁତ ଥିଲେ । କିନ୍ତୁ......"

ତା ପରେ ବ୍ରିଟିଶମାନଙ୍କ ବିଧ୍ୱସ୍ତ ଅଟ୍ଟାଳିକା ତାଙ୍କୁ ସତେ ଯେମିତି ପଚାରିଲେ "ନୂଆ ନଗରର ନୂଆପଣରେ ତୁମେ ତ ରହୁଥିବ । କେମିତି ଅଛ ?"

ତାଙ୍କୁ ଦୁଃଖ ଲାଗିଲା । ଯାହା ସେ ଜାଣିଚନ୍ତି, ତାହାହିଁ କେବଳ କହି ପାରିବେ । ହେଲେ, ଏବେ କେତେ ଦିନ ଧରି ସେ ନଗର ବିଷୟରେ ଓ ନିଜ ସମ୍ପର୍କରେ କେମିତି ବିଭ୍ରାନ୍ତ ହୋଇପଡ଼ିଛନ୍ତି ଏବଂ ଏହି ଦୁଇଟି ବିଷୟରେ ବିଶେଷ କିଛି ଜାଣିପାରୁ ନାହାନ୍ତି ।

"ମୁଁ କହିପାରିବିନି," ସେ ଉତ୍ତର ଦେଲେ, "ହୁଏତ ମୁଁ କିଛି କହିପାରନ୍ତି, ଯଦି ମନିଷ, କାନ୍ଥ, ଗଳି, ରାସ୍ତା, ଚରିତ୍ର, କାର୍ଯ୍ୟ ଓ ଉଦ୍ଦେଶ୍ୟ ସବୁ ସ୍ଥିର ଥାଆନ୍ତେ, କିନ୍ତୁ କିଛି ଆଉ ସେଭଳି ନାହିଁ ।"

"ଗତକାଲି କେତେକ ଲୋକ ମୋ ପାଖକୁ ଆସିଥିଲେ । ସେମାନେ କେତେଥର ନିଜ ଯନ୍ତ୍ରକୁ ମୋ ପାଖକୁ ଠେଲି ଦେଲେ ଏବଂ ପରେ ଚାଲିଗଲେ ।" ଧ୍ୱସ୍ତ ଅଟ୍ଟାଳିକା ବର୍ଣ୍ଣନା କଲା, "ମତେ ହସ ମାଡ଼ିଲା । ସତ କହିବାକୁ ଗଲେ ସେମାନେ ଆମକୁ ଆଉ ପସନ୍ଦ କରୁନାହାନ୍ତି ।"

Digitized by PPRACHIN, SOA

"ମୁଁ ମଧ୍ୟ ସେହିପରି ଶବ୍ଦ ଶୁଣିଛି । ମୁଁ ସତର୍କ ହୋଇଗଲି । ସେମାନେ କାଗଜ ଯୋଡ଼ାପରି ମତେ ଦିଶିଲେ । ଯୋଉ ଜାଗା ସେମାନେ ଖୋଜୁଥିଲେ, ମେ ସବୁ ନୂଆ । ଆମେ ପୁରୁଣା । ଆମର ପ୍ରତିଟି ଇଟା ସେମାନଙ୍କ ଦାନ୍ତକୁ ଧାଡ଼ୁଆ କରିଦେବ ।"

"ମୁଁ ଘରଆଡ଼େ ତୁମକୁ ଖୋଜିଲି ।" ଟିକେ ଉତ୍ତେଜିତ ହୋଇ ପଡ଼ୋଶୀ କହୁଥିଲେ "ଏଠି ତୁମେ କ'ଣ କରୁଚ ?"

"ମୁଁ ଏଇ ଧ୍ୱଂସସ୍ତୁପଙ୍କ ସହ କଥାବାର୍ତ୍ତା କରୁଚି ।" ସେ କହିଲେ ।

"ଧ୍ୱଂସସ୍ତୁପ ସହ କଥାବାର୍ତ୍ତା ! ତୁମ ମୁଣ୍ଡ ଠିକ୍ ଅଛି ତ ?"

"ବର୍ତ୍ତମାନ ଦୁଇଟିଯାକ ବିଧ୍ୱସ୍ତ ଅଟ୍ଟାଳିକା ମୋ ପାଖରେ ବସି ସେମାନଙ୍କ କାହାଣୀ ମତେ କହୁଥିଲେ ।"

ପଡ଼ୋଶୀ ବିରକ୍ତ ହୋଇଗଲେ, "କ'ଣ ତୁମେ କହୁଛ ? ଧ୍ୱଂସ ସ୍ତୁପମାନେ ତୁମ ପାଖରେ ବସିଥିଲେ ? ଉଠ, ଯିବା ।" ତାଙ୍କ ବାହାକୁ ଧରି ତାଙ୍କୁ ଉଠାଇବାକୁ ଚେଷ୍ଟାକଲେ ।

"କୁଆଡ଼କୁ ଯିବା ?" ସେ ପଚାରିଲେ ।

ଏଥିରେ ପଡ଼ୋଶୀ ଆଗ୍ରହୀ ହୋଇ କହିଲେ "ଚାଲ ଘରକୁ ଯିବା ।"

"ଘର ? ଘର କାହିଁ ? କାହାଘର ?"

ଏ କଥା ଶୁଣି ପଡୋଶୀ କିଛି ବି ଉତ୍ତର ଦେଲେ ନାହିଁ । ତାଙ୍କ ପାଖରେ ବସିପଡ଼ି କହିଲେ "ନଗର ଛକରେ ଆଜି ଗୋଟେ ସଭା ହେବାକୁ ଯାଉଚି । ମୁଁ ସେମାନଙ୍କୁ ଭାଷଣ ଦେବି ।"

କାନ ଠିଆ କରି ସେ କହିଲେ "ଭାଷଣ ଦବାକୁ ଯାଉଚ, କ'ଣ କହିବ ?"

"କେବଳ ଏତିକି···ଯାହା କମି ଯାଉଚି ତାକୁ ବଢ଼ାଅ—ଆଉ ଯାହା ବଢ଼ି ଚାଲିଚି ତାକୁ କମାଇବାରେ ଲାଗ ।"

"ଲୋକେ ତୁମ କଥା ଶୁଣିବେ ?" ସେ ପଚାରିଲେ ।

Digitized by PPRACHIN, SOA

"ହଁ, ଶୁଣିବେ । ମୁଁ କହିବା ଆଗରୁ ମହାତ୍ମା ସେଠି ପହଞ୍ଚି ସାରିଥିବେ । ଆଜି ସେ ମୋତେ ବଡ଼ କରିଦେବେ । ଲୋକେ ବଡ଼ ଲୋକଙ୍କ କଥା ଶୁଣନ୍ତି ।"

"ତୁମକୁ ଶୁଣିଲା ପରେ, କ'ଣ ହବ ?"

"ଶୁଣିଲାପରେ ସେମାନେ ଭାବିବାକୁ ଆରମ୍ଭ କରିବେ ।" ପଡ଼ୋଶୀ କହିଲେ । ବଡ଼ ପାଟିରେ ହସିଉଠି ସେ କହିଲେ "ଏ ନଗରର ଅନେକ ଲୋକ ମୁଖା ଆଣିବା ପାଇଁ ଆପଣା ମସ୍ତିଷ୍କକୁ ବନ୍ଧକ ଦେଇ ସାରିଲେଣି ମସ୍ତିଷ୍କ ନଥିଲେ ସେମାନେ କେମିତି ଚିନ୍ତା କରିବେ ?"

ପଡ଼ୋଶୀ ବିବ୍ରତ ହେଲେ । ସେ ମଞ୍ଚକୁ ଯାଇ ଭାଷଣ ଦବାକୁ ଚାହୁଁଥିଲେ କିନ୍ତୁ ଏକଥାରେ ହତୋତ୍ସାହ ହେଲେ ।

"ତଥାପି ମୁଁ କହିବାକୁ ଚାହେଁ" ପଡ଼ୋଶୀ କହିଲେ ।

"ଠିକ୍ ଅଛି, ତୁମେ କୁହ, ମୁଁ ବସି ମଜା ଦେଖିବି ।" ଧ୍ୱଂସସ୍ତୂପକୁ ଚାହିଁ ସେ କହିଲେ ।

ମୁଖ୍ୟ ବଜାରର ଅବହାୱା ବଦଳିଥିଲା ପରି ସେମାନଙ୍କୁ ଲାଗିଲା । ବହୁତ ଲୋକ—ମୁଣ୍ଡ, ଆଖି, ପାଦର ବନ୍ୟା ସତେ କି ବୋହି ଚାଲିଥିଲା । ଲୋକେ ନୀରବରେ ଯାଉଥିଲେ—କେବଳ ଗୁରୁତ୍ୱପୂର୍ଣ୍ଣ କଥାକୁ ଫିସ୍ ଫିସ୍ ସ୍ୱରରେ ପରସ୍ପର ଭିତରେ କୁହାକୁହି ହେଉଥିଲେ ।

ନଗରର ଖାସ୍ ଛକରେ କିଛି ହେଉ ନଥିଲା । ସେଠି ନା ମଞ୍ଚ ନା ଲୋକ କେହି ନଥିଲେ । ଛକରେ କେହି ଅଟକୁ ନଥିଲେ । ପଡ଼ୋଶୀଙ୍କୁ ସେ ପଚାରିଲେ "ସେଠି ତୁମେ ଭାଷଣ ଦବ କହୁଥିଲ ।"

ପଡ଼ୋଶୀ ବି ଚକିତ ହେଲେ । ସମସ୍ତ ଯୋଜନା ବିଫଳ ହୋଇଥିବା ପରି ଲାଗୁଥିଲା । ଛକ ପାଖରେ ଠିଆ ହୋଇଥିବା ଲୋକମାନଙ୍କ ଭିତରୁ ଜଣକୁ ସେ ପଚାରିଲେ "ଏଠି ଗୋଟିଏ ମଞ୍ଚ ତିଆରି ହେବାର ଥିଲା । ଗୋଟିଏ ସଭାରେ କେତେକ ଲୋକ ଭାଷଣ ଦେବାର ଥିଲା ।"

ଲୋକଟି ଉତ୍ତର ନଦେଇ ନିଜ ବାଟରେ ଚାଲିଗଲା । ବଡ଼ ପୋଷ୍ଟରଟେ କୋଣରେ ମରା ହୋଇଥିବାର ଦେଖି ରାସ୍ତାରୁ ସେମାନେ ଗଳିକୁ ଗଲେ । ପୋଷ୍ଟରକୁ ସେ ଅନାଇଲେ ! ସେଥିରେ ଲେଖାଥିଲା :

Digitized by PPRACHIN, SOA

"ଆମେ ସମସ୍ତେ ସୁଖୀ ହେବାକୁ ଚାହୁଁ । ସୁଖପାଇଁ ଗୋଟିଏ ନୂଆ ରାସ୍ତା ମିଳିଯାଇଛି । ସେଇ ରାସ୍ତା ଦେଖିବାକୁ ଶୁଣିବାକୁ କହିବାକୁ ଓ ଚିନ୍ତା କରିବାକୁ ପ୍ରତିରୋଧ କରେ । ଯଦି ଦେଖିବାକୁ ଚାହଁ, ଆଖି ବନ୍ଦକରି ଦେଖ । ଶୁଣିବାକୁ ଚାହିଁଲେ କାନରେ ଠିପିଦେଇ ଶୁଣ । କଥା ନକହି ଯଦି ରହିପାରିବ ନାହିଁ, ଓଠକୁ ନିରୁଜ ରଖି କଥା କୁହ ।"

ପଡିସାରି ପଡୋଶୀ ତାକୁ ଅନାଇଲେ । ସେ ମଧ୍ୟ ପଡୋଶୀଙ୍କୁ ଅନାଇ କହିଲେ "ଯେତେ ଚୁପ୍ ରହିବ, ସେତେ ସୁଖୀ ହେବ । ବର୍ତ୍ତମାନ କେହି ନିଃସ୍ୱାର୍ଥ ସେବକ ନେତା ସମସ୍ତଙ୍କୁ ସୁଖୀ ରହିବା ଦେଖିବାକୁ ଚାହାନ୍ତି । ସତ୍ତି ସବୁ ଖୁବ୍ ଭଲରେ ତିଆରି ହୋଇଛି କିନ୍ତୁ ସେ ଏକଥା ଯୋଗ କରି ଆଆନ୍ତେ ଯେ—ଯିଏ ପରମ ସୁଖ ଅଭିଳାଷୀ, ସେ ଖାଇବା ପିଇବା ଭାବିବା ଓ ଅନୁଭବ କରିବା ତ୍ୟାଗକରିବା ଉଚିତ ।"

"କ'ଣ ତୁମେ କହୁଚ ?" କିମ୍ଭୁତ କିମ୍ବାକାର ଦିଶୁଥିବା ଜଣେ ଲୋକ ତାଙ୍କ କାନ୍ଧରେ ହାତରଖି ପଚାରିଲା ।

"ଭାବିବା ଓ ଖାଇବା ମଧ୍ୟ ଆପେ ଛାଡ଼ି ଦେବା ଉଚିତ ।" ସେ କହିଲେ ।

"ତୁମେ ବୁହେଁ ଏଠି ବିଦେଶୀପରି ଦିଶୁଚ । ତୁମେ ଏଠାରେ କଥା କହି ପାରିବ ନାହିଁ ବୋଲି ନିୟମ ହୋଇଛି । ଅଥଚ ତୁମେ କଥା କହିବାରେ ଲାଗିଚ ।"

"ଯିଏ କଥା କହି ଚାଲିଥିବ ତାର କ'ଣ ହବ, ପୋଷ୍ଟରରେ ତା' ଲେଖା ହୋଇନ କାହିଁକି ?" ପଡୋଶୀ ପଚାରିଲେ ।

"ସେ ଗୋଟିଏ ବଡ଼ ଜନ ସମାବେଶରେ ସମ୍ମାନିତ ହେବ ଓ ପୁରସ୍କାର ପାଇବ ।" କହି ଲୋକଟି ତାଙ୍କ କାନ୍ଧକୁ ଏତେ ଜୋର୍ ଚିପି ଦେଲା ଯେ ତାଙ୍କୁ କାଟିଲା ।

"ଗୋଟେ ସଇତାନ । ସେ ମୋ କାନ୍ଧ ଭାଙ୍ଗି ଦେଇଥାନ୍ତା ।" ସେ କହିଲେ ।

ପଡୋଶୀ ବିବ୍ରତ ହୋଇ ପଡ଼ିଲେ ।

ଘରକୁ ଫେରି ସେ ଭାବିଲେ, ନିଜେ ବି ଏମିତି ବଡ଼ ପୋଷ୍ଟରଟେ ଲଗାଇବେ, ସେଥିରେ କିମ୍ବଦନ୍ତୀ ରହିବ "ଆଖି, କାନ ଓ ପାଟି ବନ୍ଦ କରିଥିବା ଜଣେ ଲୋକ

Digitized by PPRACHIN, SOA

ପଥରଠାରୁ ଅଧିକ କିଛି ନୁହେଁ । ତେଣୁ ସୁଖ ଓ ପରମଉନ୍ନତିର ପ୍ରଶ୍ନ ଆଦୌ ଉଠୁନାହିଁ ।" ବଡ଼ ପୋଷ୍ଟରକୁ ନିଜ ପୋଷ୍ଟର ଦ୍ୱାରା ପୋଡ଼ାଇ ପକାଇବେ ବୋଲି ସେ ଭାବିଲେ । କିନ୍ତୁ ଏହି ଯୋଜନା ପରବର୍ତ୍ତୀ ଦିନକୁ ସ୍ଥଗିତ ରଖିଲେ ।

ପରଦିନ ଭୋରରୁ ଘର ଛାତ ଉପରକୁ ସେ ଗଲେ । ସୂର୍ଯ୍ୟ କିଛିଟା ଶୀତଳ ଓ ଧୂଳିଆ ମନେ ହେଉଥିଲା । ଆକାଶ କୁହୁଡ଼ିଆ ଦିଶୁଥିଲା । ପଡ଼ୋଶୀ ଘରମାନ ବି ସ୍ପଷ୍ଟ ଦିଶୁ ନ ଥିଲା ।

"ଗୋଟେ ଅଦ୍ଭୁତ ଘଟଣା ଆଜି ଘଟିଛି ।" ତାଙ୍କ ପଡ଼ୋଶୀ ଆସି ତାଙ୍କୁ କହିଲେ । ଯୋଉ ଝିଅଟା ପୂର୍ବଥର ତାଙ୍କ ସହିତ ଆସିଥିଲା, ସେ ମଧ୍ୟ ତାଙ୍କ ସହିତ ଅଛି ।

"କ'ଣ ଅଦ୍ଭୁତ କଥା ଦେଖିଲ ?" ସେ ପଚାରିଲେ ।

"ଲାଗୁଛି ଯେମିତି ସାରା ନଗରଟା ଧୋଇ ପୋଛି ହୋଇ ଯାଉଛି । ଲୋକେ ଅନ୍ୟ ଜାଗାକୁ ଚାଲିଯାଉଛନ୍ତି ।"

"ଲୋକେ କୁଆଡ଼େ ଯିବେ ? ପଚା ଫଳ ଭିତରେ ଥିବା ପୋକ ସଙ୍ଗେ ସେମାନେ ସମାନ । ଯେଉଁଠି ମେଳା ବାନ୍ଧିବେ, ତାର ଭିତରେ ମରିବେ ।"

"ବେଶ୍, ନିଜେ ଆସି ଦେଖ ।"

"ସେ ବି ସାଙ୍ଗରେ ଆସିବେ ?" ଝିଅଟିକୁ ଲକ୍ଷ୍ୟକରି ସେ କହିଲେ ।

"ହଁ, ସେ ବି ବୁଲିବାକୁ ଚାହେଁ ।"

"ତାଙ୍କୁ କାହିଁକି ସାଙ୍ଗରେ ଆଣିଲ ?"

"ମୁଁ ତାଙ୍କୁ ଆଣିନି, ସେ ଜବରଦସ୍ତ ଆସିଛନ୍ତି, ପାଗଳ ପରି ଗପୁଛନ୍ତି, କହୁଛନ୍ତି, ଯେକୌଣସି ସମୟରେ ଯେକୌଣସି କଥା ଘଟିଯାଇ ପାରେ । ତାଙ୍କ ହାତରେ ଥିବା ଅଳ୍ପ କେତୋଟି ଦିନ ସେ ମୋ ସହିତ କଟାଇବେ । ସେ ସୁଯୋଗ ଯେପରି ତାଙ୍କୁ ମୁଁ ଦିଏ । ତାଙ୍କ ପାଇଁ ମୋର କରୁଣା ଆସୁଛି । ତେଣୁ ମୁଁ କହିଲି, ହଉ ଆସ ।"

ଅଦ୍ଭୁତ କିଛି ଘଟିବ ବୋଲି ପଡ଼ୋଶୀ ଯେତେବେଳେ କହୁଥିଲେ, ସେ ବୁଝୁଥିଲେ ଯେ, ଅଦ୍ଭୁତ ଅର୍ଥ, ଯାହା ସେ ଆଗରୁ ଦେଖି ନାହାନ୍ତି । ପ୍ରକୃତ ନଗରରେ

Digitized by PPRACHIN, SOA

ଯାହା ଘଟୁଥିଲା ସେଥିରେ ସେ ଆଶ୍ଚର୍ଯ୍ୟ ହେଉଥିଲେ । ଏଠି ଘଟିବାର ଅର୍ଥ କେବଳ ଶୁଣିବା ।"

"ତୁମେ କ'ଣ ଭାବୁଚ ?" ପଡ଼ୋଶୀ ପଚାରିଲେ ।

"ମୁଁ ଭାବୁଚ, ଆବୃତ ହେଉ କି ଅନାବୃତ ହେଉ, ଜଣେ ଲୋକ ଯୁଆଡ଼େ ଯାଏ, ତା ଦେହକୁ ସାଙ୍ଗରେ ନେଇଯାଏ, ସୁଯନ୍ତ୍ରିତ ହେଉ କି ନ ହେଉ ତା' ଘର ବି ତା' ସହିତ ଯାଏ । ମୁଁ ଭାବେ, ମଣିଷ ତା ଘରର ତ୍ୟାଗ କଲେ ବି ସେମାନେ ତା' ସାଙ୍ଗରେ ଯାଆନ୍ତି ।"

"ଆପଣଙ୍କ କଥାର ଅର୍ଥ ମୁଁ ବୁଝିଲି । ମୁଁ ଅପେକ୍ଷା କରୁଚି, ତୁମେ ବାହାର ।" ଦିନକେଁ ବାହାର ଆସିଲେ, କିନ୍ତୁ ଅସାଧାରଣ କଥା ଦେଖିଲେ ନାହିଁ । ଦୋକାନ ବଜାର, ଲୋକେ, ରାସ୍ତାଘାଟ, ଗଳି ଥିଏଟର ଗାଡ଼ି ସବୁ ପୂର୍ବପରି ଅଛି । ଅସାଧାରଣ କୋଉଠି ଘଟିଚି, ପଡ଼ୋଶୀଙ୍କୁ ପଚାରିବାକୁ ଚାହୁଁଥିଲେ, କିନ୍ତୁ ଦ୍ୱିଧାବୋଧ କଲେ । ସେମାନଙ୍କ ସହିତ ଆସିଥିବା ଝିଅଟି ପ୍ରତଥର ମୁକି ହସି ପଡ଼ୋଶୀଙ୍କୁ ଚାହୁଁଥାଏ । ତାଙ୍କ ପ୍ରଶ୍ନ ସେମାନଙ୍କ ଭିତରେ ଥିବା ସୂକ୍ଷ୍ମ ଡୋରକୁ ଛିଡ଼ାଇ ଦଉଥାଏ ।

ନଗରରେ ନିଃସନ୍ଦେହରେ ଗୋଟିଏ ନୂଆ କଥା ପରିଲକ୍ଷିତ ହେଉଥାଏ । ପ୍ରତିଛକ, ରାସ୍ତାଧାର, ପ୍ରତିକୋଣରେ ଗୋଟିଏ ଲେଖାଁ ନୂଆ ଛବି ଥାଏ । କେତେକ ଲୋକ ସାମ୍ନାରେ ଛିଡ଼ାହେଇ ଛବିଗୁଡ଼ିକୁ ଦେଖୁଥାଆନ୍ତି । ପ୍ରତିଟି ଛବି ତଳେ ଲେଖା ଯାଇଚି "ସେ ତୁମ ନିଜର ଛବି ।"

କିନ୍ତୁ ଛବି ଦେଖିବା ପ୍ରତ୍ୟେକ ଲୋକ, ଶୀଘ୍ର ବୁଲିପଡ଼ି ଅନ୍ୟଲୋକଙ୍କୁ ଦେଖନ୍ତି, ସତେ କି ପଚାରନ୍ତି, "ସେ ଆମର ଛବି ?" ପ୍ରତିଟି ଛବିରେ ସୁନା ଗହମକେଣ୍ଡା ଅମଳ କରି କାଟୁଥିବା ଲୋକଟେ ଥାଏ ।

"ସେ ଆମର ଛବି ?" ଜଣେ ତାଙ୍କୁ ପଚାରିଲା ।

"ସେଇଆ ତ ଲେଖା ହେଇଚି" ସେ ଉତ୍ତର ଦେଲେ ।

"ମୋର ଜମି ନାହିଁ, ବଳଦ କି ହଳ ନାହିଁ । ମୁଁ ରାସ୍ତାରେ ମୂଲ ଲାଗେ । ଏସବୁ ସତ୍ତ୍ୱେ, ସୁନାଗହମକୁ ମୁଁ ଅମଳ କରୁଚି, କେତେବଡ଼ ପରିହାସ ସତରେ !"

ବୋଧହୁଏ ସମସ୍ତେ ନିଜ ନିଜ ଭିତରେ ଏଇପରି କଥା ଚୁପ୍ ଚୁପ୍ କହୁଥିଲେ, କାରଣ ସେମାନଙ୍କର କାହାର ଜମି, ବଳଦ କି ହଳ ନ ଥିଲା ।

Digitized by PPRACHIN, SOA

"ଏ ଛବି ଚିରି ଫୋପାଡ଼ି ଦେବାକୁ ଇଚ୍ଛା ହେଉଛି ।" ଅନ୍ୟଜଣେ କହିଲା ।

"ସ୍ୱୀ କରିବା ଅଧିକାର ତୁମର ନାହିଁ ।" ସେ କହିଲେ ।

"କାହିଁକି ?"

"କାରଣ ନଗରରେ ଅନେକ ଲୋକ ଅଛନ୍ତି । ଯୋଉମାନେ ସତକୁ ସତ ସୁନା ଗହମ ଅମଳ କରୁଚନ୍ତି, ଏ ଛବି ସେମାନଙ୍କର ବି ପ୍ରତିନିଧି ।"

ଲୋକଟି ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ଅନାଇଲା । "ଏଇ ନଗରରେ ? ସୁନା ଅମଳ କରୁଛନ୍ତି ? କିଏ ସେମାନେ ?"

ଭାବିବାକୁ ତୁମେ ସକ୍ଷମ ନୁହଁ । ମୁଁ କହିପାରେ ଯେ ଆହୁରି ଦଶ କି କୋଡିଏ ବର୍ଷ ଧରି ଭାବିବାକୁ ତୁମେ ସକ୍ଷମ ହୋଇ ପାରିବ ନାହିଁ । ପ୍ରକୃତ କଥା ହେଲା, ଆମେ ହିଁ ସେଇ ଜମି ଯୋଉଥିରେ ସୁନା ଫଳୁଚି । ଅମଳକାରୀ ସେଇମାନେ, ଯିଏ ମୁଣ୍ଡା ପିନ୍ଧି ବଣିଜ ଆରମ୍ଭ କରିଚନ୍ତି ଆଉ ଉଲଗ୍ନହୋଇ ଗୃହଆଡ଼େ ବୁଲୁଚନ୍ତି । ତାଙ୍କ ମୁହଁ ଓ ଆଖି ଘୋଡ଼େଇ ହୋଇ ରହିଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହେଉଛି ।

ତାଙ୍କ କଥା ସରିକି ସେ ଲୋକପ୍ରତି ଡିନାମାଇଟ୍‌ରେ ଫ୍ୟୁଜ୍ ଜଳାଇବା ପରି ଥିଲା ! ତାଙ୍କ ଗୃହପଟେ ଲୋକ ଜମା ହେବାକୁ ଲାଗିଲେ । ସେ ଗ୍ଲାନିଆଁ ହୋଇ ପଡ଼ିଲେ, ଭୁଲ ପାଇଁ ମନସ୍ତାପ କଲେ । ସେ ଜାଣିଥିଲେ, ଯୋଉମାନେ ଲଗାଇଚନ୍ତି, ସେମାନେ ବି ଆଖ ପାଖରେ କୋଉଠି ଥିବେ, ଲୋକେ ଜମା ହବାର ଦେଖି ସେମାନେ ମଧ୍ୟ ଶୀଘ୍ର ଚାଲି ଆସିବେ । ସେ ଏକଥା ବି ଭଲକରି ଜାଣିଥିଲେ ଯେ ନକ କାଗା-ମାନଙ୍କରେ ଛବି ଝୁଲାଇଥିବା ଲୋକ ସାଧାରଣ ଲୋକ ନୁହନ୍ତି, ସେମାନଙ୍କ ପାଖରେ କଣ୍ଠା, ସ୍କ୍ରୁ, ଚେନ୍, ହାତୁଡ଼ି, ପିଡ଼ି, କଣ୍ଟରି ଯଥେଷ୍ଟ ମହଜୁଦ ଥିବ । ଅଳ୍ପରେ କହିଲେ ସବୁ କିଛି ଥିବ । ଛବି ଚିରିବା ବଦଳରେ ମଣିଷ ଚିରି ଦେବାର କ୍ଷମତା ବି ସେମାନଙ୍କର ଅଛି । ସେ ମୁହଁ ଲୁଚାଇ ଧୀରେ ଗହଳି ଭିତରୁ ଖସି ଆସିଲେ ଓ ବଡ଼ ଅଟ୍ଟାଳିକା ପାହାଚ ଉପରେ ବସି ପଡ଼ିଲେ ।

"କ'ଣ ହଉଚି ସେଠି ?" ପାହାଚରେ ଠିଆ ହୋଇଥିବା ଜଣେ ଲୋକ ପଚାରିଲା ।

"ମୁଁ ଜାଣେନା । ପ୍ରକୃତରେ ସେଠି କ'ଣ ଘଟୁଚି ମୁଁ ଜାଣିବାକୁ ଚାହୁଁଚି ।" ସେ ସଂକ୍ଷିପ୍ତ ଉତ୍ତର ଦେଲେ ।

Digitized by PPRACHIN, SOA

ଲୋକଟି ତାଙ୍କୁ ଗହଳି ଭିତରୁ ଆସିବା ଦେଖିଥିଲା । କିନ୍ତୁ ସେ କିଛି ଜଣାଇଲା ନାହିଁ । କେତେ ମିନିଟ୍‌ପରେ, ଏଇ କୋଳାହଳ ଓ ଗଣ୍ଡଗୋଳ ନିଆଁ ଉପରେ ପାଣି ପଡ଼ିଲେ ଗରମ ପାଉଁଶ ଥମିଗଲାପରି, ଥମିଗଲା । ପ୍ରତ୍ୟେକ ଲୋକ ଯେଝା ବାଟରେ ଚାଲିଗଲେ । କିନ୍ତୁ ପଡ଼ୋଶୀ ଓ ସେ ଝିଅଟି ସେଇଠି ଠିଆ ହୋଇ ରହିଲେ । ଚୋରଆଡ଼କୁ ଚାହିଁ ବୋଧହୁଏ ତାଙ୍କୁ ହିଁ ଖୋଜୁଥିଲେ । ସେ ବିବ୍ରତ ବୋଧକଲେ ଓ ସେମାନେ ରାସ୍ତାର ଅନ୍ୟପାଖକୁ ଚାଲିଗଲା ପରେ ସେ ନିଜେ ଯାଇ ତାଙ୍କ ସହ ମିଶିବେ ବୋଲି ଆଶାକଲେ ।

ପରକ୍ଷଣରେ ସେମାନେ ଚାଲିଗଲେ । ସେ ମଧ୍ୟ ଉଠିଲେ, ତରତରରେ କେଇପାଦ ଯାଇ ତାଙ୍କ ସହ ମିଶିଲେ ।

"ତୁମେ କୁଆଡ଼େ ହଜିଗଲ ?" ପଡ଼ୋଶୀ ପଚାରିଲେ ।

"ମୁଁ ପରେ କହିବି । ଚାଲ ଏଠୁ ସିଧା ଘରକୁ ପଳାଇବା ।" ସେ ଉତ୍ତେଜିତ ହୋଇ ପଡ଼ୋଶୀଙ୍କୁ କହିଲେ ।

"କାହିଁକି ? ଆମେ କାହିଁକି ପଳାଇଯିବା ?"

"ତୁମେ ଯିବାକୁ ନଚାହିଁଲେ ନଯାଅ । ମୁଁ ଘରକୁ ଯାଉଚି ।"

"କିନ୍ତୁ କଥା କ'ଣ ଆମେ ଜାଣିବା ତ !" ପଡ଼ୋଶୀ ଓ ଝିଅ ଉଭୟେ କହିଲେ ।

"ସେ ନିରବ ହେଲେ । ପଡ଼ୋଶୀ ଓ ଝିଅଟିକୁ ପଛରେ ଛାଡ଼ି ନିଜ ଘର ଆଗରେ ସେ ଚାଲିପଡ଼ିଲେ ।"

ନିଜ ବଖରାରେ ପହଞ୍ଚି ଆରାମରେ ନିଶ୍ୱାସ ମାରିଲେ ।

ସେ ଖୁବ୍ ଥକିପଡ଼ି ହୋଇଥିଲେ । ତାଙ୍କ ମୁଣ୍ଡ ବୋଝିଆ ଓ ଅକାମି ଲାଗୁଥିଲା ।

"ତୁମେ କି ଅଦ୍ଭୁତ ଲୋକ !" ପଡ଼ୋଶୀଙ୍କ ସ୍ୱରରେ ସେ ଚମକି ପଡ଼ିଲେ । ତାକୁ ଏହା ଏପରି ଉତ୍ତେଜିତ କଲା ଯେ ପଡ଼ୋଶୀଙ୍କୁ ଚିରି ଖଣ୍ଡ ଖଣ୍ଡ କରିଦେବାକୁ ସେ ଇଚ୍ଛାକଲେ । ପଡ଼ୋଶୀ କେତେଥର ତାଙ୍କୁ କଥାବାର୍ତ୍ତାରେ ଲଗେଇବାକୁ ଉସ୍‌କାଇବାକୁ ଚେଷ୍ଟା କଲେ କିନ୍ତୁ ସେ ନିରୁତ୍ତର ରହିଲେ । ପଡ଼ୋଶୀ ନୀରବରେ ବସିଲେ, ଆଶାକଲେ କିଛି ନ ପଚାରିଲେ ହୁଏତ ସେ କିଛି ସମୟପରେ କଥା ଆରମ୍ଭ କରିବେ ।

Digitized by PPRACHIN, SOA

କିନ୍ତୁ ମଣିଷର ମନ ଏକ ଅଦ୍ଭୁତ ଗତିଶୀଳ ଜିନିଷ ଦେହରେ ଫୁଟି ଯାଇଥିବା କଣ୍ଟାଟିଏ ପରି ଯାହା ବିବ୍ରତ କରେ, ମୋଡ଼ି ମାରି ଦିଏ ଓ ଉତ୍ତେଜିତ କରେ—

"ବର୍ତ୍ତମାନ ଘରକୁ ଯାଅ । କାଲି ଆସିବ ।" ସେ କହିଲେ । ପଡ଼ୋଶୀ ଉଠିପଡ଼ି କିଛି ନକହି ଚାଲିଗଲେ ।

ପରଦିନ ସନ୍ଧ୍ୟାରେ ପଡ଼ୋଶୀ ତାଙ୍କୁ ଦେଖାକଲେ । ତତ୍‌କ୍ଷଣାତ୍ ତାଙ୍କୁ ଦେଖି ସେ କହିଲେ "ଗତକାଲି ଯୋଉ ଛବି ଆମେ ଦେଖିଥିଲେ, ତା ତଳେ ଆଉରି କିଛି ଅଧିକା ଶବ୍ଦ ଲେଖା ହୋଇଛି । ଲେଖା ହୋଇଛି ଯଦି ଏହା ତୁମ ଛବି ନୁହେଁ, ତେବେ ତୁମ ଓ ସମସ୍ତଙ୍କୁ ଏଇ ଛବି ପରି ହେବାକୁ ପଡ଼ିବ ।"

ସେ ଅଳ୍ପ ହସିଲେ । "ସେ କଥା ଘଟିବହିଁ ଘଟିବ । ଯଦି ଜଣେ ଲୋକ ଗଛ କାଟିଦିଏ—ଅନ୍ୟମାନେ ତାକୁ ବାଧା ଦିଅନ୍ତି—ଯଦି ସମସ୍ତେ କାଟିବା ଆରମ୍ଭ କରନ୍ତି, ଅବଶେଷରେ ଜଣେ ବାଧା ଦେବାକୁ ବାହାରେ । ଏକ ନିର୍ଦ୍ଦିଷ୍ଟ ପରିବେଶରେ ବାସ କରୁଥିବା ଲୋକେ ଦରକାର ଜାଗାରେ ପାଣି ଦିଅନ୍ତି ନାହିଁ—କିନ୍ତୁ ଯୋଉଠି ଆବଶ୍ୟକ ନାହିଁ, ସେଠାରେ ସେମାନେ ନିଜରକ୍ତ ଦେବାକୁ ବି ତିଆରି ହୋଇଯାନ୍ତି ।"

"ମୁଁ ଆଉରି ଅଧିକ କିଛି ଲେଖା ହୋଇଥିବାର ପଢ଼ିଛି ।" ପଡ଼ୋଶୀ କହିଲେ ।

"ଆହୁରି ଅନେକ କଥା ଅଛି, ଯାହାସବୁ ଲେଖାହେବ । କ'ଣ ପଢ଼ିଲ କୁହ ।"

"ପ୍ରତି ମାସର ଶେଷଦିନ ଗୋଟିଏ ସାଧାରଣ ଉତ୍ସବ ହେବ— ଯୋଉଠି ପ୍ରତ୍ୟେକ ଲୋକର କାର୍ଯ୍ୟକଳାପର ମାନ ନିର୍ଣ୍ଣୟ କରାହିବ । କେତେକଙ୍କୁ ପୁରସ୍କାର ଦିଆହିବ । କିନ୍ତୁ ଯେଉଁମାନେ ପୁରସ୍କାର ପାଇବାକୁ ଅଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ନିନ୍ଦା ଓ ଅପମାନ ଦିଆହିବ ।

"କଣ କଲେ ଜଣେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବ ?"

"ବହୁତ କଥା । ମୋଟାମୋଟି କହିଲେ, ଯୋଉମାନେ ରାସ୍ତାର କିଛି କ୍ଷତି ହେଲେ ଜଣାଇଦିଅନ୍ତି, ନଗରର ବିକାଶ ଓ ପ୍ରଗତି ବିଷୟରେ ଯୋଉମାନେ ଭାବନ୍ତି ଓ ଯୋଜନା କରନ୍ତି, ନଗରର ପ୍ରଗତି ସମ୍ପର୍କରେ ଯୋଉମାନେ ସବୁବେଳେ କହନ୍ତି

Digitized by PPRACHIN, SOA

ଏବଂ ଯୋଉମାନେ ସ୍ୱାର୍ଥତ୍ୟାଗ କରନ୍ତି, ଅନ୍ୟମାନଙ୍କ ସେବାକୁ ଈଶ୍ୱରଙ୍କ ସେବା ମନେ କରନ୍ତି, ସେମାନେ ପୁରସ୍କାରର ଯୋଗ୍ୟ ହୋଇଥାନ୍ତି !"

"ବନ୍ଧୁ" ସେ ପଡ଼ୋଶୀଙ୍କୁ କହିଲେ "ବଡ଼ ହେଉ ଛୋଟ ହେଉ ଗୋଟେ ବୈପ୍ଳବିକ ପରିବର୍ତ୍ତନ ଘଟି ଚାଲିଛି । ଆମେ ତାର ସଙ୍ଗେ ପାଦ ମିଳେଇ ବଞ୍ଚିଛୁ । ମାତ୍ର ଆଜିର ଏ ପରିବର୍ତ୍ତନ ସମ୍ଭବା ସବୁଠୁ କଷ୍ଟକର ହେବ ।"

"ଆଜି କେତେ ତାରିଖ ?"

"ଆଜି ମାସର ଶେଷ ତାରିଖର ପୂର୍ବ ଦିନ ।" ପଡ଼ୋଶୀ ଆଙ୍ଗୁଠି ଗଣି ଗଣି ଉତ୍ତର ଦେଲେ ।

ଏତେ ଉଲ୍ଲାସ ଏତେ ରୋଷଣୀ ! ଏତେ ତୋଫାରଙ୍ଗ ଆଉ ଜୀବନ୍ତସ୍ପୃହା ! ପୃଥିବୀର ଯାହାସବୁ ସୁନ୍ଦର, ସେଠି ଠୁଳ ହେଲାଭଳି ଲାଗୁଚି । ଗୋଟେ ଖୁବ୍ ବଡ଼ ମଞ୍ଚ ଗୃହପାଖେ ଏକ ବିରାଟ ଜନସମାବେଶ ହୋଇଛି । ସେମାନଙ୍କୁ ଦେଖିଲେ ଜଣେ ଭାବିବ ଯେ ସେମାନେ ହେଉଛନ୍ତି ଇନ୍ଦ୍ରପୁରର ଅଧିବାସୀ, କିନ୍ତୁ ପ୍ରକୃତ କଥା ସେଷ୍ଟା ନୁହେଁ । କିଛି ଦୂରରେ ଅପେକ୍ଷା କରି ରହିଚି ବାସ୍ତବତା କେବଳ ସେମାନଙ୍କୁ ଲକ୍ଷ୍ୟ କରିବା ପାଇଁ ସେମାନଙ୍କ କଥା ଶୁଣିବା ପାଇଁ ସେମାନଙ୍କ ମଧୁର ବାଣୀକୁ ହୃଦୟଙ୍ଗମ କରିବା ପାଇଁ ସେମାନଙ୍କ ଚକ୍‌ଚକ, ସୁଶୋଭିତ ପିନ୍ଧିଲା ଓ ଦୁଗ୍ଧଭଳି ଶୁଭ୍ର ଚେହେରାକୁ ଦେଖିବାକୁ ଆଉ ତାଳିମାରି ହାତ ରକ୍ତାକ୍ତ କରିବାକୁ ଅପେକ୍ଷା କରିଛି । ଗୋଟିଏ ବାସ୍ତବତା, ଯାହା ଦୃଶ୍ୟମାନ, ତାହା ମଞ୍ଚ ଉପରେ । ଅନ୍ୟ ଏକ ବାସ୍ତବତା ଯାହା ଜୀବନ୍ତ ଓ ଅନୁଭବ୍ୟ, ତାହା ମଞ୍ଚତଳେ ରହିଛି ।

ମଞ୍ଚତଳେ ବସିଥିବା ବାସ୍ତବତା ଅକାରଣରେ ତାଳି ମାରୁଚି ଓ ବସୁସ୍ୱରେ ପାର ହେଉଛି ।

ହଠାତ୍ ଗୋଟାଏ ଉଚ୍ଚସ୍ୱର ଶୁଭିଲା "ଆପଣମାନେ ଆମ ମସ୍ତକର ମୁକୁଟ । ଆପଣମାନଙ୍କ ପାଇଁ ଆମେ ଏଠାରେ ଉପସ୍ଥିତ ଓ ଆମ ପାଇଁ ଆପଣମାନେ ଏଠାରେ ଉପସ୍ଥିତ । ଆମର ସମ୍ପର୍କ···ଆପଣଙ୍କର ଓ ଆମର···ହଜାର ହଜାର ବର୍ଷପାଇଁ ଅତୁଟ ଭାବେ ଲାଗିଯିବ । ସତ କହିବାକୁ ଗଲେ ଏ ଉତ୍ସବ ଆମର ନୁହେଁ, ଆଦୌ ନୁହେଁ; ଏହି ଆପଣମାନଙ୍କ ଉତ୍ସବ ଆପଣମାନଙ୍କ ଆହ୍ୱାନରେ ଆୟୋଜିତ, ଆପଣ-ମାନଙ୍କ ଲାଗି ଆୟୋଜିତ ।" ଏକଥା କହୁଥିବା ଲୋକକୁ ଚିହ୍ନି ହେଉ ନ ଥିଲା,

Digitized by PPRACHIN, SOA

ସେ ଗୋଟିଏ ମୁଖା ପିନ୍ଧିଥିଲା, ଯାହା ଦ୍ୱାରା ତାର ସତ ବା ମିଛ ରୂପଟି ଦେଖାଯାଉ ନଥିଲା । ପୁଣି ସତ ଓ ମିଛ ରୂପ ଏକାଠ ଦେଖାଯାଉଥିଲା ।

ଏତେ ଜୋରରେ କରତାଳି ଉଠିଲା ଯେ ମାଟି ଓ ଆକାଶ ପ୍ରକମ୍ପିତ ହେଲା । ତାଳର ପ୍ରତିଧ୍ୱନିଜନିତ ଚଞ୍ଚଳତା କାର୍ଯ୍ୟକ୍ରମକୁ କିଛି ସମୟ ପାଏ ସ୍ଥଗିତ ରଖିଦେଲା । ପୁଣି କାର୍ଯ୍ୟକ୍ରମ ଚାଲୁ ହେଲା । ଜଣେ ସୁଗଠ ସୁନ୍ଦର ଚେହେରାର ନାରୀ, ଯେ କି ନାରୀ ଅପେକ୍ଷା ପୁରୁଷ ପରି ବେଶୀ ଦିଶୁଥିଲା, ମଞ୍ଚର ମଧ୍ୟସ୍ଥଳରୁ ଆସି ଦୃଶ୍ୟକୁ ନିରୀକ୍ଷଣ କଲା । ତାପରେ ମଞ୍ଚର ଗୋଟିଏ ପ୍ରାନ୍ତକୁ ଯାଇ କହିଲା, "ଏବେ କେଡ଼େ ଶାନ୍ତ ଓ ନୀରବ ଲାଗୁଚି ! କେତେ କେତେ ଆଶ୍ଚର୍ଯ୍ୟକର ! ସମସ୍ତଙ୍କ ସମ୍ମିଳିତ ଉଦ୍ୟମଯୋଗୁ ଏହା ସମ୍ଭବ ହୋଇଚି । ଏହି ଉତ୍ସବର ସଫଳତା ନିମିତ୍ତ ସମସ୍ତେ ପ୍ରାଣ ଉତ୍ସର୍ଗୀତ । ସମସ୍ତେ ଐକାନ୍ତିକ ନିଷ୍ଠାପରତାରେ ଲାଗିଚନ୍ତି ଏବଂ ଏହି ଉତ୍ସବ, ଏହି ସୁନ୍ଦର, ଆକର୍ଷଣୀୟ ଶାନ୍ତିମୟ ନଗରୀର ଐତିହାସିକ ଘଟଣାଭାବେ ସ୍ମରଣୀୟ ରହିବ । କେତେକ ଲୋକ ତାଙ୍କ ବ୍ୟକ୍ତିଗତ ସୁବିଧା, ସୁଖ ଓ ନିଦ୍ରାକୁ ବି ତ୍ୟାଗ କରି ଏହାକୁ ସମ୍ଭବ କରାଇଛନ୍ତି । ତାପରେ ଜଣଙ୍କର ନାମ ସେ ବଡ଼ପାଟିରେ ଉଚ୍ଚାରଣ କଲା । ଏ ନାମଟି ନଗରବାସୀଙ୍କର ଜଣାଶୁଣା, କିନ୍ତୁ ମଞ୍ଚକୁ ଆସିବା ଲୋକଟି ସମସ୍ତଙ୍କର ଅପରିଚିତ, କାହାରି ସଙ୍ଗେ ଜଣାଶୁଣା ନୁହେଁ । ଏହି ଅପରିଚିତ ବ୍ୟକ୍ତିଟି ହାତଯୋଡ଼ି ଲୋକଙ୍କୁ ନମସ୍କାର କଲା, ଯେତେକି ମନ୍ଦିରରେ ଈଶ୍ୱରଙ୍କୁ ପ୍ରଣାମ କରୁଚି । ତାପରେ ସୁନାର ହାରଟିଏ ସ୍ତ୍ରୀଲୋକଟି ତାଙ୍କ ଗଳାରେ ଲମ୍ବାଇଦେଲା ଓ ପୁନା କରରେ ଏମ୍ବ୍ରୋଡ଼ାରିକରା ଟୋପିଟିଏ ତାଙ୍କ ମୁଣ୍ଡରେ ଲଗାଇଦେଲା । ପୁଣିଥରେ ତାଳି ଉଠିଲା ।

"ତୁମେ ତାଳି ମାରୁନ ।" ପଡ଼ୋଶୀ କହିଲେ ।

"ତୁମେ ସେହି ଲୋକକୁ ଚିହ୍ନିପାରୁନ ?" ସେ ପଚାରିଲେ ।

"ନା, ମୁଁ ତାଙ୍କୁ ଚିହ୍ନି ପାରୁନାହିଁ ।"

"ସେହି ସେଇଲୋକ, ଯେ କହୁଥିଲା, ମୁଁ ମୋ ଆଦର୍ଶକୁ ହରାଇ ସାରିଛି ।" ମଞ୍ଚରୁ ସ୍ତ୍ରୀ ଲୋକଟିର ସ୍ୱର ଭାସି ଆସିଲା, "ସେହି ଭଦ୍ରଲୋକ ଆପଣମାନଙ୍କ ପାଇଁ କି ଅସୁବିଧା ଭୋଗିଚି, କି ତ୍ୟାଗ କରିଚି, ତାହା ଆପଣମାନଙ୍କର ଜାଣିବା ଉଚିତ । ଆଦର୍ଶକୁ ବାଛିନେବା ସମୁଦ୍ର ଅତଳରୁ ମୁକ୍ତା ସଂଗ୍ରହ କଲାଭଳି କାମ । ତାଙ୍କ ଘରୁ ଦୁ'ଥର ଚୋରି ହେଲା, ଦୁ' ଥର ଯାକ ସେ ବୁଡ଼ିଲେ, କଷ୍ଟ କଲେ, ପ୍ରାୟ ବୁଡ଼ିମରି

Digitized by PPRACHIN, SOA

ଥାଆନ୍ତି । କ୍ଲାନ୍ତ ଶ୍ରାନ୍ତ ବି ହେଲେ । କିନ୍ତୁ ଭୁଶୁଡ଼ିଲେ ନାହିଁ । ଆଜିଯାଏ ସେ ନିଜ ବାକ୍ୟ ପ୍ରତି ବିଶ୍ୱସ୍ତ ଅଛନ୍ତି, ନୂଆ ଆଦର୍ଶ ସବୁକୁ ଖୋଜି ଲଗିଚନ୍ତି ।

ତାପରେ ପୁରସ୍କାର ଘୋଷଣା ହେଲା । ଅନେକ ଲୋକଙ୍କୁ ଡ଼କାଗଲା ଓ ମାନପତ୍ର ପଢ଼ାଗଲା—

"ସେ ଘର ଘର ବୁଲି ମନସ୍ତାତ୍ତ୍ୱିକ ଉତ୍ତର ଚୟନ ସଂଗ୍ରହ କରିଛନ୍ତି ।" ତାପରେ କରତାଳି । "ସ୍ଥାନେ ବୁଲି ସେ ରିପୋର୍ଟ ପ୍ରସ୍ତୁତ କରିଚନ୍ତି । କେତେ ବାହୁହୀନ ଲୋକେ ଆବଶ୍ୟକ କାର୍ଯ୍ୟରେ ଲଗିଛନ୍ତି— ପୁଣି ବାହୁଥିବା ଲୋକେ କେମିତି କିଛି କରୁନାହାନ୍ତି ।" ପୁନର୍ବାର କରତାଳି ।

"ତାଙ୍କ ନାମ ଶତାବ୍ଦୀ ଶତାବ୍ଦୀ ଧରି ଭୁଲିହେବ ନାହିଁ ।" ତାଙ୍କ ଉପରେ ତାଳି ଚାଲିଥାଏ । ନଗରରୁ କ୍ଷୁଧା ଓ ଦାରିଦ୍ର୍ୟକୁ ନିର୍ବାସନ ଦେବାକୁ ସେ ଯୋଜନା ପ୍ରସ୍ତୁତ କରିଚନ୍ତି । ଯୋଉ ନଗରରେ କ୍ଷୁଧା ଓ ଦାରିଦ୍ର୍ୟ ନାହିଁ, ଆଜିଯାଏ କେବଳ ସେହି ନଗର ପ୍ରତି ସେ ଯୋଜନା ଲାଗୁ ହେଇଚି । କିନ୍ତୁ ସେ ଯୋଜନା କିଛିଟା ମାର୍ଜିତ ଶୀଘ୍ର ଆମ ପ୍ରତି ମଧ୍ୟ ଲାଗୁ ।" ତାଳି ।

"ଏହି ଭଦ୍ରଲୋକ ତାଙ୍କ କବିତା ପାଇଁ ସମ୍ବର୍ଦ୍ଧିତ ହେଉଛନ୍ତି । ସେ ଜଣେ ଲକ୍ଷପତି, ଚାହିଁଲେ ଲୋକଙ୍କୁ ସବୁ କିଛି ଦେଇ ପାରିବେ ଏବଂ କେତେ ଲୋକଙ୍କର ଯଥେଷ୍ଟ କିଛି ନାହିଁ ବୋଲି ସେ ଦୁଃଖିତ । ଦୁଃଖରେ ସେ ଦିନକୁ ମାତ୍ର ଥରେ ଖାଉଚନ୍ତି । ପୃଥିବୀର ସବୁ ପ୍ରକାର ସୁଖରେ ଥାଇ ମଧ୍ୟ, ସେ ଥରଟେ ଭୋଜନ କରି ପ୍ରାୟ ଉପବାସରେ ରହିଚନ୍ତି ।"

"କାର୍ଯ୍ୟକ୍ରମ ଶେଷ ହେଲା । ତଥାପି ଲୋକେ ବସି ରହିଲେ । ମଞ୍ଚ ଉପରୁ ଆଉ ଗୋଟେ ଘୋଷଣା ହେଲା—" ସମସ୍ତେ ବର୍ତ୍ତମାନ ଚାଲିଯିବା' ଉଚିତ । ଯିଏ ନଯିବେ—ତାଙ୍କୁ ଠେଲି ବାହାର କରାଯିବ ।"

ଏଇ ଘୋଷଣାରେ ଲୋକେ ଜୋରରେ ତାଳି ମାରିଲେ, ଉଠିଲେ ଓ ଚାଲିଗଲେ ।

"ଚାଲ ଆମେ ବି ଯିବା ।" ପଡ଼ୋଶୀ କହିଲେ ।

"ଟିକେ ଅପେକ୍ଷାରେ । ଏବେ କିଛି ସବୁ ଦେଖିବାର ବେଳ । କିନ୍ତୁ ନିଜକୁ ଲୁଚେଇ ରଖିଲେ ହିଁ ଦେଖିବାକୁ ସକ୍ଷମ ହେବା ।" ସେ କହିଲେ ।

Digitized by PPRACHIN, SOA

ଗୋଟିଏ ଅନ୍ଧାରୁଆ ଜାଗାକୁ ଯାଇ ଦୁହେଁ ଚୂଡ଼ାଆଡ଼କୁ ଚାହିଁଲେ । ଶେଷରେ ସେ କହିଲେ "ଚାଲ ଏ ଗଛକୁ ଚଢ଼ିଯାଇ ନିଜକୁ ଛପେଇ ରଖିବା ।"

"କିନ୍ତୁ ଏ ଗଛର ପତ୍ରଗୁଡ଼ା କାଗଜ ତିଆରି । ସେଗୁଡ଼ିକ ଖଡ଼ଖଡ଼ ହୋଇ ଆମକୁ ଧରି ପକାଇଦେବ ।" ପଡ଼ୋଶୀ କହିଲେ ।

"ଯାହା ହେଲେ ବି ଚାଲ ଚଢ଼ିଯିବା ।" କୋଇଗଜ ଚଢ଼ିଯାଇ ସେ କହିଲେ ମଞ୍ଚ ଉପରେ ବି ଅନେକ ପ୍ରକାର ଶବ୍ଦ ହେଉଥିଲା ଓ ଗଛ ଉପରର ଶବ୍ଦ ମଞ୍ଚର ଉଚ୍ଚଶବ୍ଦ ଭିତରେ ହଜି ଯାଉଥିଲା । ଡ଼ାଳ ଉପରକୁ ଯାଇ ସେମାନେ ନିଜକୁ ଅନ୍ୟମାନଙ୍କ ଦୃଷ୍ଟିରୁ ବଞ୍ଚାଇ ନୀରବରେ ବସି ରହିଲେ ।

ମଞ୍ଚରୁ ଓହ୍ଲାଇ ପୁରସ୍କାର ବିଜେତାଗଣ ଓ ପୁରସ୍କାର ପ୍ରଦାନକାରୀଗଣ ଗୋଟିଏ କୋଣରେ ଏକାଠି ହେଲେ । ସମସ୍ତେ ମୁଖା ଖୋଲି ଦେଲେ, ପୋଷାକ ଖୋଲିଦେଲେ ଓ ପରସ୍ପରକୁ ଆଲିଙ୍ଗନ କଲେ ।

"ମତେ ଲାଜ ମାଡ଼ୁଚି ।" ପଡ଼ୋଶୀ କହିଲେ ।

"ସେମାନଙ୍କୁ ମୁଖାହୀନ, ଉଲଗ୍ନ ଦେଖି ?"

"ହଁ, ଉଲଗ୍ନ ଦେଖି ?"

"କିନ୍ତୁ, ତୁମେ ଏମାନଙ୍କୁ ସବୁ ଚିହ୍ନି ପାରୁଚ ?"

"ମୁଁ ଆଗରୁ ସେମାନଙ୍କୁ କୋଉଠି ଦେଖିଚି ।"

"ସେମାନେ ହିଁ ଫର୍ମ ପୂରଣ କରାଇ ମୁଖା ବିକୁଥିବା ଲୋକ ।"

ଅଧରାତ ଗଡ଼ି ଗଲାଣି । ତାପରେ ଧୀରେ ସକାଳ ଫାଟି ଆସୁଛି । କିନ୍ତୁ ମୁଖା ଆଉ ମଞ୍ଚର ଲୋକେ ତେବେ ବି ସେଇଠି ଅଛନ୍ତି । ଗଛରେ ବସି ସେ ଦୁହେଁ ସବୁ ଲକ୍ଷ୍ୟ କରୁଥିଲେ ।

Digitized by PPRACHIN, SOA

ସେଠାକୁ ସେମାନେ ତଳକୁ ଓହ୍ଲାଇଲେ । ଭୂଇଁରେ ପାଦ ଦେଲାକ୍ଷଣି ଦୁ'ଜଣ ଲୋକ ତାଙ୍କ ଉପରକୁ କୁଦି ପଡ଼ିଲେ, ତାଙ୍କ ଭିତରୁ ଜଣେ ଘାଗଡ଼ା ଗଳାରେ କହିଲା, " କାହା ଅନୁମତିରେ ଗଛରେ ଚଢ଼ିଥିଲ ?"

"ଆମେ ଅନୁମତି ମାଗିବାକୁ ଚାହୁଁଥିଲୁ, କିନ୍ତୁ ପାଖ ଅଞ୍ଚଳରେ ସେତେବେଳେ କାହାକୁ ଦେଖିଲୁ ନାହିଁ ।" ପଡ଼ୋଶୀ ଉତ୍ତର ଦେଲେ ।

ଲୋକଟି ମୁର୍କି ହସିଲା "ତୁମେ ସବୁକିଛି ଦେଖିଛ ।"

"ହଁ, ଆମକୁ ବହୁତ ଭଲ ଲାଗିଲା । ଆନନ୍ଦରେ ବୁଡ଼ିଗଲୁ ।" ସେ କହିଲେ ।

ଲୋକଟି ଆଗ୍ରହରେ ହସି କହିଲା "ତେବେ ତୁମେ ଦୁହେଁ ଦଳରେ ମିଶିଯାଅ ।"

"ଆମକୁ କହିଲେ, ଆମେ ମିଶିବୁ ।" ପଡ଼ୋଶୀ କହିଲେ ।

ତାଙ୍କ ଭିତରୁ ଜଣେ ଦୁଇଟା ମୁଖା ଆଣିବାକୁ ଦୌଡ଼ିଗଲା । ତାଙ୍କୁ ମୁଖା ବଢ଼ାଇଦେଇ କହିଲା, "ଏଇ ମୁଖା ଦି'ଟା ନିଅ । ପିନ୍ଧ । ଏଣିକି ତୁମେ ଏ ଦଳର ସଭ୍ୟ । ବାହାରେ ଯଦି କେହି ପଚାରେ, ତୁମେ କହିବ ଯେ ମୁଖାଧାରୀ ଲୋକଙ୍କ ପାଇଁ ଓ ନଗରର ଉନ୍ନତି ପାଇଁ ତୁମେ କାମ କରୁଛ । ତୁମେ ଏବେ ଯାଇପାର ।"

ସେମାନେ ମୁଖା ପିନ୍ଧିଲେ । ଲୋକ ଦୁହେଁ ଗଲାପରେ ଦୁଇଜଣଯାକ ମୁଖାକୁ କାଢ଼ି ପକାଇଲେ ।

"କଥା କ'ଣ ? ମୁଖା ଖୋଲି ଦେଲ ଯେ ?" ପଡ଼ୋଶୀ ପଚାରିଲେ ।

"ତାକୁ ପିନ୍ଧିଲା ମୁହୂର୍ତ୍ତରେ ମତେ ଲାଗିଲା ସତେକି କେମିତି ଚଳିବାକୁ ହେବ ମୁଁ ଜାଣେ ନାହିଁ ।"

"ମୋର ବି ସେହିପରି ଅନୁଭବ ହେଲା । ପିନ୍ଧିଲାପରେ ମତେ ଲାଗିଲା ମୁଁ ସେମିତି କଥା କହିବା ଜାଣିନାହିଁ ।"

Digitized by PPRACHIN, SOA

"ଚାଲିଥିବା । ରାସ୍ତାରେ କେହି ଦେଖିଲେ, ଯଦି ସେ ଯାଞ୍ଚ କରେ, ଅଳ୍ପ ସମୟ ପାଇଁ ପିନ୍ଧିନେବା ।" ସେ ପରାମର୍ଶ ଦେଲେ ।

୭

ସ୍ୱା’ ଭିତରେ ପ୍ରତି ପାହୁଣ୍ଡରେ ରାସ୍ତା ଧାରରେ, ମୁଖ୍ୟ ବଜାରର ବଡ଼ ଦୋକାନ, ପୋଷ୍ଟମ୍‌ମାନଙ୍କରେ, ରାସ୍ତାମାନଙ୍କ କୁଳଣିରେ, ଘର କୋଣମାନଙ୍କରେ ଅନେକ କଥା ଖୋଦିତ ହୋଇସାରିଲାଣି ଓ ଖୋଦେଇ ଉପରେ ଖୋଦେଇ ହୋଇ ରହିଲାଣି । ଯାହା ଲେଖା ହୋଇଛି ତାକୁ ପଢ଼ିବା ଓ ବୁଝିବାର ଆବଶ୍ୟକତା ବିଷୟରେ ଡ୍ରମ ବଜାଇ ପ୍ରଚାର କରି ଏକ ଶୋଭାଯାତ୍ରା ଯାଉଥିଲା । ଯାହା କିଛି ଅଛି, ତା ସହିତ ଯାହା ଲେଖା ହେଲା, ତାର କିଛି ଯୋଗସୂତ୍ର ନ ଥିଲା । ଯାହା ବାସ୍ତବରେ ଅଛି ସେଗୁଡ଼ିକ ପୋଷ୍ଟରରେ ଥିବା ଲେଖାରେ ନ ଥିଲା । ଲୋକେ ପୋଷ୍ଟରକୁ ଅନାଇଁ ଚାଲିଯାଉଥିଲେ । ଅଳ୍ପ କିଛି ଲୋକ, କେତେକ ଶବ୍ଦ ପଢ଼ିବାକୁ ଅଟକୁଥିଲେ ଓ ଅଧାପଢ଼ି ଚାଲିଯାଉଥିଲେ । ସମଗ୍ର ଲିପିକୁ କେହି କେହି ପଢ଼ି ହସି ଦେଇ ଚାଲିଯାଉଥିଲେ ।

ଏହି ପୋଷ୍ଟରମାନଙ୍କ ବନ୍ୟା ଗୋଟେ ବିରାଟ ପରିବର୍ତ୍ତନ ସୃଷ୍ଟି କଲା । କେତେକ ଆପଣାକୁ ସନ୍ତୁଷ୍ଟ କରିବାକୁ ଆଲୋଚନାରେ ଲାଗିଥିଲେ ଯେ, ସେମାନେ ଲେଖାଗୁଡ଼ିକୁ ବୁଝିପାରନ୍ତି । କେତେକ ସ୍ଲୋଗାନର ମିଥ୍ୟାକୁ ଚିହ୍ନି ବିଶ୍ଳେଷଣ କରିବାକୁ ଚେଷ୍ଟାକଲେ । ଏହା ଲୋକଙ୍କୁ ଦୁଇଟି ଦଳରେ ବିଭକ୍ତ କରିଦେଲା । ପୋଷ୍ଟରର ବିଷୟବସ୍ତୁ ନେଇ ଲୋକେ ବଡ଼ପାଟିରେ ଗପିବା ଏକ ସାଧାରଣ ଦୃଶ୍ୟ ହୋଇଗଲା, ଘଟଣା ସରଗରମ ଭାବେ ଆଲୋଚିତ ହେଲା ।

ପ୍ରତିମାସର ଶେଷଦିନ, ଉତ୍ସବ ହେଉଥିଲା ଓ ସେହି ଉତ୍ସବମାନଙ୍କ ମାଧ୍ୟମରେ ପୁରସ୍କାର ଦାତା ଓ ବିଜେତାଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା । ପୁରସ୍କାର ବିଜେତାମାନେ ବେଳେବେଳେ ବଜାର ମଝିରେ ଉଲଗ୍ନ ହୋଇ ଚାଲୁଥିଲେ କୌଣସି କୁଣ୍ଠା ନ ରଖି । ପୁରସ୍କାର ବିଜେତାମାନେ ଉଲଗ୍ନ ହୋଇ ଚାଲିବା ବୋଧହୁଏ ଆଇନାନୁମୋଦିତ ଥିଲା ।

Digitized by PPRACHIN, SOA

"ତୁମେ ଯଦି ଗୋଟେ କାଳକୁ ଜୋରରେ ଟାଣିବ, ତାହା ଛିଣ୍ଡି ଯିବ । ତଥାପି କାଳଟିକୁ ଯେ ଯଥେଷ୍ଟ ଜୋରରେ ଟଣାଯାଇ ନାହିଁ, ତା ଜଣା ପଡୁଛି ।" ସେ ତାଙ୍କ ପଡ଼ୋଶୀଙ୍କୁ କହିଲେ । କିନ୍ତୁ ବାରମ୍ବାର ଗୋଟିଏ ଜିନିଷକୁ ନେଇ ତୁମ ନିଜର, ତୁମର ନିଜର ବୋଲି ଘୋଷଣା କରିବା ବରଂ 'କଢ଼େଇ' କରିବା ସଙ୍ଗେ ସମାନ ନୁହେଁ କି ?" ପଡ଼ୋଶୀ କହିଲେ ।

"ଆମର ବର୍ତ୍ତମାନ କ'ଣ ନିଜର ହେଲା ?" ସେ ପଚାରିଲେ ।

"ବର୍ତ୍ତମାନ ? ବର୍ତ୍ତମାନ ସେମାନେ ଘୋଷଣା ଓ କର୍ତ୍ତବ୍ୟରେ ସ୍ୱାଧୀନ ପରାକ୍ରମ କରିଦେଲେ ।"

"କି କର୍ତ୍ତବ୍ୟ ?"

"ରାସ୍ତା ତୁମର । ଏହାକୁ ନିଜର ବୋଲି ଭାବ । ଗଳିରାସ୍ତା ତୁମର, ତୁମ ନିଜର ବୋଲି ଗ୍ରହଣ କର । ବଗିଚାଖଣ୍ଡ ତୁମର, ତୁମେ ତାକୁ ନିଜର ବୋଲି ଭାବିବା କଥା ।"

ସେ ମୃଦୁ ହସିଲେ । "ଆମର ଏ ନଗରରେ ଲୋକେ କେଉଁ ଜିନିଷ ସେମାନଙ୍କର କେଉଁ ଜିନିଷ ନୁହେଁ ତାହା ଜାଣନ୍ତି ନାହିଁ । ବୋଧହୁଏ ସେଥିପାଇଁ ଏଥିରୁ ଉପୋକ୍ତ ସାହାଯ୍ୟରେ ଘରେ ଘରେ ପହଞ୍ଚାଇ ଦିଆଯାଉଛି । କେତେକ ଲୋକଙ୍କ ଆଖି ବେଶି ଖୋଲିଯାଇଛି ବୋଲି କୁହାଯାଉଛି । ସେମାନେ ଅନ୍ଧ ହୋଇ ଯାଇଛନ୍ତି, ବଜାରି ଘାଟରେ ବୁଲୁଛନ୍ତି, ଅଥଚ ଜାଣିପାରୁ ନାହାନ୍ତି ଯେ ସେମାନେ ଅନ୍ଧ । ସେପରି ଲୋକେ ଏଇ ରାସ୍ତା, ଗଳି, ବଜାର ଓ ବଗିଚା ଖଣ୍ଡକୁ ନିଜର ବୋଲି ଗ୍ରହଣ କରିନେବାକୁ ଦୀର୍ଘ ସମୟ ଲାଗିବ ।"

"ଏସବୁ କ'ଣ ବର୍ତ୍ତମାନ ଲୋକଙ୍କର ନୁହେଁ ?" ପଡ଼ୋଶୀ ବୋକାପରି ପଚାରିଲେ ।

"ନା, ନୁହେଁ ।"

"ତାହେଲେ ଏସବୁ କାହାର ?"

"ମୁଠାଏ ଲୋକଙ୍କର, ଲୋଲୁପ ପୁରୁଷ ନେତାମାନଙ୍କର ।"

Digitized by PPRACHIN, SOA

ଟିଣିବେ, ଲୋକେ ଏସବୁକୁ ତାଙ୍କ ନିଜର ବୋଲି ଭାବନ୍ତୁ-ଏକଥା କାହିଁକି ପ୍ରଚାର ହେଉଛି ?"

"କାରଣ ଏସବୁ ମୋହମାନଙ୍କ ଦ୍ୱାରା ଛଳନାମୟ ପ୍ରଚାର । କାଲେ ଯଦି ସରିବେ, ମୋ ଗୁଡ଼ିକୁ ଲୋକଙ୍କୁ ଫେରନ୍ତ ଦିଅ, ତେଣୁ ତୁମେ ଆଗୁଆ ଘୋଷଣା କରିବା ଉଚିତ ଯେ ଏ ସବୁ ଲୋକଙ୍କର ନିଜର ହୋଇ ସାରିଛି ।"

"ଏଇ ପରିବର୍ତ୍ତନର ଗତି କୁଆଡ଼କୁ ?"

"ଏହା ପରିବର୍ତ୍ତନ ନୁହେଁ । ଏହା ପୂର୍ବାପୂର ପ୍ରତାରଣା । ପ୍ରତାରଣା ପୁଣି ପ୍ରତାରଣା ଆଡ଼କୁ ବାଟ କଢ଼େଇ ନେବ ।"

ସେ ଦୁହେଁ ସକାଳୁ ସଞ୍ଜଯାଏ ନଗର ସାରା ବୁଲିଲେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ । ଏଇ କାଗଜ ପୋଷ୍ଟର ଲଗାଇବା ବ୍ୟାପାର ଅବିରାମ ଚାଲିଲି । ପ୍ରଚାରପତ୍ର କାଗଜ ସରିଆସିଲେ ଚପାଯାଉଥିଲି—ରାସ୍ତାରେ, ଗଳିରେ, ବଜାରରେ, ଘର, ଗଛ, ଖାଲି ଜାଗା, ସବୁଠି ଧାଡ଼ିଏ ଲେଖା ଚପାଯାଇଥାଏ "ଯେ ସବୁ ତୁମ ନିଜର ।"

ଲୋକେ ଇଟାକୁ ଆଣିକି ଥିଲେ—ଇଟା ଆମର । ଲୋକେ କାନ୍ଥରେ ଅଢ଼େଇଲେ, କାନ୍ଥ ଅମର । ଲୋକେ ବଟାଖୁଣ୍ଟକୁ କୁଟେଇଲେ, ବଟଖୁଣ୍ଟ ଅମର । ଲୋକେ ରାସ୍ତା ଓ ବଜାର ଉପରେ ହାତ ବୁଲାଇଲେ—ବଜାର ଓ ରାସ୍ତା ଆମର ।

ତଥାପି ଗୋଟେ କଥା ସ୍ପଷ୍ଟ ଜଣାପଡ଼ିଲାନି—ଯଦି ବଜାର, ଖୁଣ୍ଟ, ଇଟା ଓ କାନ୍ଥ ସବୁ ଲୋକଙ୍କର, ତେବେ ଏସବୁକୁ ପୋଷ୍ଟରରେ ଲେଖିବା ଓ ଏ ବିଷୟରେ ଘୋଷଣା କରିବାର ଉଦ୍ଦେଶ୍ୟ କ'ଣ ?

ନଗର ସାରା ପ୍ରଶ୍ନର ଗୋଟାଏ ଢେଉ ଉଠୁଥିଲା— ପୋଷ୍ଟର ଓ କାଗଜ ଖଣ୍ଡିରେ ଏସବୁ ଲେଖିବାର ଉଦ୍ଦେଶ୍ୟ କ'ଣ ? ଯୋଉ ଲୋକେ ପୁରସ୍କାର ପାଇଚନ୍ତି, ମୁଖ୍ୟାଧାରୀଙ୍କ ପାଖକୁ ଯାଇ ଏଇ ପ୍ରଶ୍ନ ବିଷୟରେ ପଚାରିଲେ "ଆମେ ରାତଦିନ ସେଠି ପଡ଼ି ଲଗାଇଲୁ, ଖୁସି ହେବା ବଦଳରେ ଲୋକେ ପଚାରୁଛନ୍ତି, ଯଦି ସବୁ କିଛି ସେମାନଙ୍କର, ତେବେ ଏସବୁ ପ୍ରଚାର କରିବାର ଉଦ୍ଦେଶ୍ୟ କ'ଣ ?"

Digitized by PPRACHIN, SOA

ଜନାର୍ଦ୍ଦନ ଧର ମୁଖ୍ୟ ଦୋକାନ ବନ୍ଦ ରହିଲା । ଜନାର୍ଦ୍ଦନଧର ଗମ୍ଭୀର ପ୍ରକୃଧତା ବୈଜ୍ଞାନିମାନ କଲା—ଗମ୍ଭୀର ଚିନ୍ତନ ଓ ଅନୁଧ୍ୟାନ ପରେ ପରେ ବଡ଼ ବଡ଼ ପୋଷ୍ଟର ଲେଖାଗଲା । ଏଥିରେ ଲିପିବଦ୍ଧ ହେଲା, "ଏ ସବୁ ସମସ୍ତଙ୍କର—ଏକଥା ସ୍ପଷ୍ଟ । ତେବେ ଆପଣମାନେ ବି ଏସବୁ ଜିନିଷର—ଏହା ଗ୍ରହଣଯୋଗ୍ୟ ନୁହେଁ । ସେଥିପାଇଁ ପୁଣି ଲେଖା ହୋଇଥିଲା ଯେ ସବୁ ଜିନିଷ ଆପଣମାନଙ୍କର ।"

ପୋଷ୍ଟରମାନ ଲଗାଗଲା । ଲୋକେ ପଢ଼ିଲେ । ସେମାନେ ଇଟା, କାନ୍ଥ, ଖୁଣ୍ଟି ଆଉ ରାସ୍ତାସବୁ ଗୁଡ଼ିଲେ । ସବୁକିଛି ସେମାନଙ୍କର କିନ୍ତୁ ସେମାନେ ଏସବୁର ମାଲିକ ନୁହନ୍ତି । ନଗରସାରା ନୀରବତା ରାଜତ୍ୱ କଲା ।

ଏସବୁ କ'ଣ ? ପ୍ରତ୍ୟେକ ଜିନିଷ ପ୍ରତ୍ୟେକଙ୍କର କିନ୍ତୁ କୌଣସି ଜିନିଷର କେହି ନୁହେଁ । ଏହା ଏକ ଏକ ଅଦ୍ଭୁତ ଏକତରଫା ସମ୍ପର୍କ ।

କେଇଦିନର ନୀରବତା ପରେ, ଗୋଟିଏ ସ୍ୱର ଉଠିଲା—ଏ କାନ୍ଥ ମୋର, ମାତ୍ର ମୁଁ କାହିଁକି କାନ୍ଥର ନୁହେଁ ? ଏ ଇଟା ମୋର, ମୁଁ କାହିଁକି ଏ ଇଟାର ନୁହେଁ ? ଏ ରାସ୍ତା, ଖୁଣ୍ଟି ଗୁଡ଼ାକ ଓ ଗଛସବୁ ମୋର, ମୁଁ କାହିଁକି ସେମାନଙ୍କୁ ନେଇ କିଛି କରି ପାରିବି ନାହିଁ ?"

ଏପରିକି ପୁରସ୍କାର ବିଜେତାମାନେ ବି ଏହି ସ୍ୱରରେ ସ୍ୱର ମିଳାଇଲେ । ସେମାନେ ପାଇଥିବା ପୁରସ୍କାରର ପ୍ରକୃତ ମାଲିକ ବି ସେମାନେ ନୁହଁନ୍ତି, ଏହା ଭାବି ଆଶ୍ଚର୍ଯ୍ୟ ହେଉଥିଲେ ।

ସ୍ୱର ଉଠିଲା, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଶୁଣିବାକୁ ଏଥିରେ କେହି ଲୋକ ନଥିଲେ । ମୁଖ୍ୟାଧ୍ୟକ୍ଷ କୋଉଠି ବି ଦେଖା ଗଲେନି । ଜାନର୍ଦ୍ଦନ ଧର ମୁଖ୍ୟ ବଜାର ବନ୍ଦ ରହିଲା । ପୁରସ୍କାର ବିଜେତାମାନେ ପୁଣି ପୋଷାକପତ୍ର ପିନ୍ଧିଲେ ।

ବର୍ତ୍ତମାନ ଘରେ ଘରେ ପୋଷ୍ଟର ତିଆରି ହେଲା । ସେଇ କଥା ଲେଖା ହେଲା ଯେ ରାସ୍ତା, କାନ୍ଥ, ଖୁଣ୍ଟ ଓ ଗଛ, ଇଟା, ଗଳି ସେମାନଙ୍କର ଓ ସେମାନେ ମଧ୍ୟ ଏସବୁର ।

ଯେହେତୁ ପ୍ରତ୍ୟେକ ଲୋକ ଏସବୁ ପୋଷ୍ଟର ଲେଖିଲେ ଓ ଟାଙ୍ଗିଲେ, କେହି ଆଉ ସେସବୁ ପଢ଼ିଲେ ନାହିଁ । ଯେ ଲେଖିଲେ, ଯେ ଟାଙ୍ଗିଲେ, କ'ଣ ଲେଖିଲେ ଓ ଟାଙ୍ଗିଲେ ସେମାନେ ମଧ୍ୟ ପଢ଼ିଲେ ନାହିଁ ।

Digitized by PPRACHIN, SOA

ସେ ମଧ୍ୟ ଏକ ପାର୍ଟ ପୋଷ୍ଟର ଲେଖିଲେ । କିନ୍ତୁ ରଙ୍ଗ ଦେଇ ଲେଖିବାରେ ସେ ବ୍ୟସ୍ତ ଥିଲାବେଳେ ତାଙ୍କ ପଡ଼ୋଶୀ ପହଞ୍ଚିଗଲେ । ସେ ଆସି ଗୁହିଁଥାନ୍ତି ଓ ପଡ଼ୋଶୀ ଅନାଇଁ ରହିଥାନ୍ତି । ସେ ସଂକ୍ଷେପରେ କମ୍ଯୁନିଜିମ୍‌ ଟିଏ ଲେଖିଥାନ୍ତି ।

"ତୁମେ ସେଥି କ'ଣ ଲେଖିଛ ?" ପଡ଼ୋଶୀ ପଚାରିଲେ ।

"ଯାହା ଲେଖିଛି, ତୁମେ ପଢ଼ିପାର ।"

"ମୁଁ ପଢ଼ିଛି । ମୁଁ ଏହାର ଅର୍ଥ ପଚାରୁଛି ।"

"ଦୂରତ୍ୱ ମାନେ ଦୂରତ୍ୱ ।"

"ବୁଝିଛି । କିନ୍ତୁ କେଉଁଠାରୁ ଦୂରତ୍ୱ ? କାହାଠାରୁ ଦୂରତ୍ୱ ? ପୁଣି କେଉଁ ପ୍ରକାର ଦୂରତ୍ୱ ?

"ଦୂରତ୍ୱ ?" ସେ ନିଜକୁ ପଚାରିଲେ ଓ ତାପରେ କହି ଚାଲିଲେ—

"ନିଜଠାରୁ ଦୂରତ୍ୱ । ତୁମଠାରୁ, ରାସ୍ତାଠାରୁ, ଗଳିଠାରୁ । ଆଲୋକ ଠାରୁ । ଅନ୍ଧାରଠାରୁ । ଘର ଓ କାନ୍ଥଠାରୁ । ଗଛ ଆଉ ପକ୍ଷୀଠାରୁ । ପ୍ରତି ବସ୍ତୁଠାରୁ ଦୂରତ୍ୱ । କିଛି ନିକଟରେ ନାହିଁ ?"

ପଡ଼ୋଶୀ ଅତ୍ୟନ୍ତ ବିବ୍ରତ ବୋଧ କଲେ ଓ କହିଲେ, "ଏଇ ପୋଷ୍ଟର ଲେଖା କ'ଣ କେବେ ବି ବନ୍ଦ ହେବ ନାହିଁ ? ଆମେ କେତେଦିନ ଧରି ଏଗୁଡ଼ାକ ଲେଖୁଥିବା ଓ ପଢୁଥିବା ?" ସେ ମୁରୁକି ହସିଲେ । "ଯେତେଦିନ ଯାଏ ମଣିଷ ବଞ୍ଚି ରହିଛି, କାନ୍ଥ, ଗଳି, ରାସ୍ତା, ଗଛ, ଖୁଣ୍ଟ ଓ ପୋଷ୍ଟର ଲେଖା ହେଉଛି, ନେଉଛି ଓ ପଢ଼ା ଯାଉଛି ।"

"ମୁଁ ଏବେ ମଦ୍ୟ ହୋଇଥିବା ପୋଷ୍ଟର ପଢ଼ା ବନ୍ଦ କରିଦେବ ।" ପଡ଼ୋଶୀ କହିଲେ ।

"ତୁମେ ସତେରେ ବନ୍ଦ କରି ପାରିବ ? ମୁଁ ଭାବୁଛି । ଏ ନଗରରେ ବାସ କରିବା ଭିତରେ ବନ୍ଦ କରିବା ସମ୍ଭବ ହେବ ନାହିଁ ।" ସେ କହିଲେ ।

"କାହିଁକି ସମ୍ଭବ ନୁହଁ ?"

Digitized by PPRACHIN, SOA

"କାରଣ ସମସ୍ତେ ଲେଖିବାକୁ ଚାହୁଁଛନ୍ତି । ଯଦି କିଏ ଲେଖି ନ ପାରୁଛି, ଯେଉଁମାନେ ଲେଖୁଛନ୍ତି, ତାଙ୍କ ସହିତ ରହିବାକୁ ଚାହୁଁଛି । ପ୍ରତ୍ୟେକ ଲୋକ ପୋଷ୍ଟର ମାରିବାକୁ ଚାହୁଁଛି । ଯଦି ସେ ନିଜେ ଏପରି ନ କରି ପାରୁଛି, ଯିଏ ଏମିତି କରୁଛନ୍ତି ତାଙ୍କ ଭିତରେ ରହିବାକୁ ଚାହୁଁଛି । ମାରି ହୋଇଥିବା ପୋଷ୍ଟର ପଢ଼ିବାକୁ ପ୍ରତ୍ୟେକ ଲୋକ ଚାହୁଁଛନ୍ତି । ଯଦି ପଢ଼ି ନ ପାରୁଛନ୍ତି କେହି ପଢୁଥିବା ଲୋକ ସହିତ ମିଶୁଛନ୍ତି ।"

ପଡ଼ୋଶୀ ଚମତ୍କୃତ ହେଲେ । ତାଙ୍କ ନିଜ ଚିନ୍ତାଧାରା ଏହିପରି । ପଢ଼ିବା ଓ ଶୁଣିବା କଥାର ସମ୍ବାଦ ସେ ସବୁବେଳେ ଦେଉଛନ୍ତି । ସେ ପଢ଼ିଥିବା କଥାକୁ ଭାବିବାକୁ ଚାହୁଁନାହାନ୍ତି । ଶୁଣିଥିବା କଥାକୁ ଧ୍ୟାନ ନ ଦେବାକୁ ଚାହୁଁଛନ୍ତି । କିନ୍ତୁ ଏହା ସମ୍ଭବ ହୋଇ ପାରୁନାହିଁ ।

"ଯଦି ପଢ଼ିବା ଓ ଶୁଣିବାକୁ ପୁରାପୁରି ଛାଡ଼ିଦେବାକୁ ତୁମେ ପ୍ରକୃତରେ ଚାହଁ, ତେବେ ମୋ ପାଇଁ କିଛି କାମ କର ।" ସେ କହିଲେ ।

"ଏ କାମ ଛୋଟ କି ନ ଛୋଟ, ତୁମ ପାଇଁ କ'ଣ କରିପାରିବି କୁହ, ତୁମ ପାଇଁ କିଛି କଲେ ମୁଁ ଖୁସି ହେବି ।"

"ପ୍ରତି ଘରକୁ ଯିବାର କଷ୍ଟ ସ୍ୱୀକାର ତୁମକୁ କରିବାକୁ ପଡ଼ିବ । ଏଇଟା ଅବଶ୍ୟ କଷ୍ଟକର କାମ ।" ସେ କହିଲେ ।

"ହଁ, ମୁଁ ଘର ଘର ବୁଲିବି ।" ତତ୍ପରତାର ସହିତ ପଡ଼ୋଶୀ କହିଲେ ।

"ପ୍ରତି ପୁରୁଷ, ପ୍ରତି ନାରୀ ଓ ପ୍ରତିଟି ଶିଶୁକୁ ତୁମକୁ ପ୍ରଶ୍ନଟିଏ ପଚାରିବାକୁ ହେବ ।"

"ହଁ, ତା ମୁଁ କରିବି ।"

"ଖାଲି ପଚାରିବ ନାହିଁ, ଉତ୍ତରଟିଏ ଆଣିବ ।"

"ହଁ ଉତ୍ତର ଆଣିବି । କ'ଣ ପଚାରିବି କୁହ ।"

"ପ୍ରତିଲୋକକୁ ତୁମେ ପଚାରିବ ସେ ତା ନିଜ ଭିତରେ ଅଛି ନା ନିଜଠୁ ବାହାରେ ଅଛି, ପରିବାର ପାଖରେ ବା ପରିବାରଠୁ ଦୂରରେ ଅଛି, ତା' ପଡ଼ୋଶୀଠୁ ପାଖରେ ନା ଦୂରରେ, ରାସ୍ତା, ଗଳି, କାନ୍ଥ, ଇଟାଠାରୁ ଦୂରରେ ନା ପାଖରେ ଅଛି । ମଣିଷ ମଣିଷ ପାଖରେ ନା ମଣିଷଠୁ ଦୂରରେ ରହିଛି ? ସେତିକି ପଚାରିବ ।"

Digitized by PPRACHIN, SOA

"ଏତକ ତ—ତୁମେ ଏକଥାକୁ ଏତେ ସହଜ ଭାବେ କହୁଛ, ଯେତେ କି ସେ ବଡ଼ ସହଜ କାମ" ପଡ଼ୋଶୀ ଥଟ୍ଟା କଲେ ।

"ସେ କ'ଣ କଷ୍ଟକର ?"

"ତୁମେ ନିଜେ ଜାଣିପାରୁ ନାହଁ ?" ପଡ଼ୋଶୀ ବିରକ୍ତ ହୋଇ କହିଲେ ।

"ଏଇକ୍ଷଣି କହୁଥିଲ ଯେ, ମୋ କଥା ଅନୁସାରେ କାମ କଲେ ତୁମେ ସୁଖୀ ହେବ ।"

ପଡ଼ୋଶୀ ଚୁପ୍ ରହିଲେ । ସେ ନିଜ କଥାରୁ ଓହରି ଯାଉଚନ୍ତି ବୋଲି ବୁଝିପାରିଲେ । ନା, ସେ ତା' କରିବେ ନାହିଁ । "ଆମେ ପଡ଼ୋଶୀ, ତେଣୁ ତୁମପାଖରେ ମୁଁ ଖୋଲା ଆଉ ସ୍ପଷ୍ଟ କଥା । ମୁଁ ନିଶ୍ଚେ ତୁମ କାମ କରିବି ।"

୭

ସେ ରାତିରେ ପଡ଼ୋଶୀ ବହୁତ ଡ଼େରଯାଏ ଚେଇଁ ରହିଲେ, କୋଉଠୁ, କାହାସହିତ, କେଉଁଘରୁ ସେ କାମ ଆରମ୍ଭ କରିବେ ଏ ବିଷୟରେ ବ୍ୟସ୍ତ ହେଉଥିଲେ ।

ପରଦିନ ସେ ଯେତେବେଳେ ନିଦରୁ ଉଠିଲେ, ସେଇ ପ୍ରଶ୍ନ ତାଙ୍କୁ ପୁଣି ଥରେ ବ୍ୟସ୍ତ କଲା ।

ଶେଷରେ, ସେ ନିଜ ଘରକୁ ଲାଗି ରହିଥିବା ପଡ଼ୋଶୀଙ୍କଠାରୁ, କାମ ଆରମ୍ଭ କରିବାର ସ୍ଥିରକଲେ । ଅକାରଣରେ ସେ ଯେ ବ୍ୟସ୍ତ ହଉଚନ୍ତି, ବୁଝି ପାରିଲେ ।

ଘର ଦରଜାରେ ସେ ଆଘାତ କଲେ । ଦରଜା ଖୋଲିଲା । ଦରଜା ଖୋଲିବା ଲୋକ ହସିକି କହିଲା, "ଆଜି ଏତେ ସକାଳୁ ? କଥା କ'ଣ ?"

"ମୋର ତୁମକୁ କେତୋଟି ପ୍ରଶ୍ନ ପଚାରିବାକୁ ଅଛି ।" ପଡ଼ୋଶୀ କହିଲେ "ଯଦି ଗୋଟେ ଦି'ଟା ପ୍ରଶ୍ନ ପଚାରିବତ, ଏଇକ୍ଷଣି ଏଇଠି ଠିଆ ଠିଆ ପଚାରି ଦିଅ । ଯଦି ବେଶୀ ପ୍ରଶ୍ନ ପଚାରିବ ତେବେ ମୁଁ ନଈକୁଲୁ ଫେରିବା ପରେ ସନ୍ଧ୍ୟାରେ ଆସ ।"

Digitized by PPRACHIN, SOA

ତାଙ୍କୁ ଭେଟିବାକୁ ପଡ଼ିଲା । ଅନେକ କଥା ସେ ପଚାରିବାକୁ ଚାହୁଁଥିଲେ । ସନ୍ଧ୍ୟାକୁ ଆସିବେ କହି ପାଖ ଘରକୁ ଗଲେ । କିଛି ସମୟ ପରେ କବାଟ ଖଟ୍ ଖଟ୍ କଲେ । ଭିତରୁ ଜବାବ୍ ନ ଥିଲା । କବାଟ ଫାଙ୍କରେ ଉଙ୍କିମାରିବାକୁ ଚେଷ୍ଟାକଲେ ଘରର ଭିତର ପଟେ ପାରିବାରିକ କଳହଟିଏ ଲାଗିଥିଲା । ସ୍ୱର ସବୁ ଶୁଭୁଥିଲା । ପୁରୁଷ ଜଣକ କହୁଥିଲା, "ଇଚ୍ଛା! କୋଠା ଉପରକୁ ଉଠି ତଳକୁ ଅନାଇବାକୁ ତୋର ସଉକ । ଏକଥା ମୁଁ ଯଦି ଆଗରୁ ଜାଣିଥାନ୍ତି, ତୋତେ ବାହା ହୋଇ ନଥାନ୍ତି । ନାଁ, ମୁଁ ତୋ ମୁହଁ ଚାହିଁ ନ ଥାନ୍ତି ।"

ସ୍ତ୍ରୀଲୋକ କହୁଥିଲା "ଆମେ କିଛି ଜାଣିପାରିଲୁ ନାହିଁ, ତୁମର ଗୃହମନ୍ଦିର କୋଠା ଅଛି ବୋଲି ଆମକୁ କୁହାହେଲା । ଏଠିକୁ ଆସି ମୁଁ ଦେଖେ ଯେ ତୁମର କାନ୍ଥଟିଏ ବି ନାହିଁ ।"

ଲୋକଟି ମାଡ଼ିଯାଇ ସ୍ତ୍ରୀର ବେଣୀକୁ ଧରିଲା । ଠିକ୍ ସେତିକିବେଳେ ପଡ଼ୋଶୀଜଣକ ଜୋରରେ କବାଟରେ ଧକ୍କା ଦେଲେ । ଲୋକଟା ସ୍ତ୍ରୀର ବେଣୀ ଛାଡ଼ିଦେଇ ଆସି କବାଟ ଖୋଲିଲା । ପଡ଼ୋଶୀଙ୍କୁ ଦେଖି, ଟିକେ ହସି କହିଲା, "କ'ଣ ହେଲା ? କିଛି ଦରକାର ?"

"ହଁ, ମୋର ତୁମକୁ କିଛି ପଚାରିବା ଦରକାର ।"

"ହଁ, ପଚାରିବାକୁ ଚାହୁଁଛ ତ ?"

"ଆମେ ବସିବା କି ? ମୋର କେତେ ଗୁଡ଼ିଏ କଥା ପଚାରିବାକୁ ଅଛି ।"

ଲୋକଟି ତାଙ୍କୁ ଘର ଭିତରକୁ ନେଇ ବସାଇଲା ଓ ଟିକେ ପରେ ପଚାରିଲା, "ଅଚ୍ଛା, କ'ଣ ପଚାରିବାକୁ ଚାହୁଁଛ ?"

ମୋର ପ୍ରଥମ ପ୍ରଶ୍ନ ହେଲା, "ତୁମେ ନିଜର କେତେ ନିକଟରେ ଅଛ ?"

"କଣ କହିଲ ? କିଏ କାହା ନିକଟରେ ? ମୁଁ ବୁଝି ପାରୁନି ।" ଲୋକଟି ଆଶ୍ଚର୍ଯ୍ୟ ହୋଇଗଲା ।

"ମୁଁ କହୁଚି କି, ତୁମେ ତୁମ ନିଜକୁ କେତେଦୂର ବୁଝ ଓ ଜାଣ ?" ପଡ଼ୋଶୀ ପଚାରିଲେ ।

"ମୋର ? ନିଜକୁ ଜାଣିବା ? କି ପ୍ରଶ୍ନ ସେ ? ପ୍ରତିଲୋକ ନିଜକୁ ମଣିଷଟିଏ ବୋଲି ଜାଣେ ।"

Digitized by PPRACHIN, SOA

ପଡ଼ୋଶୀ ଲୋକଟିରୁ ପ୍ରଶ୍ନଟି ବୁଝାଇବା ପାଇଁ ବହୁତ ଚେଷ୍ଟା କଲେ । କିନ୍ତୁ ଅକାରଣ ହେଲା । ଶେଷକୁ ଲୋକଟି କହିଲା," ତୁମ ମୁଣ୍ଡର ସ୍କ୍ରୁ ଢ଼ିଲା ଅଛି ।"

"ମୋର ଦ୍ୱିତୀୟ ପ୍ରଶ୍ନ ହେଲା—ତୁମ ସ୍ତ୍ରୀ ସହିତ ତୁମେ କେତେ ଘନିଷ୍ଠ ?" ଯୋଡ଼ଶୀ ପଚାରିଲେ ।

"ସ୍ତ୍ରୀ ସହ ଘନିଷ୍ଠତା ?" ଲୋକଟି ଏଥର ହସିଲା, "ଦୁଧରେ ଚିନି ଭଳି ଆମେ ଏକ ଓ ଅଭିନ୍ନ । ଚିନିପରି ମୁଁ ତାକୁ ଅଧିକ ଭଲପାଏ । ମୋର ଅଭିଳାଷ ହେଲା— ମୀରା କୃଷ୍ଣଙ୍କ ସହ ଏକୀଭୂତ ହେଲା ପରି ମୁଁ ମୋ ସ୍ତ୍ରୀ ସହ ଏକ ହୋଇଯିବି ।"

ତାପରେ ସେ ପଚାରିବାକୁ ଚାହୁଁଥିଲେ ତାଙ୍କ ସ୍ତ୍ରୀ ତାଙ୍କ ସହ କେତେ ଘନିଷ୍ଠ, କିନ୍ତୁ ସେ ଭାବିଲେ ସ୍ତ୍ରୀଙ୍କୁ ଏକଥା ପଚାରିଲେ ବେଶୀ ଭଲହେବ । ତାପରେ ସେ ପଚାରିଲେ "ତୁମେ ରାସ୍ତାର କେତେ ପାଖରେ ଅଛ ?"

"ରାସ୍ତାର ? ଧର ଦୁଇଶହ ପାହୁଣ୍ଡ । ଏକବାରେ ପାଖରେ ।" ଲୋକଟି ଉତ୍ତର ଦେଲା । ହସି ଆସୁ ଆସୁ ସେ ନିଜକୁ ସଂଯତ କରି ପଚାରିଲେ— "ପାହୁଣ୍ଡରେ ଦୂରତା ମାପିବାକୁ ମୁଁ ପଚାରୁ ନାହିଁ । ମୁଁ ପଚାରୁଛି ରାସ୍ତା ସହ ଆପଣଙ୍କ ସମ୍ପର୍କର ଓ ଗଭୀରତା କେତେ ଓ ରାସ୍ତାଟି ଆପଣଙ୍କର କେତେ ଅନ୍ତରଙ୍ଗ ମନେ ହେଉଛି ?"

ଲୋକଟି ହୋ ହୋ ହସିଲା—"ଏମିତି ନିର୍ବୋଧ ପ୍ରଶ୍ନ ସବୁ କୋଉଠୁ ଆପଣଙ୍କ ମୁଣ୍ଡକୁ ପଶୁଛି ? କୋଉ ଲୋକର ଭଲ ରାସ୍ତା ସହ ଘନିଷ୍ଠ ସମ୍ପର୍କ ଅଛି ଆପଣାର ଭାବ ଥାଏ ?"

"କାହିଁକି ନୁହେଁ ?" ଲୋକଟିର ସ୍ତ୍ରୀ ପଶି ଆସିଲା । "ତୁମର ରାସ୍ତାସହ ସମ୍ପର୍କ ନାହିଁ ? ଯୋଉ ରାସ୍ତାରେ ତୁମେ ପ୍ରତିଦିନ ଚାଲୁଚ, ସେ ତୁମକୁ ବିଭିନ୍ନ ଜାଗାକୁ ଦୋକାନ ବଜାରକୁ ବନ୍ଧୁ ଘରକୁ ନେଇ ଯାଉଚି !

ପଡ଼ୋଶୀ ବିସ୍ମୟରେ ଲୋକଟିର ସ୍ତ୍ରୀକୁ ଅନାଇଲେ । "ତେବେ ତୁମେ କହୁଚ କି ରାସ୍ତା ଉପରେ ଚାଲୁଥିବାରୁ, ରାସ୍ତାସହ ମୋର କିଛି ସମ୍ପର୍କ ରହିଚି ?" ଲୋକଟି ଉତ୍ତର ଦେଲା ।

ମଣିଷ ପ୍ରତିଦିନ ପ୍ରତି ଘଣ୍ଟାରେ ଯାହା ଦରକାର କରେ, ତା ପାଇଁ କିଛି କରେ, ଯାହା ଉପରେ ଚାଲେ, ସେ ତାକୁ ସ୍ଥାନରୁ ସ୍ଥାନାନ୍ତରକୁ ନିଏ, ତା ପାଇଁ ବି କିଛି କରେ । ତୁମେ ରାସ୍ତା ପାଇଁ କ'ଣ କରିଚ ?"

Digitized by PPRACHIN, SOA

ଲୋକଟି କଣ ଉତ୍ତର ଦେବ ବାଟ ପାଇଲାନି । ସ୍ତ୍ରୀକୁ ଚାହିଁଲା, କାଳେ ସେ କ'ଣ ଉତ୍ତର ଦେଇ ପାରିବ ! ସ୍ତ୍ରୀ କିନ୍ତୁ ମୂର୍ତ୍ତି ହୋଇ ଚୁପ୍ ରହିଲା ।

"ଆମେ ଯାତ୍ରା ପାଇଁ କ'ଣ କରି ପାରିବା ?" ଲୋକଟି ପଚାରିଲା ।

"ଯାତ୍ରାର ଦାୟିତ୍ୱ ତୁମ ଉପରେ ନାହିଁ ଯେତେବେଳେ ତୁମେ ହୁଏତ କିଛି କରି ନପାର ।" ପରୀକ୍ଷାର୍ଥୀ କହିଲେ, "ବର୍ତ୍ତମାନ ମୋର ଶେଷ ପ୍ରଶ୍ନ, "ତୁମେ ନଗର ଠାରୁ କେତେ ନିକଟରେ ଅଛ ?"

"ଆମେ ନଗର ଭିତରେ ଅଛୁ ।" ଲୋକଟି ଉତ୍ତର ଦେଲା ।

"ନଗର ସହ ତୁମର କି ସମ୍ପର୍କ ?"

"ସଂପର୍କ ଅନେକ । ମୋର ସବୁ ସଂପର୍କୀୟ ଲୋକେ ଏ ନଗରରେ । ମୋର ସବୁ କାମ ଏଇ ନଗରରେ । ମୋ ଘର ସବୁକିଛି ଏଇ ନଗରରେ ।"

"ନଗର ତୁମଠୁ କେତେ ପାଖରେ ।"

"ପୁଣି ସେଇ ପାଗଳ ପ୍ରଶ୍ନ । ତୁମକୁ ମୁଁ ସବୁ କହିଲି କାହିଁକି ?"

"କୋଉ ଭାବରେ ତୁମେ ନଗରକୁ ବ୍ୟବହାର କର, କୁହ । ନଗର ପାଇଁ କ'ଣ କର ?"

ଏଥିରେ ଲୋକଟି ମୁଣ୍ଡରେ ଚିନ୍ତା ପଶିଲା । ପ୍ରକୃତରେ ନଗର ପାଇଁ ସେ କ'ଣ କରୁଛି ? ଏଇଟା ପ୍ରକୃତରେ କଷ୍ଟକର ପ୍ରଶ୍ନ । ନଗରରେ ସେ ବହୁକାଳ ହେଲା ବାସ କରୁଛି । କିନ୍ତୁ କେବେ ଯେ କେହି ତାକୁ ପଚାରିବ, ନଗର ପାଇଁ କ'ଣ କରିଛ, ଏକଥା କଦାପି ସେ ଭାବି ନ ଥିଲା ।

"ମୁ କିଛି କରୁନି ।" ଶେଷରେ ଲୋକଟି ଉତ୍ତର ଦେଲା ।

"ଏବେ ଆଉ ଗୋଟିଏ ପ୍ରଶ୍ନ—ତୁମ ପରିବେଶରେ ବସବାସ କରୁଥିବା ଲୋକେ ତୁମ ସହ କେତେ ଘନିଷ୍ଠ ଓ ସେମାନଙ୍କ ସହ ତୁମେ କେତେ ଘନିଷ୍ଠ । ସେମାନେ ତୁମ ପାଇଁ ଓ ତୁମେ ସେମାନଙ୍କ ପାଇଁ କ'ଣ କରୁଛ ।"

"ପରିବେଶ । ପରିବେଶ ବୋଇଲେ ଆମ ପଡ଼ୋଶୀ, ଆମ କଲୋନୀ; ଆମର ସାରା ସହର; ସ୍ତ୍ରୀ ପୁରୁଷ, ପିଲା ବଡ଼ ସମସ୍ତେ । ଏ ଗୋଟିଏ ମୁଣ୍ଡ ବଗାଡ଼ିବା ପ୍ରଶ୍ନ ।"

Digitized by PPRACHIN, SOA

ଲୋକଟି କହିଲା "ପ୍ରତି ଲୋକ ତା ନିଜପାଇଁ ପ୍ରତିକଥା କରିଯାଉଛି । ଆମେ ସେମାନଙ୍କ ପାଇଁ ବା ସେମାନେ ଆମ ପାଇଁ କ'ଣ କରିବା କ'ଣ ?"

ପଡ଼ୋଶୀ ଟିକେ ହସିଲେ—"ତୁମକୁ ବ୍ୟସ୍ତକରି ଥିବାରୁ ମୁଁ ଦୁଃଖିତ । ମୁଁ ଏବେକ୍ଷଣି ତୁମ ସ୍ତ୍ରୀଙ୍କୁ କିଛି ପ୍ରଶ୍ନ ପଚାରିବି ।"

"ନିଶ୍ଚୟ—ତୁମେ ତାଙ୍କୁ ପଚାରି ପାର । ସେ ଖୁବ୍ ବୁଦ୍ଧିମତୀ । ମୁଁ କାମକୁ ଯାଉଛି । କିନ୍ତୁ ସାବଧାନ, ସେ ତୁମ ସହ କଳି ଆରମ୍ଭ କରିଦେଇ ପାରନ୍ତି । ସେ ଟିକେ ବଦ୍‌ରାଗୀ—ଏଇ ବୁଲିଛା କାଳେଣି ବିନା ମଧ୍ୟ ତାତିଯାଏ ।" ଏତିକି କହି ଲୋକଟି ବାହାରିଗଲା ।

ସେ ଯିବା ପରେ ପରେ ସ୍ତ୍ରୀ ଲୋକଟି କହିଲା, "ସେ ଲୋକ ସହ ରହିବା-ଦିନଠାରୁ ମୁଁ ଯେତିକି ବିରକ୍ତ ସେତିକି ଅତ୍ୟାଚରିତ ହେଉଛି । ତୁମେ କ'ଣ ପଚାରିବ ପଚାର । ମୋ ନିକଟରୁ ମୋର ନିକଟତମ ଓ ଦୂରତମ ବିଷୟରେ ତୁମ ପ୍ରଥମ ପ୍ରଶ୍ନଟି ବୋଧେ ନିର୍ଦ୍ଦିଷ୍ଟ ଥିଲା । ମୋର ଏହି ଉତ୍ତରରେ—ମୁଁ ମୋ ନିଜଠୁ ବହୁତ ଦୂରରେ । ନିଜସହ ନିଜର ଯୋଗାଯୋଗ କରିବାକୁ ମୁଁ କେବେ ବି ସକ୍ଷମ ହୋଇ ନାହିଁ । ଦୁଇଟି ଭାଗରେ ମୁଁ ଗଢ଼ା ବୋଲି ତୁମେ ଜାଣିଥାଅ । ଗୋଟିଏ ଭାଗ ଏ ପୃଥିବୀକୁ ନେଇ ଏ ପୃଥିବୀର ଘଟଣାବଳୀ, ସମ୍ପର୍କ, ସମସ୍ୟା ଆଉ ଲୋଭ ଓ ତୃଷ୍ଣାକୁ ନେଇ ମୁଁ ବିରକ୍ତ ଓ କ୍ଳାନ୍ତ, ଏ ସବୁଥିରୁ ମୁଁ ମୁକ୍ତ ନୁହେଁ । ଅନ୍ୟ ଭାଗଟିରେ ଅଭିଳାଷ, ଅତୃପ୍ତ କାମନା, କ୍ଷୁଧା, ଅମୃତଲୋକର ସ୍ୱର୍ଗ ଓ ଆଶାର ମରୀଚିକା ଖୁନ୍ଦି ହୋଇଛି । ଏ ଦୁଇଟିରୁ କୌଣସି ଗୋଟିଏ ଭାଗ ସହ ମୁଁ ସମସ୍ତ ନୁହେଁ । କେହି ମଧ୍ୟ ମୋର ନିକଟତମ ନୁହେଁ । କେହି ପଡ଼ୋଶୀ ନାହିଁ, କୌଣସି ସ୍ତ୍ରୀ, ପରିବେଶ, ମଣିଷ ବା କୌଣସିଥିରେ ମୋର ଦାବୀ ନାହିଁ । ମୋ ଉପରେ ବି କାହାରି ଦାବୀ ନାହିଁ । ଯୋଉ ଲୋକ ଦ୍ୱିଧା ବିଭକ୍ତ ହୋଇଛି । ଉଭୟ ଭାଗ ପରସ୍ପରର ବିରୋଧୀ । ସେ କପରିବା କାହାକୁ ଅଧିକାର କରିପାରିବ ବା କାହାଦ୍ୱାରା ଅଧିକୃତ ହୋଇପାରିବ ?"

ପଡ଼ୋଶୀ ସ୍ତ୍ରୀ ଲୋକଟିକୁ ଆଶ୍ଚର୍ଯ୍ୟ ହୋଇ ଅନାଇଲେ । ତାଙ୍କର ଅନ୍ତଃକରଣରୁ ପ୍ରଶ୍ନଟିଏ ଉଠି ଆସୁଥିଲା, ସେ ତାକୁ ଚାପିଦେବାକୁ ଚେଷ୍ଟା କରୁଥିଲେ ।

"ମୁଁ ଏବେକ୍ଷଣି ଚାଲିଯିବି ।" ପଡ଼ୋଶୀ **କହିଲେ** ।

"ଆଜି ଆପଣ ଯାହା ପଚାରିଲେ, ସେସବୁ କେହିକେବେ କାହାକୁ ପଚାରେ ନାହିଁ କି କେହିବି···

Digitized by PPRACHIN, SOA

"ଉତ୍ତର ଦିଏ ନାହିଁ" ପଡ଼ୋଶୀ ବାକ୍ୟଟିକୁ ପୂରଣ କଲେ । କିନ୍ତୁ ବିଶ୍ୱାସ କରନ୍ତୁ, ଆପଣ ମତେ ଯାହା କହିଲେ ମୁଁ ଗୋପନୀୟ ରଖିବି, ମୋଛଡ଼ା ଆଉ କେହି ଜାଣିବ ନାହିଁ ।"

ଏତକ କହି ସେ ଚାଲି ଆସୁଥିଲେ । ସେତିକିବେଳେ ଧଳିଲୋକଟି କହିଲା, " ପ୍ରଶ୍ନ ଆପଣଙ୍କୁ ବି ପଚରା ଯାଇପାରେ । ଉତ୍ତର ଦବାକୁ ପ୍ରସ୍ତୁତ ରହନ୍ତୁ ।" ଅଳ୍ପ ହସି ସେ ଘର ଭିତରକୁ ଗଲା । ସନ୍ଦେହର ଏକ କ୍ଷୀଣ ତରଙ୍ଗ ତାଙ୍କ ମନରେ ଉଠି ସାଙ୍ଗେ ସାଙ୍ଗେ ମିଳାଇଗଲା ।

ବର୍ତ୍ତମାନ ସେ କୋଉ ଦିଗକୁ ଯିବେ, ପଡ଼ୋଶୀ ସେକଥା ଭାବୁଥିଲେ । ସେତିକିବେଳେ ଆଉ ଜଣେ ପଡ଼ୋଶୀ ତାଙ୍କୁ ହଠାତ୍ ଧମକେଇଥିଲା "ତୁମେ ଅଙ୍କୁଆଡ଼େ ଯାଉଚ ?"

"ତୁମ ଘରକୁ ଯାଉଚି ।" ଏଭଳିଭାବେ କହିଲେ ଯେ ଅନ୍ୟ ଲୋକଟି ହଠାତ୍ କିଛି ଉତ୍ତର ଦେଇ ପାରିଲାନାହିଁ । କିଛି ସମୟ ପରେ କହିଲା, "ଆସ ପ୍ଲିଜ୍ । ଏଇତ ମୁଁ ଘରକୁ ଯାଉଥିଲି । ତୁମେ ଆସ, ଭଲ ହବ । ପ୍ଲିଜ, ମୋ ସାଙ୍ଗରେ ଆସ ।"

ଲୋକଟି ଆଗରେ ଚାଲିଲା ଓ ପଡ଼ୋଶୀ ତା ପଛେ ପଛେ ଗଲେ । ଘରେ ପଶି ପଡ଼ୋଶୀ ବିସ୍ମିତ ହେଲେ । ବାହାରକୁ ଏତେ ସାଧାରଣ, ଲୁନା ଓ ଅବାଗିଆ ଦିଶୁଥିବା ଘର, ଭିତରେ ଏଭଳି ମହାର୍ଘ ସାଜସଜା ଓ ଆସବାବରେ ସଜ୍ଜିତ—ଏକଥା ଭାବିବା ତାଙ୍କ ପକ୍ଷେ ସହଜ ହେଉ ନଥିଲା । ପରକ୍ଷଣା ଝଡା ପିନ୍ଧିଥିବା ସେ ଲୋକକୁ ଅନାଇଲେ ଓ ଯାହାକୁ ସେ ଭେଟିଲେ ଏତେ ସଭ୍ରମ ସହକାରେ ହାତଯୋଡ଼ିଲେ ଯେ, ଜଣାଗଲା ସତେକି ସମସ୍ତଙ୍କର ସେ କ୍ରୀତଦାସ ।

ଗୋଟିଏ କୋଣରେ ଜଞ୍ଜିରରେ କୋଦା କୁକୁରଟେ ବନ୍ଧା ହୋଇଥିଲା । ଜୀବନରେ ବହୁତ କୁକୁର ସେ ଦେଖିଚନ୍ତି କିନ୍ତୁ ଏ କୁକୁରର ମୁହଁ, ତା ମାଲିକର ମୁହଁଠୁ ବେଶୀ ନାଲିଆ ଦିଶୁଥିଲା ।

ହଠାତ୍ ତାଙ୍କର ମନେହେଲା ଯେ କୁକୁର ମୁହଁ ବହୁ ଲୋକଙ୍କ ମୁହଁ ଭଳି ଦିଶୁଚି । ଯୋଉ ଲୋକର ମୁହଁ ସହିତ ସବୁଠୁ ବେଶୀ ସାମଞ୍ଜସ୍ୟ ଅଛି, ସେ ଲୋକର ମୁହଁକୁ ସ୍ମରଣ କରିବାକୁ ଚେଷ୍ଟାକଲେ ସେ ।

"ପ୍ଲିଜ, ବସିଯାଆନ୍ତୁ ।" ଲୋକଟି କହିଲା । ବସିବାକୁ ଯାଉ ଯାଉ ତାଙ୍କୁ ଘୁମେଇଲା ପରି ଲାଗିଲା । ତାଙ୍କ ମୁଣ୍ଡ ଦବିଡ଼ି ଗଲା କି ?

Digitized by PPRACHIN, SOA

"କ'ଣ ପାଇଁ ଆସିଚନ୍ତି, ଦୟାକରି କୁହନ୍ତୁ ।" ଲୋକଟି ପଚାରିଲା—

"କେତୋଟି ପ୍ରଶ୍ନର ଉତ୍ତର ପାଇବାକୁ ଚାହୁଁଚି ।" ପଣ୍ଡୋରାଣୀ ଧୀରେ କହିଲେ ।

"ନିଶ୍ଚୟ । ପଚାରିଯାଉଥିବା ପ୍ରଶ୍ନମାନଙ୍କର ଉପଯୁକ୍ତ ଓ ଯଥାର୍ଥ ଉତ୍ତର ଦେବା ଆମର କର୍ତ୍ତବ୍ୟ ।"

"ନାଇଁ, ଉପଯୁକ୍ତ ବା ଯଥାର୍ଥ ଉତ୍ତର ମୁଁ ଚାହୁଁନାହିଁ ।" ପଣ୍ଡୋରାଣୀ କହିଲେ "ମୁଁ ସଠିକ୍ ଓ ଅକପଟ ଉତ୍ତର ଚାହୁଁଚି ।"

"ହଁ, ସେମିତ ଉତ୍ତର ବ ଦେଇପାରିବ । ପ୍ରଶ୍ନର ପ୍ରକାର ଉପରେ ଉତ୍ତର ନିର୍ଭର କରିବ ।" ଲୋକଟି ଏକପ୍ରକାର ହାସ୍ୟକର ଭଙ୍ଗୀରେ କହିଲା ।

ପଣ୍ଡୋରାଣୀ ହସିବା ଭଲ ଅନୁଭବ କରୁଥିଲେ କିନ୍ତୁ ହସ ରୋକି ପ୍ରଶ୍ନ କଲେ । "ତୁମେ ନିଜର କେତେ ଟଙ୍କା ? ଘର ତୁମର କେତେ ଆପଣାର ? ରାସ୍ତା, ନଗର ଓ ମନ୍ଦିରଙ୍କର ତୁମେ କେତେ ପାଖରେ ?"

"ଏମିତି ତ ? ମୁଁ ଭାବୁଥିଲି ତୁମେ କ'ଣ ଅଖାଡୁଆ ପ୍ରଶ୍ନ ସବୁ କରିବ ।" ଲୋକଟି କହିଲା, "ସତ କହିବାକୁ ଗଲେ ମୋ ନିଜର ନିଜତ୍ୱ ବୋଇଲେ କିଛି ନାହିଁ । ମୁଁ ଲୋକଙ୍କୁ, ପ୍ରତ୍ୟେକଙ୍କୁ, ନଗରକୁ ସବୁକିଛି ଦେଇ ଦେଇଚି— । ସେମାନଙ୍କ ନିଜତ୍ୱ, ମୋର ନିଜତ୍ୱ । ସେମାନଙ୍କ ଅସ୍ତିତ୍ୱ ହିଁ ମୋର ଅସ୍ତିତ୍ୱ । ମୋ ନିଜର କିଛି ନାହିଁ । ମୁଁ ଭାବୁଚି, ଯାହା କହିଲି ତାହାଦ୍ୱାରା ତୁମେ ଚମତ୍କୃତ ହେବ, ଲେଖି ରଖିବ ।" ଲୋକଟି ଦୃଢ଼ତାର ସହ କହିଲା ।

ସେ ଉତ୍ତର ଦେଇ ପାରିଲେ ନାହିଁ । କୌଣସି କୋଠରୀ ଭିତରେ ଏପରି ଜିନିଷ ସବୁ ଥିବାର ସେ ସ୍ୱପ୍ନରେ ବ ଦେଖି ନଥିଲେ— ଏତେ ଦାମୀ ଦର୍ପଣ, ମୂଲ୍ୟବାନ ଖଟ୍‌ଖଟ, ଚକ୍‌ଚକ୍ ହୀରା ଝର୍କା, ସୁନ୍ଦର ଗୁନ୍ଥା ଦୋହଲୁଥିବା ଭାରି ପର୍ଦ୍ଦା ।

"ଘରେ ଥିବା ଏସବୁ ଜିନିଷ କିଏ ବ୍ୟବହାର କରନ୍ତି ?" ପଣ୍ଡୋରାଣୀ ପଚାରିଲେ ।

"ମୁଁ କେବେ ଯଦି ଏସବୁ ଜିନିଷକୁ ଛୁଇଁ ପକାଏ ତେବେ ତିନିଥର ମାଟି ଲଗାଇ ହାତ ଧୁଏ । ଏ ଘରର ପିଲାମାନେ ଓ ସ୍ତ୍ରୀଲୋକେ କେବଳ ଏସବୁ ଜିନିଷ

Digitized by PPRACHIN, SOA

ବ୍ୟବହାର କରନ୍ତି । ମୁଁ ମଧ୍ୟ ନିର୍ଦ୍ଦିଷ୍ଟ ପରିବେଶରେ ବାସ କରୁଥିବା ମଣିଷଟିଏ । ନିଜ ପାଇଁ କିଛି କରେନା, ଯାହା କିଛି କରେ ସେମାନଙ୍କ ପାଇଁ ।"

"ବାସ୍ତବିକ, ତୁମର କରିବା କଥା ।" ପଡ଼ୋଶୀ କହିଲେ । ଠିକ୍ ସେହି ସମୟରେ ତାଙ୍କର ମନେ ହେଲା ଯେ ଏଲୋକ ନିଶ୍ଚେ କିଛି ନା କିଛି ଦାମୀମୁଖା ପିନ୍ଧିଥିବ, ସେଥିପାଇଁ ମିଥ୍ୟା ମଧ୍ୟ ସତ୍ୟ ଭଳି ପ୍ରତୀତ ହେଉଛି । ଖୁବ୍ ନମ୍ରତା ସହକାରେ ଅନୁଚ୍ଚସ୍ୱରରେ ସେ କହିଲେ, ପ୍ଲିଜ, ମୁଖା ଖୋଲନ୍ତୁ । ମୁଖାଧାରୀଙ୍କ ସହ ବ୍ୟବହାର କଲାବେଳେ ବିନା ମୁଖା ପିନ୍ଧିବାର ଅବଶ୍ୟକତା ପଡ଼େ ।" ଲୋକଟି ହସିଲା ଓ ଭ୍ରୂକୁଞ୍ଚନ କଲା । ଧମକାଇଲା, "ତୁମେ ମୋ ଘରେ ବସିଛ । ଅପରିଚିତ ଲୋକଙ୍କୁ ମୁଁ ଘରେ ପୁରାଏନା । ତୁମକୁ ଚିହ୍ନିବାରେ ମୋର ଭୁଲ ହୋଇଛି । ତୁମେ ଶୀଘ୍ର ବାହାରିଯାଅ । ନଚେତ୍ ମୁଁ କିଭଳି ବ୍ୟବହାର କରିବି, ଜାଣିପାରୁନ ।"

ପଡ଼ୋଶୀ ନୀରବରେ କିଛିକାଳ ବସିରହିଲେ । ତାପରେ ଲାଲମୁହାଁ କୁକୁର ଗର୍ଜିବା ଆରମ୍ଭ କଲା ।

"ମୁଁ ଏହିକ୍ଷଣି ଚାଲିଯିବି । ଆଜି ମୁଁ ନୂଆକିଛି ଦେଖିଲି । ମୁଖା ଅଛି ମୁଁ ମୁଁ ଜାଣେ, ଲୋକେ ପିନ୍ଧନ୍ତି ମୁଁ ଜାଣେ, କିନ୍ତୁ ଘରମାନେ ବି ମୁଖା ପିନ୍ଧି ଚାହାଁନ୍ତି ପଡ଼ନ୍ତି ନାହିଁ ଏକଥା ଜାଣି ନ ଥିଲି, ଚୌକାଠ ଡେଇଁ ନ ଡେଇଁଣୁ ସେ ଅଧାଭଙ୍ଗା କବାଟ ଏମିତି ଧକ୍କା ଦେଲା ଯେ, ସେ ଗଳି ଭିତରେ ମୁହଁମାଡ଼ି ପଡ଼ିଗଲେ । ତାଙ୍କ ଆଖିପତା ଆଖିବୁଜି ହୋଇଗଲା । ବାଟୋଇ ଜଣେ ହସି ହସି କହିଲା, "ଏହି କଳଙ୍କିତ ଘରୁ ଏଇପରି ଭାବରେ ଭଦ୍ରଲୋକମାନଙ୍କୁ ବାହାରକୁ ଫିଙ୍ଗି ଦିଆଯାଏ ।"

ପଡୋଶୀ ଲେଖକଙ୍କ ଘରକୁ ପଶିଲାବେଳକୁ, କାନ୍ଥରେ ପୋଷ୍ଟର ଓ ଗୁଡ଼ାଏ ଝୁଲୁଥିବା, ଚଟାଣରେ ଇତସ୍ତତଃ ଉଡୁଥିବା, ଉଚ୍ଚରେ ଟଙ୍ଗା ହୋଇଥିବା ପୋଷ୍ଟର ସବୁ ଦେଖିଲେ । ଗୋଟେ ପୋଷ୍ଟର ଉପରେ ଯେ ଚକ୍ର ଉପରେ ପତଙ୍ଗ ବସିଥିବା ପରି ବସିଥିଲେ ।

ପଡ଼ୋଶୀଙ୍କ ପ୍ରଶ୍ନ ସବୁର ଉତ୍ତର ଥରେ 'ହଁ' ଥର ହଁ, ନାଁରେ ଦେଇ ସେ ପୋଷ୍ଟରକୁ ନିରୀକ୍ଷଣ କରିବାକୁ ଲାଗିଥିଲେ ।

Digitized by PPRACHIN, SOA

"ମୁଁ ତୁମକୁ କିଛି ପ୍ରଶ୍ନ ପଚାରିବି ।" ପଡ଼ୋଶୀ କହିଲେ । "ମତେ ସମୟ ନାହିଁ । ମୁଁ କିଛି ତିଆରି କରିବି । ତାପରେ ତୁମ ସହ କଥା ହେବି ।" ଲେଖକ ଉତ୍ତର ଦେଲେ ।

"ତୁମେ କ'ଣ ତିଆରି କରିବ ?" ଆଶ୍ଚର୍ଯ୍ୟ ହୋଇ ପଡ଼ୋଶୀ ପଚାରିଲେ ।

"ମୁଁ ଆଖିସବୁ ତିଆରି କରିବି ।"

"ଆଖି ? ଏଇ କାଗଜଗୁଡ଼ାକରେ ?"

ହଁ, ତାରି ଉପରେ ମୁଁ ଆଖି ତିଆରି କରିବି । ମୁଁ ସ୍ଥିର ନିଶ୍ଚିତ କରିଛି । ଆଖି ତିଆରି ନ କଲେ ଏ ଜାଲରୁ ମୁଁ ମୁକୁଳିଯାଇ ପାରିବି ନାହିଁ । ଲେଖକ ଦୁଃଖରେ କହିଲେ । "କି ପ୍ରକାର ଦ୍ୱନ୍ଦ୍ୱରେ ତୁମେ ପଡ଼ିଛ ? କୋଉ ପ୍ରକାର ଜାଲକଥା ତୁମେ କହୁଛ ?"

"ସେ୍ତ ଏକ ଅଦ୍ଭୁତ ଦ୍ୱନ୍ଦ୍ୱ । ଦେଖ ଏଇଠି ଜନ୍ମ ହେଲି, ଏଇ କାନ୍ଥ, ପଥର ଭିତରେ ମୁଁ ବଢ଼ିଲି । ଏଇ ଗଳି, ରାସ୍ତାମାନଙ୍କରେ ଚାଲିଲି । ନଗରରେ ବୁଲିଲି । ଲୋକଙ୍କ ସହ ମିଳାମିଶା କଲି । କିନ୍ତୁ ସବୁଠି ଅନୁଭବ କଲି ସତେ କି ମୁଁ ଅଲଗାଟିଏ ! ସେମାନଙ୍କ ସହ ମୋର ଓ ମୋ ସହ ସେମାନଙ୍କର ସମ୍ପର୍କର ସ୍ୱରୂପ କେବେ ବି ଦେଖି ପାରିଲି ନାହିଁ, କିନ୍ତୁ କିଛି ଗୋଟେ ଗମ୍ଭୀର ସମ୍ପର୍କ ଯେ ମୋର ଲୋକଙ୍କ ସହ, ନଗର ରାସ୍ତାଘାଟ, ପଥର, ଇଟା, ଗଛ ଓ ଡ଼ାଳମାନଙ୍କ ସହିତ ରହିଛି—ଏହା ମୁଁ ଅନୁଭବ କରିପାରୁଛି । ଆଉ ସେମାନଙ୍କର ମଧ୍ୟ ମୋ ସହିତ ଗୋଟେ ଚିରନ୍ତନ, ଅଚ୍ଛେଦ୍ୟ ସମ୍ପର୍କ ରହିଥିବ । ଏ ପାରସ୍ପରିକ ସମ୍ପର୍କର ସ୍ୱରୂପଟି କିନ୍ତୁ କ'ଣ ? ସେ୍ତ ସମ୍ପର୍କ କାହିଁକି ରହିଛି ଅଉ କାହିଁକି ବା ସୃଷ୍ଟି ହୋଇଛି ? ଏଇ ପ୍ରଶ୍ନମାନଙ୍କର ଉତ୍ତର ମୁଁ ଖୋଜୁଛି । ଆଖି ତିଆରି କରି ସେଇ ଆଖି ସାହାଯ୍ୟରେ ସବୁକିଛି ସ୍ପଷ୍ଟଭାବେ ଦେଖିବାକୁ ମୁଁ ଚାହୁଁଛି ।" ଲେଖକ କହିଲେ ।

"ଆଜିଯାଏ ତୁମେ କ'ଣ ସବୁ ଦେଖିଲ ଓ ଜାଣିଲ, ମତେ ଆଗ କହିଲ ।" ପଡ଼ୋଶୀ କହିଲେ ।

ଏକଥା ଶୁଣି ଲେଖକ ବହୁତ ହସିଲେ ଓ ଉତ୍ତର ଦେଲେ "ମୁଁ ଆଖି, କାନ, ହାତ, ପାଦ, ମୁହଁ, ଗୋଡ଼, ପାରସ୍ପରିକ ସମ୍ପର୍କ ଓ ମୁଖାମାନଙ୍କର କାହାଣୀ ଅତି କଷ୍ଟଦାୟକ ବୋଲି ଜାଣିଲି । ସବୁଠି ଜାଣିଲି ଯେ ଯେ ସତ୍ୟ ଓ ବାସ୍ତବତା ମୋ

Digitized by PPRACHIN, SOA

ଦେଖିବାର ପୂର୍ବ ଵିପଦ୍ଗ୍ରସ୍ତ । ସବୁ ଜିନିଷ ଯେମିତି କ ଭୁଲବାଟରେ ଚାଲିଛି । କୌଣସିଟା ଠିକ୍ ଓ ସଳଖ ବାଟ ସେକଥା ଜାଣିବା ଓ ସେ ବାଟକୁ ଚିହ୍ନିବା ଦରକାର ।"

"ତୁମେ ରାସ୍ତା, ଲୋକ, ଗଳି ଓ ନଗର ପାଇଁ କ'ଣ କରୁଚ ?" ପଡ଼ୋଶୀ ପଚାରିଲେ ।

"କିଛି କରିବାକୁ ମୋର କ୍ଷମତା ନାହିଁ, ପ୍ରଭୁତ୍ୱ ନାହିଁ । ଲୋକଙ୍କଠି କ୍ଷମତା ରହିଚ ଓ ସେମାନଙ୍କ ପାଇଁ ମୁଁ ଏଠି ଅଛି । କିନ୍ତୁ ମୁଁ ଆଶାକରେ ଲୋକେ ମୁଖାର ଅସଲ ଅର୍ଥ ବିଷୟରେ ଭାବିବାକୁ ଆରମ୍ଭ କରିବେ, ମଣିଷର ଗୁରୁତ୍ୱ, ନଗରର, ରାସ୍ତା ଓ ପରିବେଶର ତାତ୍ପର୍ଯ୍ୟ ସମ୍ପର୍କରେ ଚିନ୍ତା କରିବେ । ଏତିକି ହେଲା ମୋଟାମୋଟି କଥା ।"

୮

ଲୋକମାନେ ଚିତ୍କାର କରୁଥିଲେ,ଗଳିର କୋଳାହଳ ସହିତ ସେମାନଙ୍କ ଚିତ୍କାର ମିଶିଯାଉଥିଲା । କୋଳାହଳ କାନପରଦାରେ ପଶିହୋଇ ପରଦାକୁ କାଣ କରି ଦେଉଥିଲା । ସେ ଉଠିପଡ଼ି ଦରଜା ବନ୍ଦ କଲେ ଓ କିଳଣି ଲଗାଇଦେଲେ । ତା'ପରେ କାହୁ ଚିତ୍କାର କରିବାକୁ ଆରମ୍ଭକଲା ଓ ଚଟାଣ ପାଟି କରିବାକୁ ଲାଗିଲା । ନଶୁଣିବାକୁ ସେ କାନରେ ଆଙ୍ଗୁଠି ଗୁଞ୍ଜିଲେ । ସେଇଠୁ ଗଳିର, ଲୋକଙ୍କର, କାନ୍ଥ ଓ ଚଟାଣର କୋଳାହଳ ଭିତରୁ ଭିତରୁ ଉଠୁଥି ପଡ଼ିଲା । ଶେଷକୁ ସେ ଦରଜା ଖୋଲି ପଦାକୁ ବାହାରି ଅସିଲେ ।

ବାହାରେ ସୂର୍ଯ୍ୟ ସବୁଦିନ ଦିନକୁ ଟାଣି ଘୋଷାରି ନେଇଯାଉଥିଲା ଓ ଦବା ଲୋକ ଅଖିକୁ କାଟୁଥିଲା । କିନ୍ତୁ ଲୋକ ଗହଳି ଯେମିତି ଆଖିକାଢ଼ି ଚିତ୍କାର କରୁଥିଲା । ସେ ଆଗକୁ ଯାଇ ଗହଳି ସାଥିରେ ମିଶିଗଲେ । ପରସ୍ପରର କଳହ ଓ ଦୋଷାରୋପରେ ପବନ ଭାରି ହୋଇଉଠୁଥିଲା; ପାଣି ମାଡ଼ ଆସିଲେ ଭିଡ଼ ହୋଇ ପିମ୍ପୁଡ଼ିମାନେ ଏଣେତେଣେ ଖେଦିଗଲା ପରି ଲୋକେ ଏଣେତେଣେ ଖେଦି ଯାଉଥିଲେ ।

ସେଇ ଗୋଟିଏ ବିନ୍ଦୁରେ ସେମାନେ ନିଜ ଗୋଇଠି ଉପରେ ଘୂରୁଥିଲେ । ଜଣେ ଅନ୍ୟ ଜଣକୁ କହୁଥିଲା, "ମୋ ଘରର ବାମପଟକୁ ଯେବେ ଗୋଟେ ଉଚ୍ଚାକୋଠା

Digitized by PPRACHIN, SOA

ଡଆର ହେଲା, ମୁଁ ବ୍ୟସ୍ତ ହେଲି ନାହିଁ । କିନ୍ତୁ ସାମ୍ନାକୁ ରନ ମହଲ କୋଠା ଡଆରେ କରି ତୁ ଆଲୋକ ଓ ପବନ ମୋ ଘରକୁ ବନ୍ଦ କରିଦେଲୁ । ତୋତେ ମୁଁ ପ୍ରାଣରୁ ମାରି ଦେବି ।"

"ଯୋଉ ମାଆ'ଠୁ ମୁଁ ଜନ୍ମ, ତୁ ବି ତା'ରି ଠାରୁ ଜନ୍ମ । ତୁ ମତେ ମାରି-ପାରିବୁ ନାହିଁ ।" ଅନ୍ୟ ଜଣକ କହିଲା ।

ଅନ୍ୟ ଏକ ଜାଗାରେ ଅଲଗା ପ୍ରକାର ଗଣ୍ଡଗୋଳ ଲାଗିଥିଲା । ଜଣେ ନବୀନା ଶକ୍ତ ସୁଗଠ ଶରୀର ଧାରିଣୀ ତରୁଣୀ ଗୃହଟି ବାହୁ ଲଗାଇ ଥିଲା ଓ ତା ସ୍ୱାମୀକୁ କହୁଥିଲା "ପୁରୁଷ ପାଲଟିଯିବା ପାଇଁ ତମେ ମତେ ଆଉ ବନ୍ଦକରି ପାରିବ ନାହିଁ । ସ୍ତ୍ରୀଲୋକ ଯେ ଖାଲି ପିଲା ଜନ୍ମକରି, ପରିବାର ବଢ଼ାଇ ଚାଲିବା ପାଇଁ ଜନ୍ମ ସେ ଧାରଣା ତୁମର ଭୁଲ୍ । ସ୍ତ୍ରୀଲୋକ ପରିବାର ସୂତକୁ ଲମ୍ବାଇ ଚାଲିବା ସଙ୍ଗେ ସଙ୍ଗେ ଜଞ୍ଜାଳ ମଧ୍ୟ ବଢ଼େଇ ଚାଲେ । ମୁଁ ଏବେ ପୁରୁଷ ପାଲଟି ଯିବି ଓ ଜଞ୍ଜାଳ ଦୂର କରିବି ।"

"କିନ୍ତୁ ମୁଁ ତୁମକୁ କିପରି ଅପଦସ୍ତ କଲି ? ମୋ ଧ୍ୱଂସର କାରଣ ତୁମେ କାହିଁକି ହବାକୁ ଯାଉଚ ?" ଲୋକଟି ପଚାରିଲା ।

"ତୁମେ ହଉଚ କେତୋଟି ଟୁକୁରାର ଗୋଟେ ଗୁନ୍ଦୁଲା—ତୁମ ହାତ ଗୋଟେ ଜାଗାରେତ ଆଖି ଆଉ ଗୋଟେ ଜାଗାରେ, ଗୋଡ଼ ଓ ବାହୁ ଅନ୍ୟ କୋଉ ଜାଗାରେ ଆଉ ତୁମ ମସ୍ତିଷ୍କ ଅନ୍ୟ କୋଉଠି ଟିକ୍ ଟିକ୍ କରୁଚି । ଦୀର୍ଘକାଳ ହେଲା ମୁଁ ଏଇ ଟୁକୁରା ଗୁଡ଼ାକୁ ସହ୍ୟ କରି ଆସୁଥିଲି, ଏଇ ଆଶାରେ ଯେ ଦିନେ ନା ଦିନେ ତୁମେ ମୋ ପାଇଁ ପରିପୂର୍ଣ୍ଣ ମଣିଷଟିଏ ହେବ ! କିନ୍ତୁ ମୋର ଏ ଆଶା ଭୁଲ ।"

"ମୁଁ ପରିପୂର୍ଣ୍ଣ ।" ଲୋକଟି ଚିତ୍କାର କଲା ।

"ପୂରା ମିଛ । ତୁମେ ଯଦି ପରିପୂର୍ଣ୍ଣ, ତାହେଲେ ତୁମ ସମୁଦାୟ ଭାବରେ ମୋ ପାଖେ କାହିଁକି ରହୁ ନାହଁ ?"

Digitized by PPRACHIN, SOA

"ମୁଁ ପରିପୂର୍ଣ୍ଣ ସମୁଦାୟ ମଣିଷଟିଏ ।"

"ନା, ତୁମେ ପରିପୂର୍ଣ୍ଣ ଓ ସମୁଦାୟ ହୋଇପାରିବ ନାହିଁ ।"

ଆଉ ଜଣେ କେହି ଚିତ୍କାର କରୁଥିଲା—"ନାଁ...ନାଁ...ନାଁ..."

ଲୋକଟି ଲେଖକଙ୍କ ବାହୁ ଧରି ନିଜ ଆଡ଼କୁ ଟାଣୁଥିଲା ଓ କହିଲା—"ତୁମେ ଜଣେ ମଧ୍ୟସ୍ଥ ଭାବରେ କଥାଟା ବିଚାର କର । ଏ ଲୋକ ମୋ ସଙ୍ଗେ କଳି କରୁଛି । ବହୁଦିନ ପୂର୍ବେ ସେ ମୋ ଘରର ଗୋଟିଏ ଇଟା ନେଇ ତା ଘରେ ବ୍ୟବହାର କରିଥିଲା । ମୁଁ ମଧ୍ୟ ସେମିତି କରିଥିଲି । କିଛିଦିନ ଭିତରେ ସେ ମୋ ଘରର ସବୁ ଇଟା ତା ଘର ପାଇଁ ନେଇଗଲା ଓ ମୁଁ ମୋ ଘର ପାଇଁ ତା ଘରର ସବୁ ଇଟା ନେଇ ଆସିଲି । କହିବାକୁ ଗଲେ ତା ମୋ ଭିତରେ ଘର ଦୁଇଟା ବଦଳ ହୋଇଗଲା । ଆଜି ଏତେ ବର୍ଷ ପରେ, ସେ ମୋତେ କହୁଛି ଯେ ମୁଁ ଚୋର, ମୁଁ କୁଆଡ଼େ ତା ଇଟାତକ ଚୋରାଇ ନଥିଲେ ତା ଘର ଆଜିର ଘରଠାରୁ ଦୁଇ ତିନି ଗୁଣ ବଡ଼ ହୋଇଥାନ୍ତା । ଏଇ ହେଉଛି ଆମ ଭିତରେ କନ୍ଦଳ ।"

"ଏ ଲୋକ ଠକିଛି । ଏ ଗୋଟେ ହତ୍ୟାକାରୀ" ଜଣେ କେହି ବସିଥିବା ଲୋକର ମୁହଁକୁ ଉଠାଇ ତାକୁ ଧରାପକାଇ ଦେଲା, "ତାର ଗୋଟେ ମୂର୍ତ୍ତି ଥିଲା । ଆମେ ତାକୁ ପୂଜା କରୁଥିଲୁ—ଫୁଲ ଫଳ, ଟଙ୍କା ଓ ଶସ୍ୟ ତା ସାମ୍ନାରେ ରଖି ନୈବେଦ୍ୟ ଦେଉଥିଲୁ । ତାପରେ ସେ ମୂର୍ତ୍ତି ଆଗରେ ପର୍ଦ୍ଦାଟେ ଟାଣିଦେଲା । ଆଉ ଆମେ ପୂଜାରେ, ନୈବେଦ୍ୟ ଦେବାରେ ଲାଗିଥିଲୁ । କିନ୍ତୁ ଏ ହତଭାଗ୍ୟ ଲୋକ ଧନ ଲୋଭରେ ମୂର୍ତ୍ତିକୁ ବିକିଦେଇ ଆମକୁ ଦିନାକେତେ ପର୍ଦ୍ଦା-ପୂଜା କରାଇଲା । ଏବେ ପର୍ଦ୍ଦାରେ ନିଆଁ ଲାଗିଯିବାରୁ ତା ଠକାମି ଧରାପଡ଼ିଲା ।" ଏତିକି କହି ସେ ଅନ୍ୟ ଲୋକଟି ଆଡ଼କୁ ବୁଲିପଡ଼ିଲା "ଏ ଲୋକ ଏଠାରେ ଆଉ ଅଧିକ ବେଳ ରହିବାର ନୁହେଁ । ଯାକୁ ଏ ପଡ଼ାରୁ, ନଗରରୁ, ଲୋକମାନଙ୍କ ପାଖରୁ ବାହାର କରିଦେବା ଉଚିତ ।"

"ହଁ, ତାକୁ ବାହାର କରିଦେଇ, ତାର ଜିନିଷପତ୍ର ନିଆଁକୁ ଫୋପାଡ଼ି ଦେବା ଉଚିତ ।" କେତେକ ଲୋକ ଏକ ସ୍ୱରରେ ଚିତ୍କାର କଲେ ।

Digitized by PPRACHIN, SOA

କିନ୍ତୁ, ମୁଁ ତ ମୂର୍ତ୍ତିଆଣି ଯଥା ସ୍ଥାନରେ ପୁଣି ଥୋଇ ଦେଇଛ ।" ଲୋକଙ୍କ ସ୍ଥିତ ବାଜେଇ ଚକ୍କାର କଲା । ଲୋକଙ୍କ ଭିତରୁ ଜଣେ ରାଗିଗଲା, "ଅରେ ବଙ୍କା ହୋଇଥିବାମୂର୍ତ୍ତି ଆମେ ଆଉ ପୂଜିବୁ ନାହିଁ । ଆମେ ନିଜକୁ ବିକିଦବୁ ପଛେ । ଧର୍ମକୁ ଏପରି ଅଶ୍ରିଠାର ମାର ପାଇବୁ ନାହିଁ ।"

ଜଣେ ଗଳା ଫଟାଇ ଗ୍ରାମକୁ କାନ୍ଦୁଥିଲା, "ସ୍ୱାଠ୍ ପଇସା ପଇସାର ହିସାବ ଆଦାୟ କର । ଟଙ୍କାଟା ସବସାଧାରଙ୍କର ଥିଲା । ଆମେ ଭାବିଥିଲୁ ଏ ଟଙ୍କାରେ ଚାରିଟା ଫାଟକ ଥିବା ଗୋଟେ ବଡ଼କୋଠା ତୋଳିବୁ, ଯାହା ଜାହାଜ ପରି ଦେଖାଯାଇଥିବ, ଗୋଟେ ପାଖରେ ଶସ୍ୟ ଗୋଦାମ, ଦ୍ୱିତୀୟ ପାଖରେ ଠାକୁରଙ୍କ ମୂର୍ତ୍ତି, ତୃତୀୟ ପାଖରେ ବଡ଼ ଟଙ୍କା ତିଆରି ଯନ୍ତ୍ର ରହିଥିବ ଓ ଚତୁର୍ଥ ପାଖରେ ସୁନା, ରୂପା, ପିତଳ, ତମ୍ବା ଓ ଇସ୍ପାତ ତିଆରି ଚେନ ସବୁ ଥାକ ଥାକ ରହିଥିବ । କିନ୍ତୁ ଏ ଲୋକ ସାରାଟା ସ୍ଥାନ ଗୋଟିଏ ମସ୍ତିଷ୍କ ତିଆରି କାରଖାନାରେ ଭରିଦେଲା । ମସ୍ତିଷ୍କ ତିଆରି ଓ ବିକ୍ରୟ ଆରମ୍ଭ କରିଦେଲା । ଯେ କେହି ଯେ ମସ୍ତିଷ୍କ ବ୍ୟବହାର କଲା, କହିଲା "ମଣିଷ କିଛି ନୁହେଁ । ରାସ୍ତା, ଘର, ଗଛ, ପୁରୁଷ, ସ୍ତ୍ରୀ, ମୁଖା ଓ ଗହମ ଏସବୁ କିଛି ନୁହେଁ । ଯନ୍ତ୍ରହିଁ କେବଳ ସବୁ କିଛି । ଯନ୍ତ୍ର ହିଁ ମଣିଷ, ଦେବତା, ଗଛ, ପଥର, ଇଟା ଓ ଘର । ସେ ସମସ୍ତଙ୍କୁ ଦୁର୍ନୀତିଗ୍ରସ୍ତ କରି ପକାଇଛି ।"

ଅନେକ ଲୋକ ଯନ୍ତ୍ର ମଣିଷଟିକୁ ଠେଲିଲେ ହେଲେ ସେ ଖାଲି ଟିକେ ହସି ଦେଲା ।

ବଜାରରେ ପାଦ ଦେଲାମାତ୍ରେ ପଡ଼ୋଶୀଙ୍କୁ ଦେଖି ସେ ପଚାରିଲେ—

"ଏତେ ଦିନ ଧରି ତୁମେ କୋଉଠି ଥିଲ ?"

"ମୁଁ ତୁମ ପ୍ରଶ୍ନର ଉତ୍ତରର ସଂଗ୍ରହ କରୁଥିଲି ।"

"ତୁମେ କିଛି ଉତ୍ତର ପାଇଲ ?"

Digitized by PPRACHIN, SOA

"ହଁ, ଅନେକ ଉତ୍ତର ପାଇଛ । ତୁମକୁ ସବୁ କହିବ । ମତେ ବହୁତ ଅସୁବିଧାରେ ପଡ଼ିବାକୁ ହେଲା । ମୁଁ ନିଶ୍ଚିତ ଯେ ତୁମେ ବି ଏଇ ପ୍ରଶ୍ନ ଅନେକଙ୍କୁ ପଚାରିଥିବ ।"

"ମୁଁ ? ମୁଁ ଏଯାଏଁ ଠିକ୍ କରିନି, କେଉଁଲୋକଙ୍କୁ ପଚାରିବାକୁ ଭାବୁଛ ।" ସେ ଗମ୍ଭୀର ଭାବେ କହିଲେ ।

"ତୁମେ ଆହୁରି ଭାବୁଛ ? ମୁଁ ଆଶା କରୁଛ ତୁମେ ମୁଖା ପିନ୍ଧିନାହଁ । ତୁମେ ପଳାତକ ନୁହଁ ତ ?" ପଡ଼ୋଶୀ ପଚାରିଲେ

"ମୁଁ କିଛି ନୁହେଁ । ମୁଁ କେବଳ ଜଣେ ଲେଖକ ଓ ଚିତ୍ରକର । କିନ୍ତୁ ଏଇ ଏକଟଣା ରଙ୍ଗରେ ମୁଁ ସବୁକିଛି ହଜାଇ ଦେଇଛି । ମୋ ରଙ୍ଗ, ରେଖା, ବିଷୟବସ୍ତୁ ଓ ଦର୍ପଣକୁ ମୁଁ ଖୋଜୁଛି । ମୁଁ ସୃଷ୍ଟି କରିବାକୁ ଓ ପୃଥିବୀରେ ଉଆର କରିବାକୁ ଭଲପାଏ । ଏମିତି ଗୋଟାଏ ଭାବନାଦ୍ୱାରା ମୁଁ ଭୂତଗ୍ରସ୍ତ । କିନ୍ତୁ ବହୁବର୍ଷ ଧରି କିଛି କରିବାକୁ ମୁଁ ସମର୍ଥ ହୋଇନାହିଁ । ଯେବେ କିଛି ମୁଁ ସୃଷ୍ଟି କରିବାକୁ ଚାହିଁଛ, ଗୋଟେ ପ୍ରକାର ଆଘାତ ଅନୁଭବ କରିଛି । ବାସ୍ତବ ଭୂମିରେ, ପ୍ରକୃତ ରଙ୍ଗରେ ରଞ୍ଜିତ କୌଣସି ଜୀବନର ନକ୍ସା ଦେଖିବାକୁ ମୁଁ ସମର୍ଥ ହୋଇନାହିଁ ।"

ହଠାତ୍ ସେ ଯିବାକୁ ବାହାରିବା ବେଳକୁ ପଡ଼ୋଶୀ ତାଙ୍କୁ ଅଟକାଇ ଦେଲେ, "ସେଇ ଛକ ଆଡ଼କୁ ଚାହିଁଲ । କ'ଣ ସେଠି ହଉଛ ?"

ରାସ୍ତାର ଛକରେ ପ୍ରାୟ ଅଧଡ଼ଜନେ ଲୋକ ଲୁଗାପଟା ଖୋଲି ମଝିରେ ଠିଆ ହୋଇ କିଛି କରିବାକୁ ପ୍ରସ୍ତୁତ ହେଉଛନ୍ତି । ଉଭୟେ ସେମାନଙ୍କ ପାଖାକୁ ଗଲେ "ଏଠି କ'ଣ ହବାକୁ ଯାଉଛ ?" ଉଭୟେ ପଚାରିଲେ ।

"ଏଠି ଯାହା ହବାର କଥା ସନ୍ଧ୍ୟାବେଳକୁ ହବ । ସେ କଥା ଆଗରୁ କହିବାରେ କିଛି ଲାଭ ନାହିଁ ।"

୯

ପ୍ରଥମଥର ପାର୍ଟି ନଗରର ଛକରେ ସାଜସଜ୍ଜା ଦେଖିଲି ଭଳି ହୋଇଥିଲା । ଦଳଦଳ ଲୋକେ ବହୁ ରଙ୍ଗ ଖେଳକୁ ଚାହିଁଥିଲେ । ଝୁଲନ୍ତ ମୁଖା ଆଡ଼କୁ ଓ ସେଠୁ

Digitized by PPRACHIN, SOA

ଅଙ୍କୋବାଟିକ୍ ଖେଳ ଦେଖାଉଥିବା ପାଠ ମାଙ୍କଡ଼ ପରି ଦିଶୁଥିବା ଆକାରମାନଙ୍କୁ ଟାଣୁଥିଲେ । ହାତଦ୍ୱାରା ଦ୍ରୁତ ଗତିଶୀଳ ଘଣ୍ଟାଟିଏ ଦୃଶ୍ୟର ଚମତ୍କାରିତାକୁ ବଢ଼ାଉଥିଲା । ଏହି ଘଣ୍ଟାରେ ସମସ୍ତ ଚିହ୍ନ ସ୍ଥାନରେ ଶ୍ରେଷ୍ଠ ବୃତ୍ତମାନ ରହିଥିଲା ।

ସଭାସ୍ଥଳ ଓ ତା ଚାରିକଡ଼ କାଗଜ ତିଆରି ଫୁଲରେ ସଜା ହୋଇଥିଲା, ଚାରିଆଡ଼େ ସେଇ ଫୁଲ ବିଗ୍ରୁ ହୋଇଥିଲା । ଜନତା ଓ ବାଜାବାଲା ଅଧୀର ହୋଇ ଅପେକ୍ଷା କରିଥିଲେ ।

ମଞ୍ଚ ଉପରେ ଜଣେ ଲୋକ ଆବିର୍ଭୂତ ହେବା ସଙ୍ଗେ ସଙ୍ଗେ ଶବ୍ଦର ସମୁଦ୍ର ଥମିଗଲା । ନୀରବତା ରାଜତ୍ୱ କଲା । ଲୋକଟି ବଡ଼ ପାଟିରେ କହିବା ଆରମ୍ଭ କଲା, "ବନ୍ଧୁଗଣ, ଯୋଉ ଛକ ସବୁ କେବେ ବି ଚୋରି ଯାଇ ପାରନ୍ତା ନାହିଁ ଏବେ ଚୋରି ହୋଇଛି । ସ୍ପଷ୍ଟ ଦିବାଲୋକରେ ମୋର ଗୋଟେ ଛବି ଚୋରି ଯାଇଛି । ଆଜି ହୁଏତ ଛବିଟିର କିଛି ଦାମ ନାହିଁ କିନ୍ତୁ ଏହାର ମୂଲ୍ୟ ବହୁତ ବେଶୀ । ଏ ମୋର ପାରିବାରିକ ଛବି । ମୁଁ ଶୁଣିଲି ଯେ ଚୋରଟା ସେ ଛବି ଧରି ଏଇ ଛକ ଅଡ଼େ ଧାଇଁ ଆସିଲା । ଚୋର ଧରିବାରେ ଆପଣମାନେ ମତେ ସାହାଯ୍ୟ କରିବା ଉଚିତ । ସେ ଛବି ନଥିଲେ ମୋ ନିଜର କଡ଼ାକର ମୂଲ୍ୟ ନାହିଁ ।"

ଆଉ ଜଣେ ଲୋକ ମଞ୍ଚ ଉପରେ ପ୍ରଥମ ଲୋକକୁ ଠେଲିଦେଇ ଚିତ୍କାର କଲା, "ପ୍ରଥମେ ମୋ ଛବି ଖୋଜି ବାହାର କରନ୍ତୁ । ମୁଁ ଆପଣମାନଙ୍କର, ଛବି ମଧ୍ୟ ଆପଣମାନଙ୍କର, ଚୋର ବି ଆପଣଙ୍କର ।"

"ତୁମ ଛବି କେତେବେଳେ ହଜିଲା ?" ମଞ୍ଚ ଉପରର ପ୍ରଥମ ଲୋକ ପଚାରିଲା ।

"ଠିକ୍ ଦ୍ୱିପହରେ ସୂର୍ଯ୍ୟ ଯେତେବେଳେ ମୁଣ୍ଡ ଉପରେ ।" ଦ୍ୱିତୀୟ ଲୋକ ଉତ୍ତର ଦେଲା ।

"ମୋର ବି ଠିକ୍ ସେତିକିବେଳେ ଚୋରି ହେଇଚି ।"

"ତେବେ ସେଇ ଏକା ଚୋର ଏକା ସମୟରେ ଚୋରି କରିଥିବା ସମ୍ଭବ ।"

"ହଁ ସମ୍ଭବ, କିନ୍ତୁ ଏହା ମଧ୍ୟ ସମ୍ଭବ ଯେ ସେଇ ଏକା ଛବି ଏକ ସମୟରେ ଦୁଇଟି ସ୍ଥାନରୁ ଚୋରି ଯାଇଛି ।"

"କାହିଁକି ନୁହେଁ ? ତା ବି ସମ୍ଭବ ।"

Digitized by PPRACHIN, SOA

"ବନ୍ଧୁଗଣ, ସେ ଉଭୟେ ଚତ୍କାର କଲେ "ଗୋଟେ ଚୋର ଏକ ସନ୍ଧ୍ୟାରେ ଦୁଇଟା ଜାଗାରୁ ଦୁଇଟା ଛବି ଚୋରିକରି ଏଇ ଆଡ଼କୁ ଦୌଡ଼ି ଆସିଲା । ଆମ ଉପରେ ଦୟାକରନ୍ତୁ, ଚୋରର ଖୋଜଖବର ନିଅନ୍ତୁ ।"

ତୃତୀୟ ଜଣେ ମଞ୍ଚ ଉପରକୁ ଆସି ବଡ଼ ପାଟିରେ କହିଲା, "ଛବି କଥା ଭୁଲି ଯାଆନ୍ତୁ । ଏବେ ମସ୍ତିଷ୍କ ସବୁ ବି ଚୋରି ହେଉଛି । ମୋର ସ୍ପଷ୍ଟ ମନେ ଅଛି, ମୁଁ ଶୋଇ ବାକୁ ଗଲାବେଳେ, ମୋ ମସ୍ତିଷ୍କ ମୁଣ୍ଡ ଭିତରେ ନିରାପଦରେ ସୁରକ୍ଷିତ ଥିଲା । ସକାଳୁ ଉଠିଲା ବେଳକୁ ଦେଖେ ଯେ କାନ୍ଧ ଉପରେ ମୁଣ୍ଡଟି ଅଛି କିନ୍ତୁ ମସ୍ତିଷ୍କ ଚୋରି ଯାଇଛି । ମୁଁ ନିଶ୍ଚିତ ଯେ ମସ୍ତିଷ୍କ ଧରି ଚୋର ପଳାଇଯାଉଛି । ଆସି ଏଇ ଲୋକ ଗହଳରେ ମିଶି ଯାଇଛି । ମୋର ମସ୍ତିଷ୍କ ଫେରି ପାଇବାରେ ମତେ ସାହାଯ୍ୟ କରନ୍ତୁ ।"

ତିନିଜଣଯାକ କଥା କହିବା ବନ୍ଦ କଲେ । ମଞ୍ଚ ଉପରକୁ ଜଣେ ବୁଢ଼ାଲୋକ ବାଡ଼ି ଠୁକୁ ଠୁକୁ କରି ଉଠିଲା । ତାର ଆନତ ଆଖି ଲୁହରେ ଅଳ୍ପ ଓଦା ହୋଇଥିଲା । ରୁଦ୍ଧ ସ୍ୱରରେ ସେ କହିଲା, "ବନ୍ଧୁଗଣ, ମୁଁ ଦୁର୍ବଳ, ବୁଢ଼ାଲୋକ—ମୃତ୍ୟୁ ଆଡ଼କୁ ଯାଉଛି । କିନ୍ତୁ ମତେ ଲାଗୁଛି ଯେ ମୁଁ ଶାନ୍ତିରେ ମରିପାରିବି ନାହିଁ । ଚୋରଟେ ମୋ ବୁନ୍ଧୁଲାକୁ ଚୋରିକରି ନେଇଛି । ସେଇ ବୁନ୍ଧୁଲାରେ ମୋ ପୂର୍ବପୁରୁଷଙ୍କ ଗର୍ବ ନାମ ଓ ଆତ୍ମସମ୍ମାନ, ଯାହା କିଛି ଅବଶିଷ୍ଟ ଥିଲା, ମୁଁ ବାନ୍ଧି ରଖିଥିଲି । ଦୟାକରି ସେ ବୁନ୍ଧୁଲା ଖୋଜି ପାଇବାରେ ମତେ ସାହାଯ୍ୟ କରନ୍ତୁ । ଶୀଘ୍ରରେ ସେଇ ବୁନ୍ଧୁଲାଧରି ମୁଁ ମରିବାକୁ ଚାହେଁ । ଶେଷ ନିଶ୍ୱାସ ଶାନ୍ତିରେ କିପରି ନେବି, ମତେ ସାହାଯ୍ୟ କର । ମୋ ବୁନ୍ଧୁଲାର ଚୋରକୁ ଧର ।"

ଆଗରୁ କହିଥିବା ତିନିଜଣଯାକ ପୁଣି ନିଜ ନିଜ ଅନୁରୋଧ ଜଣାଇଲେ ।

ବର୍ତ୍ତମାନ, ଜଣେ ଚମତ୍କାର ଗଢ଼ଣର ସୁନ୍ଦରୀ ସ୍ତ୍ରୀଲୋକ ଯିଦ୍ କଲାଭଳି ମଞ୍ଚ ଉପରକୁ ଆସିଲା । ପ୍ରଥମେ ସେ କଠୋରଭାବେ ଲୋକମାନଙ୍କୁ ଚାହିଁ କହିଲା, ଅନ୍ୟ ସ୍ତ୍ରୀ ଲୋକ ମାନଙ୍କ ପରି ମୁଁ ମୋର ଜିନିଷପତ୍ର ଧରି ରାସ୍ତାରେ ଯାଉଥିଲି । କିନ୍ତୁ ଗୋଟେ ଅଦ୍ଭୁତ ଘଟଣା ଘଟିଲା—ମୁଁ କିଛିଦୂର ଗଲାପରେ ରାସ୍ତାଟି ପାଟି, ଜିଭ ମାନଙ୍କର ପଟୁଆର ପରି ମନେ ହେଲା । ମୁଁ ଅନ୍ୟ ଗୋଟିଏ ରାସ୍ତାକୁ ଚାଲିଗଲି କିନ୍ତୁ ସେଠାରେ ମୋର ସମସ୍ତ ଜିନିଷ ହରାଇଲି । ପ୍ରଥମ ରାସ୍ତାକୁ ଫେରି ଆସିଲି । କିନ୍ତୁ କିଛି ପାଇଲି ନାହିଁ ବରଂ ଶେଷରେ ପାଣି ଲହଡ଼ି ମାରୁଥିଲା ! ମୁଁ ବାଟ ବଣା ହୋଇଛି । ଦୟାକରି ମତେ ମୋ ରାସ୍ତା ପାଇବାରେ ସାହାଯ୍ୟ କରନ୍ତୁ । ନହେଲେ ମୁଁ ଆତ୍ମହତ୍ୟା କରିବି । ସମ୍ଭାବନା କୁଆଡ଼କୁ ଯିବ ? ଯିବ କୁଆଡ଼କୁ ଭଲ ?"

Digitized by PPRACHIN, SOA

ତାପରେ ହୋ ହାଲ୍ଲା ହେଲା । ପାଗଳ ପରି ଦିଶୁଥିବା ଜଣେ ଲୋକ ହାତରେ ତାଳି ମାରି ପାଦ କଚାଡ଼ି କଚାଡ଼ି ମଞ୍ଚ ଉପରକୁ ଆସିଲା ଆଉ ହସର ଲହର ଉଠିଲା — ଏପରି ଉଚ୍ଚ ସ୍ୱରରେ ଅଟ୍ଟହାସ୍ୟ ହସେ ଯେ, ତା ଆକାଶଯାଏ ଲମ୍ବିଗଲା ।

"କାହିଁକି ଏମିତି ହସୁଚନ୍ତି ?" ମଞ୍ଚ ଉପରେ ଥିବା ଲୋକଙ୍କ ଭିତରୁ ଜଣେ ପଚାରିଲା ।

"କାରଣ ମୋର ଯାହା ହଜିଚି, ସମସ୍ତଙ୍କର ହେଇଥା ହଜିଚି ।" ଏତକ କହି ସେ ପୁଣି ଦମକାଏ ହସିଉଠିଲା ।

"ତୁମେ କ'ଣ ହଜେଇଚ ?" ଏକାବେଳକେ ଦୁଇତିନି ଜଣ ଲୋକ ପଚାରିଲେ ।

"ମୁଁ ମୋ ନିଜକୁ ହଜାଇଚି ।" ଲୋକଟି ଉତ୍ତର ଦେଲା ।

"ତୁମେ ତୁମ ନିଜତ୍ୱକୁ ହଜାଇଚ ?" ପୁଣି ଥରେ ପ୍ରଶ୍ନହେଲା । ପାଗଳଟି ଆଖି ବଡ଼ ବଡ଼ କରି କହିଲା, "ହଁ, ମୋ ନିଜତ୍ୱ ହଜିଯାଇଚି ଆଉ ଚୋରକୁ ମୁଁ ଜାଣେ ।"

"ତୁମେ ନିଜତ୍ୱ ହରାଇଚ ଓ ଚୋରକୁ ବି ଜାଣିଚ ? ଚୋର କୋଉଠି ଅଛି ?"

"ଏଇଠି ଅଛି । ମୁଁ ନିଜେ ଚୋର । ମୁଁ ମୋ ନିଜକୁ ଚୋରାଇଛି ।"

ଅନ୍ୟ ଲୋକଟି ହସିଲା । "ତୁମେ ଯଦି ଚୋରକୁ ଜାଣ, ତାହେଲେ ଚିତ୍କାର କରୁଚ କାହିଁକି ?"

"କାରଣ ଚୋରର ଆତ୍ମା ଚୋରକୁ ଶାନ୍ତିରେ ରହିବାକୁ ଦେଉନାହିଁ । ମୁଁ ଚିତ୍କାର ନକଲେ, ଶ୍ୱାସରୁଦ୍ଧ ହୋଇ ମରିଯିବି । ମାତ୍ର ମରିବାକୁ ମୁଁ ଚାହେଁନା ।"

ଛକ ଉପରେ ଭିଡ଼ ଜମାଇଥିବା ଜନତା ଏତେ ଜୋରରେ ଓ ଢଙ୍ଗରେ ତାଳିମାରିଲେ ଯେ ଚାରିପାଖରେ ଥିବା ଛକରାସ୍ତା, କାନ୍ଥ ଓ ଦୋକାନମାନ ଥର ଥର ହୋଇ କମ୍ପି ଉଠିଲା । ତାପରେ ଧୀର ପବନରେ ଝରାପତ୍ର ସବୁ ଉଡ଼ିଗଲା ପରି ଯେଝା ବାଟରେ ଯିଏ ଫେରିବା ଆରମ୍ଭ କଲେ ।

Digitized by PPRACHIN, SOA

"ଚାଲ ଆମେ ବି ଫେରିବା ।" ପଡ଼ୋଶୀ ପ୍ରସ୍ତାବ ଦେଲେ "ହଁ, ଚାଲିଯିବା । ନାଟକର ସେ ଆରମ୍ଭ ନା ଶେଷ ମୁଁ ବୁଝିପାରୁ ନାହିଁ ।"

ଉଭୟେ ଚାଲିବାକୁ ଆରମ୍ଭ କଲେ—ସେଇ ରାସ୍ତାରେ—ଯୋଉ ରାସ୍ତା ସମସ୍ତଙ୍କର । ଅଥଚ ସେ ରାସ୍ତାର କେହି ନାହିଁ, ଯେ ସମସ୍ତଙ୍କୁ ସଂଯୋଗ କରେ କିନ୍ତୁ ନିଜେ ଏକାକୀ ରହିଥାଏ ।

Digitized by PPRACHIN, SOA

ଡୋଗ୍ରୀ ଉପନ୍ୟାସ 'ନାଗାରୁଖ' ପ୍ରଥମେ ୧୯୭୮ରେ ପ୍ରକାଶ ପାଏ । ୧୯୭୯ ପାଇଁ ଏହା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭକରେ । ଉପନ୍ୟାସଟି ଆକାରରେ କ୍ଷୁଦ୍ର ଓ ଆଞ୍ଚଳିକ ଉପାଦାନ-ରହିତ ହୋଇଥିବାରୁ ଅନୁବାଦ ଜୀବନ୍ତ ହୋଇଛି । ଏହା ହିନ୍ଦୀରେ ଅନୂଦିତ ହୋଇ ପ୍ରକାଶ ପାଇ ସାରିଛି । "Churning of the city" ଶୀର୍ଷକରେ ଏହାର ଇଂରାଜୀ ଅନୁବାଦ ପ୍ରସ୍ତୁତ ହୋଇଛି । 'ନଗର ମନ୍ଥନ' ଏହାର ଓଡ଼ିଆ ଅନୁବାଦ ।

ଏହି ଅସାମାନ୍ୟ ଉପନ୍ୟାସ ଚିରାଚରିତ ଶୈଳୀରେ, ଚିରାଚରିତ ବିଷୟବସ୍ତୁ ଓ ଚରିତ୍ର ସଂବଳିତ ବର୍ଣ୍ଣନାତ୍ମକ ଗଦ୍ୟ ନୁହେଁ । ଅନ୍ୟପକ୍ଷରେ ପରିସ୍ଥିତିର କ୍ରମ ମାଧ୍ୟମରେ ଏଥିରେ ଏକ ଭାବଗର୍ଭକ ପ୍ରଶ୍ନ ମନସ୍କ ଚେତନା ପ୍ରବାହିତ ହୋଇ ସମସାମୟିକ ବାସ୍ତବତା ଉପରେ ଆଲୋକପାତ କରେ ।

ଏହି ସଂରଚନାରେ ସହରଟି ଦୁଇ ଭାଗରେ ବିଭକ୍ତ ହୋଇଥିବାର ଜଣାଯାଏ—ଗୋଟିଏ କାଳିମାମୟ ଅର୍ଦ୍ଧେକ (ଦରିଦ୍ର, ଅବହେଳିତ, ଶୋଷିତ) ଏବଂ ଅପରଟି ଉଜ୍ଜ୍ୱଳ ଅର୍ଦ୍ଧେକ—ଶ୍ରମିକ-ମଣିଷଙ୍କ ସ୍ଥାନଗ୍ରହଣ କରିଥିବା ସ୍ୱୟଂଚାଳିତ ଯନ୍ତ୍ର, ହସ୍ପିଟାଲର ସୌଧ ପାଇଁ ସ୍ଥାନ ଯୋଗାଇ ଦେଉଥିବା ବୃକ୍ଷରାଜି, ଜଳ ଯୋଗାଣ ସଂସ୍ଥା ଓ ଆରାଧନା ସ୍ଥଳକୁ କୌଶଳରେ ଅକ୍ତିଆର କରିଥିବା ମହାତ୍ମା ଓ ଦେବୀମାନେ, ନିଜ ଆଖି, କାନ, ମସ୍ତିଷ୍କ ଓ ପ୍ରେମ ବିନିମୟରେ କ୍ରୟ କରିଥିବା ମୁଖାଗୁଡ଼ିକ ଦ୍ୱାରା ଶୋଭିତ ମଣିଷ, ଯେଉଁମାନେକି ଆକର୍ଷଣୀୟ ସ୍ଲୋଗାନର, ସଭାସମିତି ଓ ବିଜ୍ଞାପନର ଖେଳ ଖେଳନ୍ତି ଏବଂ ଖଣ୍ଡ ବିଖଣ୍ଡିତ ବ୍ୟକ୍ତିତ୍ୱଧାରୀ ମଣିଷ, ଯେଉଁମାନେ ଶୂନ୍ୟତା ସହ ସଂପୃକ୍ତ ଓ ପ୍ରାୟ କେହି ନୁହନ୍ତି (ବ୍ୟକ୍ତିତ୍ୱହୀନ) ।

ଏହି ସଂରଚନା ମାନବିକ ସ୍ଥିତି ସଂପର୍କରେ ନିର୍ଦ୍ଦିଷ୍ଟ କେତେକ ମୌଳିକ ପ୍ରଶ୍ନ ଉତ୍ଥାପନ କରେ ।

ଏହାର ଶୈଳୀ ମଧ୍ୟ ଆଗ୍ରହୋଦ୍ଦୀପକ, ଆକର୍ଷଣୀୟ ଓ ସଂକ୍ଷିପ୍ତ । ସଂଲଗ୍ନ ବାକ୍ୟାବଳୀ ନିହିତ ସଂଳାପ, ରଚନାର ହଠାତ୍ ଗତିଶୀଳତା, ବକ୍ତବ୍ୟ ପ୍ରକାଶରେ ନିର୍ଭୀକତା, ପ୍ରଭାବଶାଳୀ ମନ୍ତବ୍ୟ, ଜଟିଳ ପ୍ରଶ୍ନମାଳା ଇତ୍ୟାଦି ସହରଟିର ପରିବର୍ତ୍ତନଶୀଳ ମୁଖ ଓ ମୂଲ୍ୟବୋଧକୁ ଦୃଢ଼ ଏବଂ ଗଭୀର କରିତୋଳିଛି ।

ଆଶା କରାଯାଏ ଅଣଡୋଗ୍ରୀ ଭାଷାଭାଷୀ ପାଠକଗଣ ଏହି ନଗର ମନ୍ଥନର ବିଭୂତିକୁ ଉପଭୋଗ କରିବେ । କାରଣ ଏହି 'ନଗର ମନ୍ଥନ'ର ଅନ୍ୟ ନାମ ମାନବିକ ଚେତନାର ମନ୍ଥନ ।

ମୂଲ୍ୟ : ୩୦ ଟଙ୍କା

ISBN : 81-7201-254-3

Digitized by PPRACHIN, SOA